ନିତିଦିନ NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

WEDNESDAY
4 NOVEMBER 2026

ବୁଧବାର
୪ ନଭେମ୍ବର ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 12 • ISSUE 154 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୨ • ସଂଖ୍ୟା ୧୫୪ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

କ୍ୱାସି-ବାଲିଷ୍ଟିକ୍ କ୍ଷେପଣାସ୍ତ୍ର 'ପ୍ରଳୟ'ର ସଫଳ ପରୀକ୍ଷଣ

ଚାନ୍ଦିପୁର,୩।୧୧/ଏନ୍‌ଏନ୍‌ଏସ୍:



ପ୍ରତିରକ୍ଷା ଅନୁସନ୍ଧାନ ଓ ବିକାଶ ସଂଗଠନ (ଡିଆରଡିଓ) ନଭେମ୍ବର ୩ ତାରିଖରେ ଓଡ଼ିଶାର ଚାନ୍ଦିପୁରସ୍ଥିତ ଇଣ୍ଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜ୍ (ଆଇଟିଆର୍)ର ଲଞ୍ଚପ୍ୟାଡ୍ ନମ୍ବର ୩ରୁ 'ପ୍ରଳୟ' କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରିଛି। ଭାରତର ପ୍ରତିରକ୍ଷା କ୍ଷେତ୍ରରେ ଏକ ବଡ଼ ସଫଳତା ସ୍ୱରୂପ, ଏହି କ୍ୱାସି-ବାଲିଷ୍ଟିକ୍ କ୍ଷେପଣାସ୍ତ୍ରଟି ୫୦୦ କିଲୋମିଟର ଦୂରରେ ଥିବା ଦୁଇଟି କୃତ୍ରିମ ଲକ୍ଷ୍ୟସ୍ଥଳକୁ ସଫଳତାର ସହ ଧ୍ୱଂସ କରିଛି। ଯଦିଓ ଡିଆରଡିଓ ପକ୍ଷରୁ ଏହି ପରୀକ୍ଷଣ ସମ୍ପର୍କରେ କୌଣସି ଆନୁଷାନିକ ବିବୃତ୍ତି ଜାରି କରାଯାଇନାହିଁ, ତଥାପି ବିଭିନ୍ନ ରିପୋର୍ଟ ଅନୁଯାୟୀ ପରୀକ୍ଷଣ କରାଯାଇଥିବା କ୍ଷେପଣାସ୍ତ୍ରଟି କ୍ୱାସି-ବାଲିଷ୍ଟିକ୍ 'ପ୍ରଳୟ' ବୋଲି ଜଣାପଡ଼ିଛି। ଏହି କ୍ଷେପଣାସ୍ତ୍ର ମାକ୍-୫ ଗତି ହାସଲ କରିଥିବା ଜଣାପଡ଼ିଛି, ଯାହା ଶବ୍ଦର ଗତିଠାରୁ ୫ ଗୁଣ ଅଧିକ (ପ୍ରାୟ ଘଣ୍ଟା ପ୍ରତି ୬,୧୭୪ କିଲୋମିଟର)। ସରଳ ଭାଷାରେ କହିବାକୁ ଗଲେ, ୫୦୦ କିଲୋମିଟର ଦୂରତା ଅତିକ୍ରମ କରିବାକୁ ଏହାକୁ ପ୍ରାୟ ୭ ରୁ ୮ ମିନିଟ୍ ସମୟ ଲାଗିଥାଏ। ଏହାର ଅନ୍ତିମ ପର୍ଯ୍ୟାୟ ଏତେ ଦ୍ରୁତଗାମୀ ଯେ 'ଆଇରନ୍ ଡୋମ୍' କିମ୍ବା ▶▶ ୫

ଆନ୍ଧ୍ରରେ ଭାଙ୍ଗିଲା ହଜାର ହଜାର ଗଛ, ୨ ମୃତ

ତେଲେଙ୍ଗାନାରେ ବାତ୍ୟା 'ମୁରାସୁ'

ହାଇଦ୍ରାବାଦ,ଅମରାବତୀ,୩।୧୧/ଏଜେନ୍ସି:

ଆନ୍ଧ୍ର ପ୍ରଦେଶ ଉପକୂଳ ଛୁଇଁଥିବା ବାତ୍ୟା 'ମୁରାସୁ' ଏବେ ତେଲେଙ୍ଗାନା ଆଡ଼କୁ ଗତି କରିଛି। ଆଶ୍ୱସ୍ତିର ବିଷୟ ହେଉଛି ଏହାର ତୀବ୍ରତା ଘଣ୍ଟା ପ୍ରତି ୧୦୦ କିଲୋମିଟରରୁ ହ୍ରାସ ପାଇ ଏବେ ପ୍ରାୟ ୫୦ କିଲୋମିଟରକୁ ଖସିଆସିଛି।

ରିପୋର୍ଟ ଅନୁସାରେ ବାତ୍ୟା 'ମୁରାସୁ' ପ୍ରଭାବରେ ତେଲେଙ୍ଗାନାର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ଆରମ୍ଭ ହୋଇଯାଇଛି। କେବଳ ଆସଓ୍ୱାରାଓପେଟ୍‌ରେ ୬.୮ ସେମି ବର୍ଷା, ହୋଇଥିବା ରେକର୍ଡ କରାଯାଇଛି। ଅମଳକ୍ଷମ ଫସଲ ନଷ୍ଟ ହେବା ଆଶଙ୍କାରେ ଚାଷୀଙ୍କ ଚିନ୍ତା ବଢ଼ିଛି। ସ୍ଥିତିକୁ ଦୃଷ୍ଟିରେ ରଖି ତେଲେଙ୍ଗାନାର ଏକାଧିକ ଜିଲ୍ଲାରେ ରେଡ୍ ଓ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ମଙ୍ଗଳବାର ରାତି ୧୦ଟା ୩୦ ସୁଦ୍ଧା ପ୍ରକାଶିତ ରିପୋର୍ଟ ଅନୁସାରେ, ଭଦ୍ରାଦ୍ରି କୋଠାଗୁଡେମ୍, ଖମ୍ମମ୍, ନାଲଗୋଣ୍ଡା, ସୂର୍ଯ୍ୟାପେଟ୍, ନାଗରକର୍ଣ୍ଣୁଲ୍ ଓ ମହବୁବନଗର ସମେତ ଅନେକ ଜିଲ୍ଲାରେ ବର୍ଷାର ପ୍ରଭାବ ଦେଖାଦେଇଛି। ବର୍ଷାର ପ୍ରଭାବରେ ସଙ୍ଗୁପଲ୍ଲୀର ଖୋଲାମୁହଁ କୋଇଲା ଖଣିରେ ଉତ୍ପାଦନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଖଣି ଅଞ୍ଚଳରେ ବର୍ଷାଜଳ ଜମିବା ଓ ସୁରକ୍ଷା ସମସ୍ୟା ଯୋଗୁଁ କାର୍ଯ୍ୟ ପରିଚାଳନା ପ୍ରଭାବିତ ହୋଇଥିବା ରିପୋର୍ଟ ମିଳିଛି। କୋଠାଗୁଡେମ୍ ▶▶ ୫

ମହାପ୍ରଭୁଙ୍କ ବଡ଼ ମହାସ୍ନାନ

ଶ୍ରୀମନ୍ଦିର ଧୁକୁଡ଼ି ଦ୍ୱାରରେ ଭକ୍ତଙ୍କ ବାନ୍ତି; ଦେଢ଼ ଘଣ୍ଟା ଦର୍ଶନ ବନ୍ଦ

ପୁରୀ,୩।୧୧/ଏନ୍‌ଏନ୍‌ଏସ୍:

ଶ୍ରୀମନ୍ଦିର ଭିତରେ ଧୁକୁଡ଼ି ଦ୍ୱାର ନିକଟରେ ଜଣେ ଭକ୍ତ ବାନ୍ତି କରିଦେବାରୁ ମହାପ୍ରଭୁଙ୍କ ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ଏହା ଫଳରେ ପ୍ରାୟ ଦେଢ଼ ଘଣ୍ଟା ପର୍ଯ୍ୟନ୍ତ ସାଧାରଣ ଦର୍ଶନ ବନ୍ଦ ରହିଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ, ଆଜି ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ହେବା ପରେ ଧୁକୁଡ଼ି ଦ୍ୱାର ନିକଟରେ ଜଣେ ଭକ୍ତ ଅସୁସ୍ଥ ହୋଇ ବାନ୍ତି କରିଦେଇଥିଲେ। ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ମନ୍ଦିର ଭିତରେ ବାନ୍ତି, ଛେପ ପଡ଼ିଲେ ତାହା ଅଶୌଚ ବୋଲି ବିବେଚନା କରାଯାଏ ଓ ତୁରନ୍ତ ମହାସ୍ନାନ କରାଯାଇଥାଏ। ତେଣୁ ଶାସ୍ତ୍ର ଅନୁଯାୟୀ ମହାପ୍ରଭୁଙ୍କ ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ଏଥିପାଇଁ ମହାସ୍ନାନ ଶେଷ ହେବା ଯାଏଁ ଭକ୍ତମାନଙ୍କ ପାଇଁ ଦର୍ଶନ ବନ୍ଦ ରହିଥିଲା।

ଅକ୍ଷୟ ଶକ୍ତିରେ ଓଡ଼ିଶାର ଐତିହାସିକ ଲମ୍ଫ: ୧୮ ଏମଓୟୁ ସ୍ୱାକ୍ଷରିତ

ଆସିବ ୧.୧୭ ଲକ୍ଷ କୋଟିର ପୁଞ୍ଜିନିବେଶ

ଭୁବନେଶ୍ୱର,୩।୧୧,ଏନ୍‌ଏନ୍‌ଏସ୍:

ସ୍ୱଚ୍ଛ ଶକ୍ତିରେ ଓଡ଼ିଶାକୁ ଆସିବ ୧.୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ। ଏହି ପୁଞ୍ଜିନିବେଶ ମୁଖ୍ୟତଃ ପମ୍ପଡ୍ ଷ୍ଟୋରେଜ୍, ସୌର ଓ ପବନ ଶକ୍ତି, ହାଇବ୍ରିଡ୍ ଅକ୍ଷୟ ଶକ୍ତି, ବ୍ୟାଟେରୀ ଷ୍ଟୋରେଜ୍, ଗ୍ରୀନ୍ ହାଇଡ୍ରୋଜେନ୍, ଗ୍ରୀନ୍ ଡାଟା ସେଣ୍ଟର ଏବଂ ଅନ୍ୟାନ୍ୟ ଉଦୀୟମାନ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବିନିଯୋଗ ହେବ। ୧୧,୭୪୨ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ହେବ। ସେହିପରି ଓଡ଼ିଶାରେ ଶକ୍ତି ଭିତ୍ତିଭୂମି ପାଇଁ ୧୬ ହଜାର କୋଟି ଟଙ୍କାର ନିବେଶ କରାଯାଉଛି। ନୀତିରେ ସ୍ଥିରତା, ମଞ୍ଜୁରୀ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତା ଉପରେ ଆଲୋକପାତ କରି ନିବେଶକମାନଙ୍କୁ ଓଡ଼ିଶାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆମନ୍ତ୍ରଣ କରିଛନ୍ତି।

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଅନୁଷ୍ଠିତ 'ଭାରତ ଅକ୍ଷୟ ଶକ୍ତି ସମ୍ମିଳନୀ ଓ ପ୍ରଦର୍ଶନୀ ୨୦୨୬'ରେ ଓଡ଼ିଶା ୧୮ଟି ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ଏହି ୧୮ଟି ଏମ୍‌ଓୟୁ ଓଡ଼ିଶାର ଅକ୍ଷୟ ଶକ୍ତି କ୍ଷେତ୍ରରେ ପୁଞ୍ଜିନିବେଶ ସୁଯୋଗକୁ ଆଗକୁ ବଢ଼ାଇବା ଦିଗରେ ଏକ ମାଇଲଖୁଣ୍ଟ। ଏହି ସମ୍ମିଳନୀରେ ଅଂଶୀଦାର ରାଜ୍ୟ ଭାବେ ଯୋଗଦେଇ ଓଡ଼ିଶା ଏକ ସୁଦୃଢ଼ ସବୁଜ ଶକ୍ତି ପରିବେଶ ଗଠନ କରିବା ସହ ଦେଶର ଶକ୍ତି ରୂପାନ୍ତରଣ ଅଭିଯାନରେ ନିଜର ଅଙ୍ଗୀକାରବଦ୍ଧତା ପ୍ରକାଶ କରିଛି। 'ଓଡ଼ିଶା ପାଭିଲିୟନ୍' ଏବଂ 'ନେଦରଲ୍ୟାଣ୍ଡ୍ସ ପାଭିଲିୟନ୍'ର ଉଦ୍‌ଘାଟନ ପରେ ବୁଝାମଣାପତ୍ରଗୁଡ଼ିକ ସ୍ୱାକ୍ଷରିତ ହୋଇଥିଲା। ପରେ 'ଓଡ଼ିଶାରେ ଅକ୍ଷୟ ଶକ୍ତି କ୍ଷେତ୍ରରେ ପୁଞ୍ଜିନିବେଶ ସୁଯୋଗ' ଶୀର୍ଷକ ରାଜ୍ୟସ୍ତରୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଅଧିବେଶନକୁ ସମ୍ବୋଧିତ କରି କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଥିଲେ ଯେ, ଭାରତର ସ୍ୱଚ୍ଛ ଶକ୍ତି ରୂପାନ୍ତରଣ ପ୍ରକ୍ରିୟାରେ ଓଡ଼ିଶାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ରାଜ୍ୟର ବିପୁଳ ପ୍ରାକୃତିକ ସମ୍ପଦ, ସୁଦୃଢ଼ ଶିଳ୍ପ ଆଧାର ଏବଂ ଉନ୍ନତ ବନ୍ଦର ଭିତ୍ତିଭୂମି ନିବେଶକଙ୍କ ପାଇଁ ଶ୍ରେଷ୍ଠ ସୁଯୋଗ ସୃଷ୍ଟି କରୁଛି। ଅକ୍ଷୟ ଶକ୍ତି, ଶକ୍ତି ସଂରକ୍ଷଣ, ଫ୍ଲୋଟିଂ ସୋଲାର, ପବନ ଶକ୍ତି, ଗ୍ରୀନ୍ ହାଇଡ୍ରୋଜେନ୍ ଓ ଗ୍ରୀନ୍ ଆମୋନିଆ କ୍ଷେତ୍ରରେ ରହିଥିବା ସମ୍ଭାବନା ଉପରେ ସେ ଆଲୋକପାତ କରିବା ସହ ଏହି ସବୁ କ୍ଷେତ୍ରକୁ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ସରକାରଙ୍କ ନୀତିଗତ ପ୍ରୋତ୍ସାହନ ବିଷୟରେ ଉଲ୍ଲେଖ କରିଥିଲେ। ଦେଶର ସବୁଜ ଶକ୍ତି ଲକ୍ଷ୍ୟ ହାସଲ ପାଇଁ କେନ୍ଦ୍ର, ରାଜ୍ୟ ଓ ଶିଳ୍ପ ସଂସ୍ଥାଗୁଡ଼ିକ ମଧ୍ୟରେ ମିଳିତ ସହଯୋଗ ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅବସରରେ କହିଛନ୍ତି ଯେ, ଆଜିର ଦିନଟି ହେଉଛି ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଓଡିଶା ପାଇଁ ଏକ ଐତିହାସିକ କ୍ଷଣ। ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭର ହେବା ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀ ଯେଉଁ ଲକ୍ଷ୍ୟ ରଖିଛନ୍ତି ତାହା ପୂରଣ କରିବା ଦିଗରେ ଓଡିଶା ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଓଡ଼ିଶାକୁ ଦେଶର ଅଗ୍ରଣୀ ସ୍ୱଚ୍ଛ ଶକ୍ତି ହବ୍‌ରେ ପରିଣତ କରିବା ସହ ଭାରତର ଶ୍ରେଷ୍ଠ ପାଞ୍ଚଟି ବିଦ୍ୟୁତ୍ ରପ୍ତାନିକାରୀ ରାଜ୍ୟ ମଧ୍ୟରେ ସାମିଲ କରିବାର ଦୀର୍ଘମିଆଦୀ ରୋଡ୍‌ମାପ୍ ଉପସ୍ଥାପନ କରି କହିଥିଲେ, 'ଓଡ଼ିଶା ନିବେଶ ପାଇଁ ପ୍ରସ୍ତୁତ ଏବଂ ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ପୁଞ୍ଜିନିବେଶକୁ ସ୍ୱାଗତ କରୁଛି'। ୨୦୪୭ ସୁଦ୍ଧା ରାଜ୍ୟର ମୋଟ ସ୍ଥାପିତ ବିଦ୍ୟୁତ୍ କ୍ଷମତାର ୭୪ ପ୍ରତିଶତ ଅଣ-ଜୀବାଶ୍ମ ଉତ୍ସରୁ ହାସଲ ▶▶ ୫

୧୧,୭୪୨ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ

ଶକ୍ତି ଭିତ୍ତିଭୂମି ପାଇଁ ନିବେଶ ହୋଇଛି ୧୬ ହଜାର କୋଟି

ନିବେଶକମାନଙ୍କୁ ଓଡିଶାକୁ ଆମନ୍ତ୍ରଣ କଲେ ମୁଖ୍ୟମନ୍ତ୍ରୀ

ଆମେରିକା ମିଡ୍‌ଟର୍ମ ନିର୍ବାଚନ

ଆରମ୍ଭ ହେଲା ଭୋଟ୍ ଗ୍ରହଣ ପ୍ରକ୍ରିୟା

ୱାଶିଂଟନ୍, ତେହରାନ୍, ୩।୧୧/ଏଜେନ୍ସି:

ଆମେରିକାରେ ମଙ୍ଗଳବାର ସକାଳ (ଭାରତୀୟ ସମୟାନୁସାରେ ସନ୍ଧ୍ୟା ୪:୩୦)ରୁ ମିଡଟର୍ମ (ମଧ୍ୟବର୍ତ୍ତୀକାଳୀନ) ନିର୍ବାଚନ ପାଇଁ ମତଦାନ ଆରମ୍ଭ ହୋଇଛି। ଆମେରିକାରେ ମିଡଟର୍ମ ନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ଜାରି ରହିଛି। ଭାରତୀୟ ସମୟ ଅନୁଯାୟୀ ମଙ୍ଗଳବାର ସନ୍ଧ୍ୟା ୪:୩୦ ରୁ ଭୋଟିଂ ଆରମ୍ଭ ହୋଇଛି, ଯାହା ବୁଧବାର ମଧ୍ୟାହ୍ନ ୧୧:୩୦ ପର୍ଯ୍ୟନ୍ତ ଚାଲିବ। ନ୍ୟୁୟର୍କର ୱେଷ୍ଟଚେଷ୍ଟର ଜିଲ୍ଲାରେ କେତେକ ଭୋଟିଂ ମେସିନ୍ ବାଲଟ୍ ପେପର ସ୍କାନ୍ କରିପାରୁ ନାହିଁ। ଅନ୍ୟପକ୍ଷରେ, ଫ୍ଲୋରିଡାରେ ବନ୍ୟା ଯୋଗୁଁ ୨୧ଟି ମତଦାନ କେନ୍ଦ୍ରକୁ ବଦଳାଇବାକୁ ପଡ଼ିଛି। ମତଦାନ ଆରମ୍ଭ ହେବାର ପ୍ରାୟ ୪୫ ମିନିଟ୍ ପୂର୍ବରୁ ଏହି ନିଷ୍ପତ୍ତି ନିଆଯାଇଥିଲା। ଆମେରିକାରେ ରାଷ୍ଟ୍ରପତି ନିର୍ବାଚନର ଠିକ୍ ଦୁଇ ବର୍ଷ ପରେ ଏହି ମିଡଟର୍ମ ନିର୍ବାଚନ ଅନୁଷ୍ଠିତ ହୋଇଥାଏ। ଏହି ନିର୍ବାଚନରେ ଆମେରିକୀୟ ସଂସଦର ତଳ ସଦନ ▶▶ ୫

ଆନ୍ତଃଜିଲ୍ଲା ଚୋରଗ୍ୟାଙ୍ଗ୍‌ର ପର୍ଦ୍ଦାଫାସ

୧୨ ଗିରଫ; ୫୦୦ ଗ୍ରାମ ସୁନା, ୧୧ କେଜି ରୂପା ଜବତ

ବାଣପୁର, ୩।୧୧/ଏନ୍‌ଏନ୍‌ଏସ୍:

ଦୀର୍ଘ ଦୁଇ ମାସ ଧରି ଖୋର୍ଦ୍ଧା ଜିଲ୍ଲାର ବାଣପୁର, ବାଲୁଗାଁ, ଟାଙ୍ଗୀ ଓ ନାରୁଣୀ ଆଦି ଅଞ୍ଚଳର ବିଭିନ୍ନ ସ୍ଥାନରୁ ଚୋରି/ଡକାୟତି କରୁଥିବା ଏକ ଆନ୍ତଃଜିଲ୍ଲା ଡକାୟତ ଗ୍ୟାଙ୍ଗ୍‌କୁ ଧରିବାରେ ସଫଳ ହୋଇଛି ବାଲୁଗାଁ ପୁଲିସ୍ ଟିମ୍। ରିପୋର୍ଟ ଅନୁସାରେ ଖୋର୍ଦ୍ଧା ଏସ୍‌ପି ପରମାର ସ୍ଥିତ ପୁରୁଷୋତ୍ତମ ଦାସଙ୍କ ନିର୍ଦ୍ଦେଶକ୍ରମେ ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ ପଟ୍ଟ ନାୟକଙ୍କ ନେତୃତ୍ୱରେ ପୁଲିସ୍‌ର ସ୍ୱତନ୍ତ୍ର ଟିମ ବିଭିନ୍ନ ସ୍ଥାନରେ ଚଢ଼ାଉ କରିବା ପୂର୍ବକ ୧୨ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ରିପୋର୍ଟ ଅନୁସାରେ ଗିରଫ ଅଭିଯୁକ୍ତଙ୍କ ନିକଟରୁ ବିପୁଳ ପରିମାଣର ସୁନା ଓ ରୂପା ଅଳଙ୍କାର ▶▶ ୫

କୋଟିଆ ସୀମାରେ ମୁହାଁମୁହିଁ ଓଡ଼ିଶା-ଆନ୍ଧ୍ର ପୁଲିସ୍

ବ୍ୟାରିକେଡ୍ ଭାଙ୍ଗିବା ଉଦ୍ୟମକୁ ନେଇ ଚରମ ଉତ୍ତେଜନା

କୋରାପୁଟ, ୩।୧୧/ଏନ୍‌ଏନ୍‌ଏସ୍:

ଆଇନ ଶୃଙ୍ଖଳା ପାଇଁ ୧୬ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ

ବିବାଦୀୟ କୋଟିଆ ସୀମାନ୍ତ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଓଡ଼ିଶା ପ୍ରଶାସନ ପକ୍ଷରୁ ଆନ୍ଧ୍ରପ୍ରଦେଶର ଅନଧିକୃତ ପ୍ରବେଶ ତଥା ପଞ୍ଚାୟତ ନିର୍ବାଚନ ଆୟୋଜନକୁ ରୋକିବା ପାଇଁ ଲଗାଯାଇଥିବା ବ୍ୟାରିକେଡ୍‌କୁ ଆନ୍ଧ୍ରପ୍ରଦେଶ ପୁଲିସ୍ ଭାଙ୍ଗିବାକୁ ଉଦ୍ୟମ କରିବା ପରେ ପରିସ୍ଥିତି ଭୀଷଣ ଉତ୍ତେଜନାପ୍ରବଣ ହୋଇପଡ଼ିଥିଲା। ୧୯୩୦ ଦଶକରୁ ଦୁଇ ରାଜ୍ୟ ମଧ୍ୟରେ ଚାଲିଆସିଥିବା ଏହି ବିବାଦ ପୁଣି ଥରେ ତେଜିଛି, ଯେତେବେଳେ ଆନ୍ଧ୍ରପ୍ରଦେଶ ସରକାର ▶▶ ୫

ପାନୀୟ ଜଳ ପାଇଁ ଯୁଦ୍ଧକାଳୀନ ପଦକ୍ଷେପ

୯୮% ନଳକୂପର ମରାମତି ଓ ବିଶୋଧନ ଶେଷ

ଭୁବନେଶ୍ୱର, ୩।୧୧/ଏଜେନ୍ସି:

ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବ ପରେ ଦକ୍ଷିଣ ଓଡ଼ିଶାର ଗଞ୍ଜାମ, ଗଜପତି ଏବଂ କନ୍ଧମାଳ ଜିଲ୍ଲାରେ ପାନୀୟ ଜଳ ବ୍ୟବସ୍ଥା ସ୍ୱାଭାବିକ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି। ରିପୋର୍ଟ ଅନୁସାରେ ବିଭିନ୍ନ ପ୍ରଭାବିତ ଅଞ୍ଚଳରେ ଅଚଳ ହୋଇପଡ଼ିଥିବା ନଳକୂପ ମଧ୍ୟରୁ ୯୭.୫୮ ପ୍ରତିଶତ ବା ୪୭୨୨ ନଳକୂପର ମରାମତି ଓ ବିଶୋଧନ କାର୍ଯ୍ୟ ଶେଷ ହୋଇଥିବା ନେଇ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ଅନୁଯାୟୀ, ଲୋକଙ୍କୁ ନିରାପଦ ପାନୀୟ ଜଳ ଯୋଗାଇଦେବା ପାଇଁ ▶▶ ୫

ଅର୍ଣ୍ଣବ ଓ ମୁରାସୁ ପ୍ରସଙ୍ଗରେ ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା

୪ ଆଇଏଏସ୍‌ଙ୍କୁ ଅତିରିକ୍ତ ଏସ୍‌ଆର୍‌ସି କ୍ଷମତା

ଭୁବନେଶ୍ୱର,୩।୧୧/ଏନ୍‌ଏନ୍‌ଏସ୍:

ବାତ୍ୟା 'ଅର୍ଣ୍ଣବ' ଯୋଗୁ ଲଗାଣ ବର୍ଷା ଏବଂ ତା'କାରଣରୁ ଆସିଥିବା ବନ୍ୟା ପ୍ରଭାବରେ ବିଶେଷ ଭାବେ ପ୍ରଭାବିତ ଗଞ୍ଜାମ, ଗଜପତି ଏବଂ କନ୍ଧମାଳ ଜିଲ୍ଲା ସହିତ ସମ୍ପ୍ରତି ଲ୍ୟାଣ୍ଡଫଲ୍ କରିସାରିଥିବା ବାତ୍ୟା 'ମୁରାସୁ' ସଂକ୍ରାନ୍ତରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ ବିସ୍ତୃତ ସମୀକ୍ଷା କରିଛନ୍ତି। ମନ୍ତ୍ରୀ ଶ୍ରୀ ପୂଜାରୀ ସୂଚନା ଦେଇଛନ୍ତି, ଗତକାଲି ବିଳମ୍ବିତ ରାତିରେ ବାତ୍ୟା 'ମୁରାସୁ' ଆନ୍ଧ୍ର ପ୍ରଦେଶରେ ପ୍ରବେଶ କରିସାରିଛି। ବର୍ତ୍ତମାନ ଆନ୍ଧ୍ରପ୍ରଦେଶର ବିଜୟୱାଡା ତଳକୁ ଅଛି ଏବଂ ଆଗକୁ ବଢୁଛି। ଏହା କ୍ରମଶଃ ଆଗକୁ ବଢି ତେଲେଙ୍ଗାନା ପଟକୁ ମୁହାଁଇବ। ଏହାର ପ୍ରଭାବରେ ବର୍ତ୍ତମାନ ପର୍ଯ୍ୟନ୍ତ ଓଡ଼ିଶାର କୌଣସି ଜିଲ୍ଲା ବିଶେଷ ଭାବରେ ପ୍ରଭାବିତ ହୋଇନାହିଁ । ସଦ୍ୟ ପ୍ରାପ୍ତ ସୂଚନା ଅନୁଯାୟୀ ଗତ ଚବିଶ ଘଣ୍ଟାରେ ସାରା ରାଜ୍ୟରେ ହାରାହାରି ୨ ମିମି ବର୍ଷା ହୋଇଛି। ପୁରୀରେ ୧୨ ମିମି ବର୍ଷା ହୋଇଥିବା ବେଳେ ମାଲକାନଗିରି, କୋରାପୁଟ, ଗଞ୍ଜାମ ଜିଲ୍ଲାରେ ୧୦ ମିମି କିମ୍ବା ତା'ଠୁଁ କମ୍ ବର୍ଷା ହୋଇଛି।

ରାଜ୍ୟସରକାର ସମ୍ପୂର୍ଣ୍ଣ ପରିସ୍ଥିତି ନିରୀକ୍ଷଣ କରୁଛନ୍ତି ଏବଂ ସମସ୍ତ ପ୍ରକାର ପରିସ୍ଥିତି ନିମନ୍ତେ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛନ୍ତି। ଗଞ୍ଜାମ ଜିଲ୍ଲାରେ ପ୍ରାୟ ୧,୫୨,୦୧୦ ଜନସାଧାରଣ ସ୍ଥାନାନ୍ତରିତ ହୋଇଥିବା ବେଳେ ଗଜପତି ଜିଲ୍ଲାରେ ୬୨୦,ମାଲକାନଗିରି ଜିଲ୍ଲାରେ ୫୦୭୩, କୋରାପୁଟ ଜିଲ୍ଲାରେ ୧୧୦୧, କନ୍ଧମାଳ ଜିଲ୍ଲାରେ ୬୨୬୯, ରାୟଗଡ଼ା ଜିଲ୍ଲାରେ ୭୩୬ ; ଏହିପରି ଭାବେ ସର୍ବମୋଟ୍ ପ୍ରାୟ ୧,୬୫,୮୦୯ ▶▶ ୫

ଆଗକୁ ଐତିହାସିକ ବାଲିଯାତ୍ରା

ବର୍ଗଫୁଟ୍ ପିଛା ୧୩୦୦ ଟଙ୍କା ଛୁଇଁଲା ପ୍ଲଟ୍ ମୂଲ୍ୟ

କଟକ, ୩।୧୧/ଏନ୍‌ଏନ୍‌ଏସ୍:

ଆଗକୁ ଐତିହାସିକ କଟକ ବାଲିଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ପ୍ଲଟ୍ ନିଲାମ ପ୍ରକ୍ରିୟା ଆରମ୍ଭ ହୋଇଛି। ବାରବାଟୀ ପ୍ୟାଲେସ୍, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏବଂ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରସ୍ତୁତ କରାଯାଇଥିବା ସାତୋଟି କାଉଣ୍ଟର ମାଧ୍ୟମରେ ଏହି ନିଲାମ କାର୍ଯ୍ୟ ଚାଲୁ ରହିଛି, ଯାହାକି ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଅନ୍ୟପକ୍ଷେ

ଏଥର ବାଲିଯାତ୍ରାରେ ଟାଇଟାନିକ୍ ଜାହାଜର ମଡେଲ୍

କଟକ,ମା୧୧/ଏନ୍ଏନ୍ଏସ୍: ବାଣିଜ୍ୟିକ ପରମ୍ପରା ଓ ନୌବାଣିଜ୍ୟର ସ୍ମୃତି ବହନ କରୁଥିବା ଐତିହାସିକ ବାଲିଯାତ୍ରାରେ ଏଥର ଯୋଡ଼ିହେବାକୁ ଏକ ନୂଆ ଆକର୍ଷଣ। ପ୍ରଥମ ଥର ପାଇଁ ଏଠାରେ ବିଶ୍ୱପ୍ରସିଦ୍ଧ ଟାଇଟାନିକ୍ ଜାହାଜର ମଡେଲ୍ ଭିତରେ ପ୍ରବେଶ କରି ଏହାର ଅନୁଭୂତି ସାଉଁଟିବାର ସୁଯୋଗ ମିଳିବ। ଚଳ ପଡ଼ିଆ କାର୍ତିକେଶ୍ୱର ଗଡ଼ା ନିକଟରେ ଏହି ଆକର୍ଷଣୀୟ ପ୍ରଦର୍ଶନୀର ଆୟୋଜନ ହେଉଛି। ଯାହାକୁ ଓଡ଼ିଶା ଦୋଳି ମୀନାବଜାର ମହାସଙ୍ଘ ପକ୍ଷରୁ ଅଣାଯାଇଛି। ତେବେ ଟାଇଟାନିକ୍ ମଡେଲ୍ ତିଆରି କରିବାକୁ ମାସେ ସମୟ ଲାଗିବାକୁ ଥିଲାବେଳେ ଏବେ ଏହାର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ବାଉଁଶ ବନ୍ଧା କାର୍ଯ୍ୟ ଏବେ ଚାଲିଛି। ବିଶ୍ୱର ସବୁଠୁ ଚର୍ଚ୍ଚିତ ଯାତ୍ରୀବାହୀ ଜାହାଜ ମଧ୍ୟରୁ ଟାଇଟାନିକ୍ ଅନ୍ୟତମ।ଲୋକମାନେ ଏହି ଜାହାଜ ସଦୃଶ ମଡେଲ୍‌ରେ ପ୍ରବେଶ କରିବା ପରେ ଅସଲି ଜାହାଜର ଅନୁଭୂତି ପାଇବେ। ସେଠାରେ ଅନେକ ସେଲ୍ଫି ପଏଣ୍ଟ ମଧ୍ୟ ରହିବ।

ବେଆଇନ ବାଣ ଗୋଦାମ ଉପରେ ଚଢ଼ଉ

୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବାଣ ଜବତ

କଟକ,ମା୧୧/ଏନ୍ଏନ୍ଏସ୍: ଦୀପାବଳି ପୂର୍ବରୁ ବେଆଇନ ବାଣ ଗଚ୍ଛିତ ରଖିବା ଓ ବିକ୍ରି ବିରୋଧରେ କମିଶନରେଟ୍ ପୁଲିସର କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସିଡିଏ ସେକ୍ଟର-୯ ଅଞ୍ଚଳର ଏକ ଭଡ଼ା ଘରେ ଚଢ଼ାଉ କରି ବିପୁଳ ପରିମାଣର ବାଣ ଜବତ କରିଛି ମର୍କତ ନଗର ପୁଲିସ। ଜବତ ବାଣର ଆନୁମାନିକ ବଜାର ମୂଲ୍ୟ ୫ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଜଣାପଡ଼ିଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଜବତ ବାଣ ମଧ୍ୟରେ ୩୨ ପ୍ରକାରର ବିଭିନ୍ନ ଆତସବାଜି ରହିଛି। ତେବେ ଯେଉଁ ଘରୁ ବାଣ ଜବତ ହୋଇଛି, ସେହି ଘରର ମାଲିକ ବେଆଇନ ଭାବେ ବାଣ ଗଚ୍ଛିତ ରଖାଯାଇଥିବା ସମ୍ପର୍କରେ ଜାଣି ନାହାନ୍ତି ବୋଲି କହିଛନ୍ତି। ଅନ୍ୟପଟେ ଏହି ବାଣ ଗଚ୍ଛିତ ରଖିଥିବା ଅଭିଯୁକ୍ତ ଜଣକ ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ବର୍ତ୍ତମାନ ସୁଦ୍ଧା ତାକୁ ଧରିବାରେ ପୁଲିସ ସଫଳ ହୋଇନାହିଁ। ଦୀପାବଳିକୁ ଦୃଷ୍ଟିରେ ରଖି ସହରରେ ବେଆଇନ ବାଣ ଗଚ୍ଛିତ ରଖିବା ଓ ବିକ୍ରି ଉପରେ କମିଶନରେଟ୍ ପୁଲିସ ନଜର ରଖିଛି। ଏଭଳି କାର୍ଯ୍ୟରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା ଆଇନଗତ ପଦକ୍ଷେପ ନିଆଯିବ ବୋଲି ଜୋନ୍-୩ ଏସିପି ଅନନ୍ୟା ଅବସ୍ଥି ସୂଚନା ଦେଇଛନ୍ତି। ବାଣ ମଧ୍ୟରେ ବିଭିନ୍ନ ପ୍ରକାରର ସୁତୁଲା ବମ , ଅନ୍ୟନ୍ୟ ବାଣ ଜବତ କରାଯାଇଛି। ଯେଉଁଟି ବାଣ ରଖାଯାଇଥିଲା ସେଇଟା ରେସିଡେନ୍ସିଆଲ ଅଞ୍ଚଳ। ଏହାସହ ପେଟ୍ରୋଲ ଦୋକାନ ଥିଲା ଯେଉଁଠି ଏକ ପେଟ୍ରୋଲ କଂଟନର ବି ଥିଲା। ଯଦି କିଛି ଅଘଟଣ ଘଟିଥାନ୍ତା ସେଥିପାଇଁ ଅନେକ କ୍ଷୟକ୍ଷତି ହୋଇଥାନ୍ତା। ଗୋଟିଏ ଘରେ ଏତେ ପରିମାଣର ବାଣ ଗଚ୍ଛିତ ରଖିବା ବେଆଇନ। ଅନଲାଇନ୍ ମୋଡରେ ସୋସିଆଲ ମିଡିଆରେ ମଧ୍ୟ ଅନେକ ବ୍ୟକ୍ତି ବାଣ ବିକ୍ରୀ ପାଇଁ ଉଦ୍ୟମ କରୁଛନ୍ତି, ଏହା ମଧ୍ୟ ବେଆଇନ। ସାଇବର୍ ସେଲ୍ ଏହା ଉପରେ ନଜର ରଖିଛି ବୋଲି ପୁଲିସ କହିଛି। ସେହିପରି ଦୀପାବଳୀରେ ବାଣ ବ୍ୟବସାୟ ପାଇଁ ସ୍ୱତନ୍ତ୍ର ଗାଇଡଲାଇନ୍ସ ଜାରି କରିଛି କମିଶନରେଟ ପୁଲିସ। ଦୀପାବଳୀ ଦିନ କେବଳ ସନ୍ଧ୍ୟା ୭ରୁ ୯ଟା ମଧ୍ୟରେ ବାଣ ଫୁଟାଇବାକୁ କଟକ ଡିସିପି ଅପିଲ କରିଛନ୍ତି। କେବଳ ସବୁଜ ବାଣ ଫୁଟାଇବାକୁ ପୁଲିସ ପରାମର୍ଶ ଦେଇଛି। ସେହିପରି ବାଣ ବ୍ୟବସାୟ ପାଇଁ ସହରର ବିଭିନ୍ନ ସ୍ଥାନ ସ୍ଥିର କରାଯାଇଛି। ବିଶେଷକରି ଖୋଲା ସ୍ଥାନ ମାନଙ୍କରେ ବାଣ ବ୍ୟବସାୟ ପାଇଁ ସ୍ଥାନ ସ୍ଥିର କରାଯାଇଛି। ନଦୀ କୂଳ, ଖୋଲା ପଡ଼ିଆରେ ବ୍ୟବସାୟ ପାଇଁ ଅନୁମତି ଦେଇଛି ପୁଲିସ। ପୁଲିସର ଅନୁମତି ନେଇ ବାଣ ବ୍ୟବସାୟ କରିବାକୁ ଡିସିପି ପରାମର୍ଶ ଦେଇଛନ୍ତି। ବାଣ ଦୋକାନ ପାଖରେ ଅଗ୍ନି ନିର୍ବାପକ ଯନ୍ତ୍ର ରଖିବାକୁ ପରାମର୍ଶ ଦିଆଯାଇଛି।

ନାବାଳିକା ଦୁଷ୍କର୍ମ ମାମଲା

୨ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

କଟକ,ମା୧୧/ଏନ୍ଏନ୍ଏସ୍: ନାବାଳିକାକୁ ବିବାହର ପ୍ରଲୋଭନ ଦେଖାଇ ଅପହରଣ ଓ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତକୁ ୨୦ ବର୍ଷ କାରାଦଣ୍ଡାଦେଶ ଶୁଣାଇଛନ୍ତି କଟକର ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ କୋର୍ଟ। ଦୋଷୀ ସାବ୍ୟସ୍ତ ଅମର ପ୍ରତାପ ଓରଫ୍ ସୁକାନ୍ତ (୩୪)ଙ୍କୁ କୋର୍ଟ କାରାଦଣ୍ଡ ସହ ଜୋରିମାନା ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ପୀଡ଼ିତାଙ୍କୁ ୨ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ (ଡିଏଲ୍ଏସ୍ଏ)କୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୬ ମସିହାରେ ଖୁଣ୍ଟୁଣୀ ଥାନା ଅଞ୍ଚଳର ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ ବିବାହର ପ୍ରଲୋଭନ ଦେଖାଇ ଅଭିଯୁକ୍ତ ଅମର ଅପହରଣ କରି ନେଇଥିଲା। ପରେ ତାଙ୍କୁ ପ୍ରାୟ ଦୁଇ ମାସ ଧରି ଅଟକ ରଖି ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା। ଏହାପରେ ଅଭିଯୁକ୍ତ ଓ ତାଙ୍କ ପରିବାର ପକ୍ଷରୁ ୫୦ ହଜାର ଟଙ୍କା, ସୁନା ଅଳଙ୍କାର ଓ ମୋଟରସାଇକେଲ ଯୌତୁକ ଦାବି କରାଯାଇ ପୀଡ଼ିତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା। ଘଟଣାର ଗୁରୁତ୍ୱପୂର୍ଣ୍ଣ ମୋଡ଼ ନେଇଥିଲା ୨୦୧୬ ଏପ୍ରିଲ ୨୨ ତାରିଖରେ। ସେଦିନ ପୀଡ଼ିତାଙ୍କ ଉପରେ କିରୋସିନି ଢାଳି ଜୀବନରୁ ମାରିଦେବାକୁ ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଥିଲା। ତେବେ ସେ କୌଶଳକ୍ରମେ ସେଠାରୁ ଖସି ନିଜ ଘରେ ପହଞ୍ଚିଥିଲେ। ଏନେଇ ପୀଡ଼ିତାଙ୍କ ପରିବାର ପକ୍ଷରୁ ଖୁଣ୍ଟୁଣୀ ଥାନାରେ ଏତଲା ଦିଆଯାଇଥିଲା। ଏତଲା ଆଧାରରେ ପୁଲିସ ମାମଲାର ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିବା ସହ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲା। ପରବର୍ତ୍ତୀ ସମୟରେ ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ କୋର୍ଟରେ ମାମଲାର ବିଚାର ହୋଇଥିଲା। ସାକ୍ଷ୍ୟପ୍ରମାଣ ଓ ଅନ୍ୟାନ୍ୟ ତଥ୍ୟ ଆଧାରରେ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି କୋର୍ଟ ଏହି ଦଣ୍ଡାଦେଶ ଶୁଣାଇଛନ୍ତି।

ହୋପ୍ ୩୬୦ ଏକୀକୃତ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ

କଟକ,ମା୧୧/ଏନ୍ଏନ୍ଏସ୍: ଓଡ଼ିଶାରେ ପ୍ରଥମ ଥର ପାଇଁ କଟକ ସିଡିଏ ସେକ୍ଟର-୮ରେ ଖୋଲିଛି ହୋପ୍ ୩୬୦ ଏକୀକୃତ ସ୍ୱାସ୍ଥ୍ୟ କେନ୍ଦ୍ର। ହାଡ଼, ଗଣ୍ଠି, ମେରୁଦଣ୍ଡ ଓ ମାଂସପେଶୀଜନିତ ସମସ୍ୟାର ଚିକିତ୍ସା ଏବଂ ଆଧୁନିକ ରିଜେନେରେଟିଭ୍ ଥେରାପିକୁ ଗୋଟିଏ ଛାତ ତଳେ ଏହି ସୁବିଧା ଉପଲବ୍ଧ ହେବ। ବିଶେଷକରି ଅଷ୍ଟିଓଆର୍ଥ୍ରାଇଟିସ୍, ଗଣ୍ଠି କ୍ଷୟ,ମେରୁଦଣ୍ଡ ସମସ୍ୟା, ଲିଗାମେଂଟ ଆଘାତ, ଟେଣ୍ଡିନାଇଟିସ୍ ଏବଂ ଦୀର୍ଘକାଳୀନ ମାଂସପେଶୀ ଓ ଗଣ୍ଠି ଯନ୍ତ୍ରଣାରେ ପୀଡ଼ିତ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ପାଇଁ ମାର୍ଗଦର୍ଶନ ମିଳିପାରିବ। କେବଳ ଯନ୍ତ୍ରଣା ନିୟନ୍ତ୍ରଣ ନୁହେଁ, ବରଂ ରୋଗୀଙ୍କ ଚଳପ୍ରଚଳ କ୍ଷମତା, ଦୈନନ୍ଦିନ କାର୍ଯ୍ୟକ୍ଷମତା ଓ ଜୀବନର ଗୁଣବତ୍ତାରେ ଉନ୍ନତି ଆଣିବା ଉପରେ ଏହି କେନ୍ଦ୍ର ଗୁରୁତ୍ୱ ଦେବ। ଉଦ୍‌ଘାଟନୀ ସମାରୋହରେ ଅତିଥି ଭାବେ ମେୟର ସୁବାସ ସିଂ, କଟକ-ବାରବାଟୀର ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍, କଟକ-ଚୌଦ୍ୱାରର ପୂର୍ବତନ ବିଧାୟକ ଡା.ପ୍ରଭାତ ରଞ୍ଜନ ବିଶ୍ୱାଳ,ନନ୍ଦଲାଲ ସିଂ, ଶୈଳେଶ କୁମାର ବର୍ମା, ହୋପ୍ ହସ୍ପିଟାଲର ପ୍ରତିଷ୍ଠାତା ଡାକ୍ତର ସଞ୍ଜୟ କୁମାର ସାଜନ୍ ଏବଂ ହୋପ୍ ୩୬୦ ଏକୀକୃତ ସ୍ୱାସ୍ଥ୍ୟ ଓ ସୁସ୍ଥତା କେନ୍ଦ୍ରର ନିର୍ଦ୍ଦେଶିକା ବିଶ୍ୱବନ୍ଦିତା ରାଉତ ଯୋଗଦେଇଥିଲେ। ଡାକ୍ତର ସୁଦୀପ କୁମାର ବେଉରା,ବରିଷ୍ଠ ଗଣମାଧ୍ୟମ ସଂଯୋଜକ ରାମଗୋପାଳ ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଇନ୍ଦିରା ଗାନ୍ଧୀ କଲେଜ ଛାତ୍ର ସଂସଦର ଶପଥ ଗ୍ରହଣ ପାଇଁ ଦାବିପତ୍ର

କଟକ,ମା୧୧/ଏନ୍ଏନ୍ଏସ୍: ଇନ୍ଦିରାଗାନ୍ଧୀ ମହିଳା ମହବିଦ୍ୟାଳୟର ଛାତ୍ର ସଂସଦ ସଭାପତି ସୌଭାଗ୍ୟବତୀ ବେହେରା, ସାଧାରଣ ସଂପାଦିକା ଶିବାନୀ ପତ୍ରୀ ଏବଂ ପ୍ରତିନିଧି ମଣ୍ଡଳୀ ଉପ ଜିଲ୍ଲାପାଳ ତଥା ମହବିଦ୍ୟାଳୟର ଗଭର୍ଣ୍ଣିଙ୍ଗ୍ ବଡି ସଭାପତି ଦିବ୍ୟଲୋଚନ ମହାନ୍ତଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ଶପଥ ଗ୍ରହଣ ଉତ୍ସବକୁ ସଂପାଦିତ କରିବା ପାଇଁ ଏହି ଦାବିପତ୍ର ପ୍ରଦାନ କରାଯାଇଛି। କଲେଜକୁ ସାଇନ୍ - ଡାଏ ଘୋଷଣା କରାଯାଇଥିବାରୁ ୧୬ରେ ହେବାକୁ ଥିବା ଶପଥ ଗ୍ରହଣ ଉତ୍ସବକୁ ସ୍ଥଗିତ କରାଯାଇଥିଲା ବୋଲି କଲେଜ କର୍ତ୍ତୃପକ୍ଷ କହିଥିଲେ। ତେବେ ଦଶହରା ଛୁଟି ପରେ ଶପଥ ଗ୍ରହଣ ଉତ୍ସବ କରାଯିବ ବୋଲି କୁହାଯାଇଥିଲା ବେଳେ ଛୁଟି ସରିବା ପରେ ବି ଏଯାବତ୍ ଶପଥ ଗ୍ରହଣ ଉତ୍ସବ କରାଯାଇପାରିନାହିଁ। ଅପରପକ୍ଷେ ସ୍ମାରକପତ୍ର ପାଇବା ପରେ ଏହା ଖୁବ୍ ଶୀଘ୍ର କରାଯିବା ବୋଲି ଉପ ଜିଲ୍ଲାପାଳ କହିଛନ୍ତି।

ବଡ଼ଓଷା ପାଇଁ ପ୍ରଶାସନର କଟକଣା

୧୯ରୁ ୨୪ ଯାଏ ଟି-ବ୍ରିଜ୍‌ରେ ଯାନବାହନ ଚଳାଚଳ ନିଷେଧ

କଟକ,ମା୧୧/ଏନ୍ଏନ୍ଏସ୍: ପ୍ରସିଦ୍ଧ ବାବା ସିଂହନାଥଙ୍କ ପୀଠରେ ପଞ୍ଚକ ଓ ବଡ଼ଓଷା ଉତ୍ସବ ଅବସରରେ ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ଭିଡ଼ ନିୟନ୍ତ୍ରଣ ପାଇଁ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଯାତାୟାତ କଟକଣା ଜାରି କରାଯାଇଛି। ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ, ଆସନ୍ତା ୧୯ ନଭେମ୍ବର ମଧ୍ୟରାତ୍ରିରୁ ୨୪ ନଭେମ୍ବର ମଧ୍ୟରାତ୍ରି ପର୍ଯ୍ୟନ୍ତ ଟି-ବ୍ରିଜ୍‌କୁ 'ନୋ ଭେହିକିଲ୍ ଜୋନ୍' ଘୋଷଣା କରାଯାଇଛି। ଜିଲ୍ଲାପାଳ ତଥା ଆଞ୍ଚଳିକ ପରିବହନ ପ୍ରାଧିକରଣର ଅଧ୍ୟକ୍ଷ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ନିର୍ଦ୍ଦେଶ ଅନୁଯାୟୀ, ବଡ଼ମ୍ବା ପାର୍ଶ୍ୱରୁ ବୈଦେଶ୍ୱର ପାର୍ଶ୍ୱକୁ ସଂଯୋଗ କରୁଥିବା ସମଗ୍ର ଟି-ବ୍ରିଜ୍‌ରେ କୌଣସି ଯାନବାହନ ଚଳାଚଳ କରିପାରିବ ନାହିଁ। ସେହିପରି ବଡ଼ମ୍ବା-ନରସିଂହପୁର ରାସ୍ତାର ଗୋପୀନାଥପୁର ଏବଂ ବାଙ୍କୀ-ବୈଦେଶ୍ୱର ରାସ୍ତାର ବୈଦେଶ୍ୱର ଛକଠାରେ ଭାରୀଯାନ ଚଳାଚଳ ଉପରେ କଟକଣା ଲଗାଯାଇଛି। ତେବେ ଜରୁରୀକାଳୀନ ସେବାରେ ନିୟୋଜିତ ଯାନବାହନ ଏବଂ ଆମ୍ବୁଲାନ୍ସକୁ ଏହି କଟକଣାରୁ ବାଦ୍ ଦିଆଯାଇଛି। ବଡ଼ଓଷା ଓ ପଞ୍ଚକ ଅବସରରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ଭକ୍ତ ବାବା ସିଂହନାଥଙ୍କ ଦର୍ଶନ ପାଇଁ ଆସୁଥିବାରୁ ସମ୍ଭାବ୍ୟ ଦୁର୍ଘଟଣାକୁ ଏଡ଼ାଇବା, ଟ୍ରାଫିକ୍ ବ୍ୟବସ୍ଥାର ସୁଚାରୁ ପରିଚାଳନା ଏବଂ ଶ୍ରଦ୍ଧାଳୁଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ତେଣୁ ଉକ୍ତ ସମୟ ମଧ୍ୟରେ ଯାତାୟାତ କରୁଥିବା ଜନସାଧାରଣ ପ୍ରଶାସନର ନିୟମାବଳୀ ପାଳନ କରିବା ସହ ବିକଳ୍ପ ରାସ୍ତା ବ୍ୟବହାର କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

ପଦ୍ମଶ୍ରୀ ଡା. ଅଶୋକ ମହାପାତ୍ରଙ୍କ ବିୟୋଗରେ ଲେଖକ ସାସ୍ମୁଖ୍ୟର ଶୋକସଭା

ଭୁବନେଶ୍ୱର,ମା୧୧/ଏନ୍ଏନ୍ଏସ୍: ସ୍ଥାନୀୟ ଗୋକୁଳ ପ୍ଲାଜାରେ ଲେଖକ ସାସ୍ମୁଖ୍ୟ, ଓଡ଼ିଶା ର ସଭାପତି ଡକ୍ଟର ଆଲେଖ ଚନ୍ଦ୍ର ପଡିଆରୀଙ୍କ ସଭାପତିତ୍ୱରେ ପଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ର ଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ପ୍ରଥମେ ସମ୍ପାଦିକା ବିମଳା ସିଂହ ଦିବଙ୍ଗତ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଆଜି ସଭାର ତାତ୍ପର୍ଯ୍ୟ ଉପରେ ଆଲୋକପାତ

କରିଥିଲେ। ପରେ ପରେ ଆଲୋଚନାରେ ସୀତାବଲ୍ଲଭ ମହାପାତ୍ର, ବିଜୟ କୁମାର ମହାନ୍ତି, ଡକ୍ଟର ଚକ୍ରଧର ଦାଶ, ଡକ୍ଟର ଆରତି କର, ରମାକାନ୍ତ ମିଶ୍ର, ଡକ୍ଟର ସିଦ୍ଧାର୍ଥ କାନୁନଗୋ, ବାସନ୍ତୀ ତ୍ରିପାଠୀ, ସୁନିଲ୍ କୁମାର୍ ନନ୍ଦ ପ୍ରମୁଖ ଅଂଶ ଗ୍ରହଣ କରି ଡାକ୍ତର ମହାପାତ୍ରଙ୍କର ମହନୀୟତା ଏବଂ ମଣିଷପଣିଆ ଉପରେ ଆଲୋକପାତ କରିଥିଲେ। ଜଣେ ଅସାଧାରଣ ବ୍ୟକ୍ତି ଭାବରେ ତାଙ୍କର ମାନବୀୟ ଗୁଣ ଯୋଗୁଁ ସେ ସମସ୍ତଙ୍କ ପାଖରେ ସବୁଦିନ ପାଇଁ ପୂଜା ପାଉ ଥିବେ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ତାଙ୍କର ଏକ ଅବକ୍ଷୟ ପ୍ରତିମୂର୍ତ୍ତି ସ୍ଥାପନ ଏମ୍ସ ସମ୍ମୁଖରେ ସ୍ଥାପନ ନିମନ୍ତେ ଅନୁଷ୍ଠାନ ତରଫରୁ ସରକାରଙ୍କୁ ନିବେଦନ ପତ୍ର ପ୍ରଦାନ ନିମନ୍ତେ ସ୍ଥିର କରାଯାଇଛି।

ଭଜନ ସମ୍ରାଟଙ୍କ ସଂଗୀତରେ ମନ ମୋହିଲେ ନୃତ୍ୟ ଶିଳ୍ପୀ ଡ. ଚିତ୍ତରଞ୍ଜନ ସାହାଣୀ

ଭୁବନେଶ୍ୱର,ମା୧୧/ଏନ୍ଏନ୍ଏସ୍: ଭଜନ ସମ୍ରାଟ, ଯଶସ୍ୱୀ ସଂଗୀତସାଧକ, ଶ୍ରୀଜଗନ୍ନାଥଙ୍କ ପରମଭକ୍ତ ତଥା ଚାମର ସେବକ ଶ୍ରୀ ଭିକାରୀ ବଳଙ୍କ ଷୋଡ଼ଶ ପୁଣ୍ୟତିଥି 'ଭିକାରୀ ବଳ ସ୍ମୃତି ସଂସଦ' ତରଫରୁ କଟକ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ହୋଇଛି। ଅନ୍ତର୍ଜାତୀୟ ସୁଖ୍ୟାତି ସମ୍ପନ୍ନ ବିଶିଷ୍ଟ ଓଡିଶୀ ନୃତ୍ୟଶିଳ୍ପୀ ତଥା ଓଡ଼ିଆ ଭାଷା ସାହିତ୍ୟର ବରିଷ୍ଠ ପ୍ରାଧାପକ ଡକ୍ଟର ଚିତ୍ତରଞ୍ଜନ ସାହାଣୀ ସ୍ୱର୍ଗତ ଭିକାରୀ ବଳଙ୍କ ଭାବମୟ ସୁଲଳିତ କଣ୍ଠ ସଂଗୀତରେ ଅତ୍ୟନ୍ତ ଆଧାତ୍ମିକ ଚେତନାର ଓଡ଼ିଶୀନୃତ୍ୟ ପରିବେଷଣ କରି ଭରପୁର ସଭାଗୃହକୁ କିଛି ସମୟ ପାଇଁ ମନ୍ତ୍ରମୁଗ୍ଧ କରିଦେଇଛନ୍ତି । ମୁଖ୍ୟଅତିଥି ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, କଟକ ମେୟର୍ ସୁବାସ ସିଂହ, ବିଶିଷ୍ଟ ସାହିତ୍ୟିକ ଡକ୍ଟର ବିଜୟାନନ୍ଦ ସିଂହ, ଡକ୍ଟର ବୈଜୟନ୍ତୀ ମିଶ୍ର, ସଭାପତି ଗୌର ପଟ୍ଟନାୟକ, ସମ୍ପାଦକ ଡକ୍ଟର ସୁନାମଣୀ ରାଉତ ସଭାମଣ୍ଡନ କରି ଭିକାରୀ ବଳଙ୍କ ସଂଗୀତ ଜୀବନ ଆଲୋଚନା ସହ ନୃତ୍ୟଶିଳ୍ପୀ ଡକ୍ଟର ଚିତ୍ତରଞ୍ଜନଙ୍କୁ ଭୁୟସୀ ପ୍ରଶଂସା କରି ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ମାନିତ କରିଛନ୍ତି।

କଟକ ନାଟ୍ୟୋତ୍ସବର ଚୂଡ଼ାନ୍ତ ପର୍ଯ୍ୟାୟ ଆରମ୍ଭ

ପ୍ରଥମ ଦିନରେ ଦର୍ଶକଙ୍କ ମନ ଜିଣିଲା ୩ ନାଟକ

କଟକ,ମା୧୧/ଏନ୍ଏନ୍ଏସ୍: ମଞ୍ଚରେ ଅଭିନୟର ଯାଦୁ, ସଂଳାପରେ ଭାବନାର ସ୍ୱର୍ଗ, ଆଉ କାହାଣୀରେ ସମାଜର ବାସ୍ତବ ଚିତ୍ର। ଏମିତି ଏକ ନାଟ୍ୟମୟ ପରିବେଶ ମଧ୍ୟରେ ଆରମ୍ଭ ହୋଇଛି 'କଟକ ନାଟ୍ୟୋତ୍ସବ–୨୦୨୬'ର ଚୂଡ଼ାନ୍ତ ପର୍ଯ୍ୟାୟ। ପ୍ରଥମ ଦିନରେ ତିନିଟି ଭିନ୍ନ ସ୍ୱାଦର ନାଟକ ମଞ୍ଚସ୍ଥ ହୋଇ ଦର୍ଶକଙ୍କ ମନ ଜିଣିବା ସହ ନାଟ୍ୟପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଭରିଦେଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ନାଟ୍ୟୋତ୍ସବର ଶୁଭାରମ୍ଭ ରେଭେନ୍ସା ବିଶ୍ୱବିଦ୍ୟାଳୟର 'ସେଭେନ୍ ପିଲର୍ସ ଅଫ୍ ୱିଜଡମ୍'ଠାରେ ପାରମ୍ପରିକ ମଞ୍ଚ ପୂଜା ସହ ହୋଇଥିଲା। ପ୍ରଥମ ଦିନର

ପ୍ରଥମ ଆକର୍ଷଣ ଥିଲା 'ମହାବାହୁ'। ଜଗନ୍ନାଥ ସଂସ୍କୃତି ଓ ମହାପ୍ରଭୁଙ୍କ ମହିମାକୁ ଆଧାର କରି ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ ଇନଷ୍ଟିଚ୍ୟୁଟର ଛାତ୍ରଛାତ୍ରୀମାନେ ଏହାକୁ ମଞ୍ଚସ୍ଥ କରିଥିଲେ। ନାଟକର ନିଖୁଣ ଅଭିନୟ ଓ ଭାବପୂର୍ଣ୍ଣ ଉପସ୍ଥାପନା ଦର୍ଶକଙ୍କୁ ବେଶ୍ ଆକର୍ଷିତ କରିଥିଲା। ଦ୍ୱିତୀୟ ନାଟକ 'ନୀରବ ଚିଠି' ଦର୍ଶକଙ୍କୁ ଭାବବିହ୍ୱଳ କରିଦେଇଥିଲା। ରଘୁନାଥଜୀଉ ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ପରିବେଷିତ ଏହି ନାଟକରେ ଯୌଥ ପରିବାରର ମହତ୍ୱ, ପାରିବାରିକ ସମ୍ପର୍କ ଓ ନିଜ ପରିବାର ପାଇଁ ସମୟ ଦେବାର ଆବଶ୍ୟକତାକୁ ଭାବପ୍ରବଣ ଢଙ୍ଗରେ ଉପସ୍ଥାପନ କରାଯାଇଥିଲା। ସେହିପରି ଦିନର ଶେଷ ନାଟକ ଭାବେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ପରିବେଷିତ ହୋଇଥିଲା 'ଫେରିଆ ବୋଇତ ସପନ ନେଇ'।

କଟକର ଐତିହାସିକ ବାଲିଯାତ୍ରା, ଓଡ଼ିଆ ନୌବାଣିଜ୍ୟ ପରମ୍ପରା, ଭାଇଚାରା ଓ ସମୃଦ୍ଧ ସଂସ୍କୃତିକୁ ନାଟକ ମାଧ୍ୟମରେ ଜୀବନ୍ତ ରୂପ ଦିଆଯାଇଥିଲା। ଏହା ଦର୍ଶକଙ୍କୁ କ

ରାୟଗଡ଼ା ଅପହରଣ, ଯୌନ ନିର୍ଯାତନା ଓ ହତ୍ୟା ଉଦ୍ୟମ ମାମଲା

୯ ଜଣଙ୍କୁ ଆଜୀବନ କାରାଦଣ୍ଡ

ରାୟଗଡ଼ା,୩।୧୧/ଏନ୍‌ଏନ୍‌ଏସ୍: ରାୟଗଡ଼ାର ବହୁଚର୍ଚ୍ଚିତ ଅପହରଣ, ଅପ୍ରାକୃତିକ ଯୌନ ସମ୍ପର୍କ ଓ ହତ୍ୟା ଉଦ୍ୟମ ମାମଲାରେ ଆସିଛି ଅଦାଲତଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ । ଦୀର୍ଘ ବିଚାର ପ୍ରକ୍ରିୟା ପରେ ରାୟଗଡ଼ା ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ଅଳ୍ପନା ସ୍ୱାଇଁ ମାମଲାରେ ୯ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି । ଏଥିସହ ଦୋଷୀମାନଙ୍କ ଉପରେ ୧୦ ହଜାରରୁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ମଧ୍ୟ ଲାଗୁ କରିଛନ୍ତି । ଜରିମାନା ଅନାଦେୟ ହେଲେ ଅତିରିକ୍ତ ୬ ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି । ଘଟଣାରୁ ପ୍ରକାଶ ଯେ, ୨୦୧୯ ନଭେମ୍ବର ୧୮ ତାରିଖରେ ରାୟଗଡ଼ା ଥାନା ଅନ୍ତର୍ଗତ ଲାଡା ଷ୍ଟେସନ ନିକଟରୁ ଚେନ୍ନାଇରୁ ଝାରସୁଗୁଡ଼ା ଯାଉଥିବା ଜଣେ ଯୁବକଙ୍କୁ ଅଭିଯୁକ୍ତମାନେ ଅପହରଣ କରିଥିଲେ । ଟ୍ରେନ୍ ?ରେ ଯାତ୍ରା କରୁଥିବା ସମୟରେ ଯୁବକଙ୍କୁ ଗଞ୍ଜେଇ ଚାଲାଣ କରୁଥିବା ଅଭିଯୋଗରେ ଭୟଭୀତ କରିବା ସହ ୧୦ ଲକ୍ଷ ଟଙ୍କା ଦେଲେ ଛାଡ଼ିବେ ବୋଲି ଧମକ ଦେଇଥିଲେ । ଏହାପରେ ତାଙ୍କ ସହ ଅପ୍ରାକୃତିକ ଯୌନ ସମ୍ପର୍କ ରଖିବା ସହ ହତ୍ୟା ଉଦ୍ୟମ କରାଯାଇଥିବା ମାମଲାରେ ଅଭିଯୋଗ ହୋଇଥିଲା । ଏହି ଘଟଣାକୁ ନେଇ ରାୟଗଡ଼ା ଥାନାରେ କେସ୍ ନମ୍ବର ୪୨୫/୧୯ରେ ମାମଲା ରୁଜୁ ହୋଇଥିଲା । ପୁଲିସ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଅନ୍ୟପକ୍ଷରେ ପୁଲିସ ଚଢ଼ାଉ ସମୟରେ ଅଭିଯୁକ୍ତମାନେ ପୁଲିସ ଉପରକୁ ଗୁଳି ଚଳାଇଥିବା ବେଳେ ପୁଲିସ ମଧ୍ୟ ପାଲଟା ଜବାବ ଦେଇଥିବା ସୂଚନା ମିଳିଛି । ତତ୍କାଳୀନ ଏସ୍ ?ଆଇ ରିଗାନ କିଣ୍ଡୋ ଏହି ମାମଲାର ତଦନ୍ତ ଦାୟିତ୍ୱ ତୁଲାଇଥିଲେ । ଦୀର୍ଘ ଦିନର ବିଚାର ପ୍ରକ୍ରିୟା ପରେ ଜିଆର୍ କେସ୍ ନମ୍ବର ୩୧/୧୯ ଓ ସେସନ୍ସ କେସ୍ ନମ୍ବର ୩୨/୨୦୨୦ର ରାୟ ପ୍ରକାଶ ପାଇଛି । ଆଇପିସିର ଧାରା ୩୫୪(ଏ), ୩୬୪(ଏ), ୩୭୭, ୧୨୦(ବି), ୩୪ ଏବଂ ଆର୍ମସ୍ ଆକ୍ଟର ଧାରା ୨୫(୧) ଅନୁଯାୟୀ ୯ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି । ଦୋଷୀମାନେ ହେଲେ ହାଡ଼ପା ଶିବା, ଜି. ବାଙ୍ଗାରୁ, ଶୁଷ୍ଟି ସୂରଜ, ଶୁଷ୍ଟି ପ୍ରକାଶ, ମାଝୀ ରାଜା, ମାଝୀ ଜୋସେଫ, ଜି. ବେଣ୍ଟୁ, ଜି. ତେଜା ଓ ଜି. ସୁରେନ୍ଦ୍ର । ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ରଜତ ରଞ୍ଜନ ଖଟୁଆ ମାମଲା ପରିଚାଳନା କରିଥିଲେ । ମାମଲାରେ ମୋଟ ୩୬ ଜଣ ସାକ୍ଷୀ ସେମାନଙ୍କର ସାକ୍ଷ୍ୟ ପ୍ରଦାନ କରିଥିଲେ । ଅନ୍ୟପକ୍ଷରେ ରାୟ ଘୋଷଣା ପରେ କୋର୍ଟ ପରିସରରେ ଦୋଷୀଙ୍କ ପରିବାରବର୍ଗଙ୍କ ପକ୍ଷରୁ ଉତ୍ତେଜନା ଦେଖାଦେଇଥିଲା । ଏହି ସମୟରେ ଶୁଷ୍ଟି ପ୍ରକାଶ ଫେରାର ହୋଇଯାଇଥିବା ଜଣାପଡ଼ିଛି । ତାଙ୍କୁ ଖୋଜିବା ପାଇଁ ପୁଲିସ ତଦାଘନା ଚଳାଇଛି । ଖବର ପାଇ ରାୟଗଡ଼ା ଏସ୍‌ଡିପିଓ ଗୌରହରି ସାହୁ ପୁଲିସ ଟିମ୍ ସହ କୋର୍ଟ ପରିସରରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ । ସାତ ବର୍ଷ ପୂର୍ବର ଏହି ଘଟଣାରେ ଦୀର୍ଘ ବିଚାର ପ୍ରକ୍ରିୟା ପରେ ୯ ଜଣଙ୍କୁ ଆଜୀବନ କାରାଦଣ୍ଡ ମିଳିବା ରାୟଗଡ଼ାରେ ଚର୍ଚ୍ଚାର ବିଷୟ ପାଲଟିଛି ।

ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୩।୧୧/ଏନ୍‌ଏନ୍‌ଏସ୍: ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ୧୬ତମ ପ୍ରତିଷ୍ଠା ଦିବସ ଆଜି ଭୁବନେଶ୍ୱରସ୍ଥିତ ଲୋକସେବା ଭବନର କନଭେନସନ୍ ହଲ୍‌ଠାରେ "ଆଦ୍ୟାଶା – ଶୈଶବର ଆଶା, ଭବିଷ୍ୟତର ଭାଷା" ବିଷୟବସ୍ତୁକୁ ନେଇ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି । ଏହି ଗୁରୁତ୍ୱପୂର୍ଣ୍ଣ ଅବସରରେ ଆୟୋଗର ବାର୍ଷିକ ରିପୋର୍ଟ ଉତ୍ସୋଚନ ସହିତ ଡିଜିଟାଲ୍ ଯୁଗରେ ଶିଶୁଙ୍କ ନିରାପତ୍ତା ପାଇଁ 'ଓଡ଼ିଶାରେ ଶିଶୁଙ୍କ ଅନଲାଇନ୍ ସୁରକ୍ଷା ପାଇଁ ଗାଇଡ ଲାଇନ୍ (୨୦୨୬–୨୦୩୦)'ର ଶୁଭ ଉତ୍ସୋଚନ କରାଯାଇଛି । ଏହି ପଦକ୍ଷେପ ଶିଶୁ ଅଧିକାରର ସୁରକ୍ଷା, ପ୍ରୋତ୍ସାହନ ଓ ତଦାରଖ କ୍ଷେତ୍ରରେ ଆୟୋଗର ପ୍ରତିବଦ୍ଧତାକୁ ଦୃଢ଼ କରିବା ସହିତ ପ୍ରତ୍ୟେକ ଶିଶୁ ପାଇଁ ଏକ ସୁରକ୍ଷିତ, ସମାବେଶୀ ଓ ଶିଶୁ-ଅନୁକୂଳ ଓଡ଼ିଶା ଗଠନ ଦିଗରେ ଏକ ନୂତନ ଅଧ୍ୟାୟର ଆରମ୍ଭ କରିଛି । ଏହି ସମାରୋହରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ସୁରକ୍ଷା ଓ ସାମଗ୍ରିକ ବିକାଶରେ ସମାଜର ସମସ୍ତ ବର୍ଗର ମିଳିତ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ଉପମୁଖ୍ୟମନ୍ତ୍ରୀ କହିଥିଲେ ଯେ ଶିଶୁମାନଙ୍କ ସୁରକ୍ଷା, ଶିକ୍ଷା, ସଶକ୍ତୀକରଣ ଓ ସାମଗ୍ରିକ ବିକାଶ ହେଉଛି ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ତଥା ବିକଶିତ ଭାରତ ଗଠନର ମୂଳଦୁଆ, ଏବଂ ପ୍ରତ୍ୟେକ ଶିଶୁଙ୍କୁ ସମାନ ସୁଯୋଗ, ସୁରକ୍ଷିତ ପରିବେଶ ଓ ନିଜର ପ୍ରତିଭା ବିକାଶର ସୁଯୋଗ ଯୋଗାଇଦେବା ଦିଗରେ ସରକାର, ଅନୁଷ୍ଠାନ ଓ ସମାଜର ସମସ୍ତ ଅଂଶୀଦାରଙ୍କ ସକ୍ରିୟ ସହଯୋଗ ଅତ୍ୟାବଶ୍ୟକ । କାର୍ଯ୍ୟକ୍ରମର ଆରମ୍ଭରେ ଶିଶୁମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ ପରିବେଷଣ କରାଯାଇଥିଲା, ଯାହା ଶିଶୁମାନଙ୍କ ପ୍ରତିଭା, ସୃଜନଶୀଳତା ଓ ଅନ୍ତର୍ନିହିତ ସାମର୍ଥ୍ୟକୁ ପ୍ରତିଫଳିତ କରିଥିଲା । ଏହା ପରେ ଆୟୋଗର ମାନ୍ୟବର ଅଧକ୍ଷା ଶ୍ରୀମତୀ ବବିତା ପାତ୍ର ସ୍ୱାଗତ ଭାଷଣ ଦେଇ ଆୟୋଗର ୧୬ ବର୍ଷର ସଫଳ ଯାତ୍ରା, କାର୍ଯ୍ୟକାରିତା ଏବଂ ଆଗାମୀ ଦିନରେ ପ୍ରତ୍ୟେକ ଶିଶୁଙ୍କୁ ନିଜର ସମ୍ପୂର୍ଣ୍ଣ ସମ୍ଭାବନାର ବିକାଶ ପାଇଁ ଏକ ସୁରକ୍ଷିତ ଓ ସମାବେଶୀ ପରିବେଶ ଯୋଗାଇଦେବା ନେଇ ପ୍ରତିବଦ୍ଧତାକୁ ଦୋହରାଇଥିଲେ । ଏହି ସମାରୋହରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଶ୍ରମ ଓ ଇଏସ୍‌ଆଇ ତଥା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡ଼. ମୃଣାଳିନୀ ଦର୍ସ୍ୱାଲ ଏବଂ ପ୍ରଶାନ୍ତ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏଥିସହିତ ଆନ୍ଧ୍ରପ୍ରଦେଶ, ଆସାମ ଓ କର୍ଣ୍ଣାଟକ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ମାନ୍ୟବର ଅଧକ୍ଷମାନେ ଏବଂ ଚାଇଲ୍ଡଫଣ୍ଡ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ଉପସ୍ଥିତି ଏହି ଆୟୋଜନକୁ ଅଧିକ ଗୁରୁତ୍ୱପୂର୍ଣ୍ଣ କରିଥିଲା । କାର୍ଯ୍ୟକ୍ରମରେ ଡିଜିଟାଲ୍ ଯୁଗରେ ଶିଶୁମାନଙ୍କୁ ସାଇବର ବୁଲିଂ, ଅନଲାଇନ୍ ଗ୍ରୁମିଂ, ଯୌନ ଶୋଷଣ ଓ ଅନ୍ୟାନ୍ୟ ଅନଲାଇନ୍ ବିପଦରୁ ସୁରକ୍ଷା ଦେବା ପାଇଁ ଜଂଝଉଚଉଜ ଏବଂ ଚାଇଲ୍ଡଫଣ୍ଡ ଇଣ୍ଡିଆର ମିଳିତ ସହଯୋଗରେ ପରିଚାଳିତ ଯୋଜନା ବିଷୟରେ ବିଶେଷ ଆଲୋଚନା କରାଯାଇଥିଲା । ଏହି ଅବସରରେ ଶିଶୁ ଅଧିକାର ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତିବିଶେଷ, ସରକାରୀ ଅଧିକାରୀ ଓ ଅନୁଷ୍ଠାନମାନଙ୍କୁ ସମ୍ମାନିତ କରାଯାଇଥିଲା ।

ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ମହକ' ଉଦ୍‌ଘାଟିତ

ବଡ଼ ସ୍ୱପ୍ନ ଦେଖ, ନୂଆ ରାସ୍ତା ଖୋଲିବାକୁ ସରକାର ତୁମ ସହ ଅଛନ୍ତି: ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩।୧୧/ଏନ୍‌ଏନ୍‌ଏସ୍: ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ର ପ୍ରାକ୍ଟିସ୍ ଗ୍ରାଉଣ୍ଡଠାରେ ଆଜିଠାରୁ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ମହକ-୨୦୨୬' ଉଦ୍‌ଘାଟିତ ହୋଇଯାଇଛି । ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନସ୍ଥ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ଦ୍ୱାରା ଆୟୋଜିତ ଏହି ମହୋତ୍ସବରେ ରାଜ୍ୟର ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନର ଶିଶୁମାନେ ସେମାନଙ୍କର ଅନ୍ତର୍ନିହିତ ସୃଜନଶୀଳ ପ୍ରତିଭା ପ୍ରଦର୍ଶନ ପାଇଁ ଏକତ୍ରିତ ହୋଇଛନ୍ତି । ଏହି ସମାରୋହରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆକାଶକୁ ବେଲୁନ୍ ଉଡ଼ାଇ ପ୍ରତିଯୋଗିତାର ଆନୁଷ୍ଠାନିକ ଶୁଭାରମ୍ଭ କରିଥିଲେ । ଉପ-ମୁଖ୍ୟମନ୍ତ୍ରୀ ଉପସ୍ଥିତ ପିଲାମାନଙ୍କୁ ଓ ଦର୍ଶକମାନଙ୍କୁ ଉଦ୍‌ବୋଧିତ କରି ସମସ୍ତ ଅଂଶଗ୍ରହଣକାରୀ ଶିଶୁମାନଙ୍କର ଅନ୍ତର୍ନିହିତ ପ୍ରତିଭା ଓ ଆତ୍ମବିଶ୍ୱାସକୁ ଭୂୟସୀ ପ୍ରଶଂସା କରିବା ସହ ସେମାନଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଉତ୍ସାହିତ କରିଥିଲେ । ଏଥିସହିତ, ଯତ୍ନାଧୀନ ପ୍ରତ୍ୟେକ ଶିଶୁକୁ ମାନସମ୍ମାନ, ସୁଯୋଗ ଓ ମାର୍ଗଦର୍ଶନ ଯୋଗାଇଦେବା ସହ ଶିଶୁମାନଙ୍କୁ ସୀମାହୀନ ସ୍ୱପ୍ନ ଦେଖିବାକୁ ପ୍ରେରଣା ଦେଇ ସେ କହିଥିଲେ ଯେ, ସେମାନଙ୍କ ପ୍ରତ୍ୟେକ ସ୍ୱପ୍ନକୁ ପୂରଣ କରିବା ପାଇଁ ସରକାର ସବୁ ସ୍ତରରେ ସଦାସର୍ବଦା

ପ୍ରତିଶ୍ରୁତିବଦ୍ଧ । ସମ୍ମାନିତ ଅତିଥି ଭାବେ ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ପିଲାମାନଙ୍କ ମନୋବଳକୁ ଉଚ୍ଚ ପ୍ରଶଂସା କରିଥିଲେ । ଖୋର୍ଦ୍ଧାର 'ଆଦୃତ ଶିଶୁ ଗୃହ'ର ପିଲାମାନଙ୍କ ଦ୍ୱାରା ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା । ଓଡ଼ିଶାର ୩୦ଗୋଟି ଜିଲ୍ଲା ସ୍ତରୀୟ ଉତ୍ସବରୁ ବିଜୟୀ ହୋଇଥିବା ଶିଶୁମାନେ ଏହି ରାଜ୍ୟ ସ୍ତରୀୟ ମହୋତ୍ସବରେ ଅଂଶଗ୍ରହଣ କରୁଛନ୍ତି । ଆଗାମୀ ଦିନଗୁଡ଼ିକରେ ଶିଶୁମାନଙ୍କ ମଧ୍ୟରେ ନୃତ୍ୟ, ସଙ୍ଗୀତ, ଚିତ୍ରକଳା, ବିତର୍କ ଏବଂ କୁଇଜ୍ ଭଳି ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏହି ସମାରୋହ ଓଡ଼ିଶାର ପ୍ରତ୍ୟେକ ଯତ୍ନାଧୀନ ଶିଶୁକୁ ମାର୍ଗଦର୍ଶନ, ସୁଯୋଗ ଓ ଆତ୍ମବିଶ୍ୱାସ ପ୍ରଦାନ କରି ଏକ ମର୍ଯ୍ୟାଦାଜନକ, ସକ୍ଷମ ଓ ସ୍ୱାବଲମ୍ବୀ ଭବିଷ୍ୟତ ଗଢ଼ିତୋଳିବା ପାଇଁ ରାଜ୍ୟ ସରକାରଙ୍କ ଅଟଳ ପ୍ରତିବଦ୍ଧତାକୁ ଦର୍ଶାଉଛି । ୭ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମ୍‌ରେ ମୋଟ ୫ ଦିନ ଧରି ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର ଶାସନ ସଚିବ ଡ଼ଃ ମୃଣାଳିନୀ ଦର୍ସ୍ୱାଲ, ନିର୍ଦ୍ଦେଶିକା ମୋନିଷା ବାନାର୍ଜୀଙ୍କ ସହ ବିଭାଗର ଅନ୍ୟାନ୍ୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ ।

ବନ୍ୟା ବିପନ୍ନଙ୍କ ପାଇଁ ରନ୍ଧା ଖାଦ୍ୟ ଯୋଗାଣରେ ସହାୟକ ହେଲା 'ଶକ୍ତିଗାଁ' ଅଭିଯାନ

ଭୁବନେଶ୍ୱର,୩।୧୧/ଏନ୍‌ଏନ୍‌ଏସ୍: ବନ୍ୟା ବିପତ୍ତିର ଏହି କଠିନ ସମୟରେ ଲୋକଙ୍କ ପାଖରେ ରନ୍ଧା ଖାଦ୍ୟ ପହଞ୍ଚାଇବା ପାଇଁ ଗଞ୍ଜାମ ଜିଲ୍ଲାରେ ଓରମାସ୍‌ର 'ଶକ୍ତିଗାଁ' ଅଭିଯାନ ଏକ ଗୁରୁତ୍ୱପୂର୍ଣ୍ଣ ସହଯୋଗର ମାଧ୍ୟମ ପାଲଟିଛି । ଓରମାସ୍, ଜିଲ୍ଲା ପ୍ରଶାସନ ଓ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍‌ର ସମନ୍ୱିତ ପ୍ରୟାସରେ ଗତ ୪ ଦିନ ମଧ୍ୟରେ ୧୦୦୦ରୁ ଅଧିକ ଏଲ୍‌ପିଜି ଗ୍ୟାସ୍ ସିଲିଣ୍ଡର ସଂଗ୍ରହ ଓ ଯୋଗାଣ କରାଯାଇଛି । ଜିଲ୍ଲାର ୧୦ଟି ବ୍ଲକ୍ ଓ ସହରାଞ୍ଚଳରେ ବ୍ଲକ୍ ପ୍ରଶାସନ ଦ୍ୱାରା ପରିଚାଳିତ ୨୦୦ରୁ ଅଧିକ ସାମୂହିକ ରୋଷେଇ କେନ୍ଦ୍ରକୁ ନିରବଚ୍ଛିନ୍ନ ଗ୍ୟାସ୍ ଯୋଗାଣ ସୁନିଶ୍ଚିତ କରାଯାଇଛି । ଫଳରେ ବିଭିନ୍ନ ଗ୍ରାମ ଓ ବ୍ଲକ୍ ମୁଖ୍ୟାଳୟରେ ସ୍ଥାନୀୟ ସ୍ୱେଚ୍ଛାସେବୀ ଓ ଗୋଷ୍ଠୀମାନେ ନିରନ୍ତର ଭାବେ ହଜାର ହଜାର ବନ୍ୟା ବିପନ୍ନଙ୍କ ପାଇଁ ଗରମ ଓ ସ୍ୱାସ୍ଥ୍ୟକର ରନ୍ଧା ଖାଦ୍ୟ ପ୍ରସ୍ତୁତ କରି ପରିବେଷଣ କରିପାରୁଛନ୍ତି । ଏହି ଅଭିଯାନରେ ଓରମାସ୍‌ର ସ୍ୱୟଂ ସହାୟକ ଗୋଷ୍ଠୀ ନେଟୱର୍କ ମାଧ୍ୟମରେ ବିଭିନ୍ନ ଅଞ୍ଚଳର ଆବଶ୍ୟକତା ଚିହ୍ନଟ କରାଯାଇ ଗ୍ୟାସ୍ ସିଲିଣ୍ଡରର ଆବଶ୍ୟକତା ଅନୁଯାୟୀ ଯୋଗାଣ ବ୍ୟବସ୍ଥା କରାଯାଇଛି । ଇଣ୍ଡିଆନ୍ ଅଏଲ୍‌ର ସହଯୋଗରେ ସିଲିଣ୍ଡର ସଂଗ୍ରହ ଓ ଯୋଗାଣ ଏହି ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିଛି । ବିପର୍ଯ୍ୟୟ ସମୟରେ କେବଳ ରିଲିଫ୍ ସାମଗ୍ରୀ ପହଞ୍ଚାଇବା ନୁହେଁ, ବରଂ ଲୋକଙ୍କ ପାଇଁ ଦୈନନ୍ଦିନ ଜୀବନର ଅତ୍ୟାବଶ୍ୟକ ସେବାକୁ ଅବ୍ୟାହତ ରଖିବା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ । 'ଶକ୍ତିଗାଁ' ଅଭିଯାନ ଏହି ଦିଗରେ ସମନ୍ୱୟ, ସହଯୋଗ ଓ ସାମୂହିକ ଦାୟିତ୍ୱବୋଧର ଏକ ଉଦାହରଣ ସୃଷ୍ଟି କରିଛି ।

ବାତ୍ୟା ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ

୯୭.୫୮% ନଳକୂପର ମରାମତି ଓ ବିଶୋଧନ ସମ୍ପୂର୍ଣ୍ଣ

ଭୁବନେଶ୍ୱର,୩।୧୧/ଏନ୍‌ଏନ୍‌ଏସ୍: ବାତ୍ୟା ପରବର୍ତ୍ତୀ ପରିସ୍ଥିତିରେ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ପାନୀୟ ଜଳ ଯୋଗାଣକୁ ସ୍ୱାଭାବିକ କରିବା ସହ ଜଳ ଉତ୍ସଗୁଡ଼ିକର ମରାମତି ଓ ବିଶୋଧନ କାର୍ଯ୍ୟକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି । ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାରେ ପ୍ରଭାବିତ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ପୁନରୁଦ୍ଧାର ପାଇଁ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନିଆଯାଉଛି । ୩ ତାରିଖ ସୁଦ୍ଧା ଏହି ତିନି ଜିଲ୍ଲାରେ ପ୍ରଭାବିତ ହୋଇଥିବା ମୋଟ ୪,୭୨୨ଟି ନଳକୂପ ମଧ୍ୟରୁ ୪,୬୦୮ଟିର ମରାମତି ଓ ବିଶୋଧନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଏହା ମୋଟ ପ୍ରଭାବିତ ନଳକୂପର ୯୭.୫୮ ପ୍ରତିଶତ । ସେହିପରି ପ୍ରଭାବିତ ୪୦୨ଟି ଗ୍ରାମୀଣ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ମଧ୍ୟରୁ ୨୭୫ଟିର ପୁନରୁଦ୍ଧାର ଓ ବିଶୋଧନ କାର୍ଯ୍ୟ ଶେଷ ହୋଇଛି । ଏହା ମୋଟ ପ୍ରଭାବିତ ପ୍ରକଳ୍ପର ୬୮.୪୧ ପ୍ରତିଶତ । ଜରୁରୀକାଳୀନ ପାନୀୟ ଜଳ ଯୋଗାଣ ପାଇଁ ୨୯୨ଟି ଜଳ ଟ୍ୟାଙ୍କର ନିୟୋଜିତ କରାଯାଇଛି । ଏଥିମଧ୍ୟରୁ ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳରେ ୨୩ଟି ଏବଂ ଆସିକା ପୌରାଞ୍ଚଳରେ ୭ଟି ଟ୍ୟାଙ୍କର ନିୟୋଜିତ ହୋଇଛି । ଏଥିସହ ୮୦ଟି ସିଣ୍ଟେକ୍ସ ଟ୍ୟାଙ୍କ ଏବଂ ୮୭ଟି ଡିଜି ସେଟ୍ ମଧ୍ୟ ନିୟୋଜିତ କରାଯାଇଛି । ଜଳ ବିଶୋଧନ ଓ ବିକଳ୍ପ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ୧୨ଟି ମୋବାଇଲ୍ ଜଳ ବିଶୋଧନ ୟୁନିଟ୍ ନିୟୋଜିତ ହୋଇଛି । ଏଥିମଧ୍ୟରୁ ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳରେ ୨ଟି ଏବଂ ଆସିକା ପୌରାଞ୍ଚଳରେ ୧ଟି ୟୁନିଟ୍ ନିୟୋଜିତ ହୋଇଛି । ପ୍ରଭାବିତ ଅଞ୍ଚଳରେ ଲୋକଙ୍କୁ ତୁରନ୍ତ ପାନୀୟ ଜଳ ଯୋଗାଇଦେବା ପାଇଁ ଏଯାବତ୍ ୪ ଲକ୍ଷ ୫୫ ହଜାର ପ୍ୟାକେଟ୍ ପାଣି ବୋତଲ ଏବଂ ୩ ଲକ୍ଷ ୨୦ ହଜାର ପାଣି ପାଉଚ୍ ବଣ୍ଟନ କରାଯାଇଛି । ଏଥିସହ ଆବଶ୍ୟକତା ଅନୁଯାୟୀ ତୁରନ୍ତ ବଣ୍ଟନ ପାଇଁ ଅତିରିକ୍ତ ୪ ଲକ୍ଷ ୩ ହଜାର ପ୍ୟାକେଟ୍ ପାଣି ବୋତଲ ମହଜୁଦ ରଖାଯାଇଛି । ଏହାସହ ସମସ୍ତ ପାନୀୟ ଜଳ ଉତ୍ସର ବିଶୋଧନ କାର୍ଯ୍ୟ ଜାରି ରହିଛି । ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ପୁନରୁଦ୍ଧାର ଓ ନିରାପଦ ପାନୀୟ ଜଳ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ପାନୀୟ ଜଳ ନିର୍ଦ୍ଦେଶକ ବିନୀତ ଭାରଦ୍ୱାଜ ପ୍ରଭାବିତ ଅଞ୍ଚଳରେ ରହି ସ୍ଥିତିର ସମୀକ୍ଷା କରିବା ସହ ପୁନରୁଦ୍ଧାର କାର୍ଯ୍ୟର ତଦାରଖ କରୁଛନ୍ତି । ତ୍ୱରିତ ମରାମତି, ଜଳ ଉତ୍ସର ବିଶୋଧନ ଏବଂ ଜରୁରୀକାଳୀନ ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ କରିବା ଉପରେ ସେ ଗୁରୁତ୍ୱ ଦେଉଛନ୍ତି । ପ୍ରଭାବିତ ଅଞ୍ଚଳରେ ନିରାପଦ ପାନୀୟ ଜଳର ଉପଲବ୍ଧତା ସୁନିଶ୍ଚିତ କରିବା ସହ ଜଳ ଯୋଗାଣ ବ୍ୟବସ୍ଥାର ପୂର୍ଣ୍ଣ ପୁନରୁଦ୍ଧାର ପର୍ଯ୍ୟନ୍ତ ବିଭାଗ ପକ୍ଷରୁ ଏହି ତତ୍ପରତା ଜାରି ରହିବ ।

ଅଶୋକ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୩।୧୧/ଏନ୍‌ଏନ୍‌ଏସ୍: ଏମ୍‌ସ ଭୁବନେଶ୍ୱରର ପ୍ରତିଷ୍ଠାତା ନିର୍ଦ୍ଦେଶକ ପ୍ରଫେସର (ଡ.) ଅଶୋକ କୁମାର ମହାପାତ୍ରଙ୍କ ଅକାଳ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା ଏମସ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜଣେ ବିଶିଷ୍ଟ ସ୍ନାୟୁଶଲ୍ୟ ବିଶେ

ରିଲିଫ କ୍ୟାମ୍ପରେ ଖାଇଲେ ଏସ୍‌ପି ଓ ଉପଜିଲ୍ଲାପାଳ

ଫୁଲବାଣୀ,୩।୧୧/ଏନ୍‌ଏନ୍‌ଏସ୍: ବାତ୍ୟା ଅର୍ଣ୍ଣବ କନ୍ଧମାଳ ଜିଲ୍ଲାରେ ଘଟାଇଛି ବ୍ୟାପକ କ୍ଷୟକ୍ଷତି। ବର୍ତ୍ତମାନ ରେସ୍କ୍ୟୁ, ରିଲିଫ ଓ ରିଷ୍ଟୋରେସନରେ ବ୍ୟସ୍ତ ରହିଛି ଜିଲ୍ଲା ପ୍ରଶାସନ। ବରିଷ୍ଠ ଅଧିକାରୀଙ୍କ ଠାରୁ ଆରମ୍ଭ କରି ସମସ୍ତ କର୍ମଚାରୀ କ୍ଷୟକ୍ଷତି ଆକଳନ ଓ ଥଇଥାନ କାର୍ଯ୍ୟ ତଦାରଖ ପାଇଁ ଦିନରାତି ଲାଗିଛନ୍ତି। ସର୍ବାଧିକ କ୍ଷତିଗ୍ରସ୍ତ ରାଇକିଆ ଓ ଜି ଉଦୟଗିରି ବ୍ଲକ ଉପରେ ରହିଛି ଅଧିକ ଫୋକସ। ସୋମବାର ଆରକ୍ଷୀ ଅଧିକ୍ଷକ ରମେନ୍ଦ୍ର ପ୍ରସାଦ ଓ ବାଲିଗୁଡା ଉପଜିଲ୍ଲାପାଳ ପ୍ରଣୀତା ଦାସ ବିଭିନ୍ନ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲିବା ସହିତ ରିଲିଫ କ୍ୟାମ୍ପ ପରିଦର୍ଶନ କରିଥିଲେ। ଲୋକଙ୍କ ସମସ୍ୟା ବୁଝିଥିଲେ। ଏ ଅବସରରେ ରାଇକିଆ ବ୍ଲକ ଇନ୍ଦ୍ରଗଡ ଆଶ୍ରୟସ୍ଥଳୀରେ ରହୁଥିବା ଲୋକଙ୍କ ସହିତ ମଧ୍ୟାହ୍ନ ଭୋଜନ କରିଥିଲେ ଉଭୟେ। ଅଧିକାରୀ ମାନଙ୍କ ଏହି ଆତ୍ମୀୟତା ଦୁଃଖ ସମୟରେ ଲୋକଙ୍କ ମନୋବଳ ବଢାଇବାରେ ସହାୟକ ହୋଇଛି।

ବଡ଼ ବଜାର ଥାନା ପୁଲିସର ଚଢ଼ଉ, ୫ ଗିରଫ

ବିପୁଳ ପରିମାଣର ନାମିଦାମୀ ବ୍ରାଣ୍ଡ ଗୁଟ୍‌ଖା ଜବତ

ବ୍ରହ୍ମପୁର,୩।୧୧/ଏନ୍‌ଏନ୍‌ଏସ୍: ବଡ ବଜାର ଥାନା ପୁଲିସ୍ ପକ୍ଷରୁ ଥାନା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଚଢଉ କରି ବିପୁଳ ପରିମାଣର ଗୁଟୁଖା ଜବତ କରିଛି। ବେଆଇନ୍ ଗୁଟ୍‌ଖା ବିକ୍ରି ଅଭିଯୋଗରେ ୫ ଜଣଙ୍କୁ ଗିରଫ କରିଛି ପୁଲିସ୍। ମିଳିଥିବା ସୂଚନା ପ୍ରକାରେ ଗତକାଲି ପୁଲିସ୍ ବେଆଇନ୍ ଭାବେ ଅସଲି ବ୍ରାଣ୍ଡର ନକଲି ଗୁଟ୍‌ଖା ବିକ୍ରି ହେଉଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇବା ପରେ ଚଢଉ ଆରମ୍ଭ କରିଥିଲା। ଥାନା ଅନ୍ତର୍ଗତ ବଡୁଆରୀ ସାହି, ଗୌଡ ସାହି, ଶଙ୍କର ବଜାର ଅଞ୍ଚଳର ୩ ରିଟେଲ୍ ଦୋକାନରେ ଚଢଉ କରି ବିଭିନ୍ନ ବ୍ରାଣ୍ଡର ବିପୁଳ ପରିମାଣର ଗୁଟ୍‌ଖା ଜବତ କରିଛି। ଗୋକୁଳ ଡିଲକ୍ସ ମିକ୍ସ, ବିଦାସ ଗୋକୁଳ ଡିଲକ୍ସ ମିକ୍ସ ଭଳି ନାମିଦାମୀ ବ୍ରାଣ୍ଡର ନକଲି ଗୁଟ୍‌ଖା ଜବତ ହୋଇଛି। ଯାହାର ପ୍ରସ୍ତୁତି ଏବଂ ଅବଧି ତାରିଖ ଉଲ୍ଲେଖ ରହିନଥିବା ବେଳେ ଏଫ୍‌ଏସ୍‌ଏସ୍‌ଏଆଇ ଭଳି ଲାଇସେନ୍ସ ମଧ୍ୟ ନଥିବା ଜଣାପଡିଛି। ଜବତ ସାମଗ୍ରୀ ମଧ୍ୟରେ ୨୯୭୭ ଟି ଗୁଟ୍‌ଖା ପକେଟ୍ ରହିଛି। ସମ୍ପୃକ୍ତ ଦୋକାନୀମାନେ ଜବତ ଗୁଟୁଖା ବାବୁଲା ସାହୁ ଏବଂ ନାରାୟଣ ସାହୁଙ୍କ ଠାରୁ ଆଣି ବିକୁଥିବା ନେଇ ପୁଲିସ୍ ଜେରା ବେଳେ କହିଥିଲେ। ବ୍ୟବସାୟୀଙ୍କ ସୂଚନା କ୍ରମେ ପୁଲିସ୍ ନୂଆଁ କାଳୁପାତ୍ର ସାହି ଏବଂ ଗଣପତିନଗର ଅଞ୍ଚଳରେ ଚଢଉ କରି ଗୁଟ୍‌ଖା ଯୋଗାଉଥିବା ଉଭୟ ବାବୁଲା ଏବଂ ନାରାୟଣଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ସେମାନଙ୍କୁ ପଚରାଉଚରା ବେଳେ ଆବଶ୍ୟକୀୟ କୌଣସି ପ୍ରମାଣପତ୍ର ଦେଖାଇପାରିନଥିଲେ। ଉଭୟଙ୍କୁ ଜେରା ବେଳେ ସେମାନେ ନିମଖଣ୍ଡି ଥାନା ଅନ୍ତର୍ଗତ ଚଣ୍ଡିପଦର ଅଞ୍ଚଳର ସନ୍ତୋଷ ପାତ୍ର ନାମକ ବ୍ୟକ୍ତିଙ୍କ ଦ୍ୱାରା ପରିଚାଳିତ ଗୁଟ୍‌ଖା ଫ୍ୟାକ୍ଟିରୁ ଆଣିଥିବା ଜଣାପଡିଥିଲା। ପୁଲିସ୍ ସନ୍ତୋଷଙ୍କୁ ଧରିବା ଏବଂ ସମ୍ପୃକ୍ତ ଫେକ୍ଟିରେ ଚଢଉ ପାଇଁ ଉଦ୍ୟମ ଜାରି ରଖିଥିବା ବେଳେ ସେ ଫେରାର ହୋଇଯାଇଥିବା ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ଥାନାରେ ୮୪୨/୨୬ରେ ମାମଲା ହୋଇଛି। ଗିରଫ ସମସ୍ତ ୫ ବ୍ୟକ୍ତିଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି।

ପୋଖରୀରେ ବୁଡ଼ି ଶିଶୁପୁତ୍ରର ମୃତ୍ୟୁ

ବୁଗୁଡା,୩।୧୧/ଏନ୍‌ଏନ୍‌ଏସ୍: ବୁଗୁଡ଼ା ଥାନା ଅନ୍ତର୍ଗତ ଖୋଳଖାଳି ଗ୍ରାମରେ ପୋଖରୀରେ ବୁଡି ଦେଢବର୍ଷର ଶିଶୁପୁତ୍ରଟିଏ ମୃତ୍ୟୁ ବରଣ କରିଥିବା ଜଣାଯାଇଛି । ମୃତ ଶିଶୁଟି ଅଞ୍ଚଳର ସାଗର ରଣାଙ୍କ ପୁଅ ଦିବ୍ୟାଂଶୁ ରଣା ବୋଲି ଜଣାପଡିଛି। ଘଟଣାରୁ ପ୍ରକାଶ ଯେ, ଘର ଲୋକଙ୍କ ନଜରରୁ ଖସିଆସି ଶିଶୁଟି ବାରିପଟ ପୋଖରୀକୁ ଚାଲିଯାଇଥିଲା। ଶିଶୁଟିକୁ ଘରେ ନପାଇ ପରିବାର ଲୋକେ ବହୁତ ଖୋଜାଖୋଜି କରିବା ପରେ ତାକୁ ପୋଖରୀରେ ଭାସମାନ ଅବସ୍ଥାରେ ପାଇଥିଲେ। ଶିଶୁଟିକୁ ପୋଖରୀରୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଅଣାଯାଇଥିଲା ବେଳେ ସେଠାରେ ଡ଼ାକ୍ତର ତାକୁ ମୃତ ଘୋଷଣା କରିଥିଲେ। ଏନେଇ ଖବର ପାଇ ପୁଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ କେସ୍ ନଂ ୩୭/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ବେଳେ ଘଟଣାର ତଦନ୍ତ ଦାୟିତ୍ୱରେ ଏଏସ୍‌ଆଇ ଉପେନ୍ଦ୍ର କ୍ରାସ୍କା ରହିଥିବା ଜଣାଯାଇଛି।

ବନ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟସେବାର ପୁନରୁଦ୍ଧାର ଓ ଭିତ୍ତିଭୂମିର ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଆସିକାରୁ ୨୦ ମୋବାଇଲ୍ ହେଲ୍‌ଥ ୟୁନିଟ୍‌ର ଶୁଭାରମ୍ଭ

ଛତ୍ରପୁର,ଆସିକା,୩।୧୧/ଏନ୍‌ଏନ୍‌ଏସ୍: ବାତ୍ୟା 'ଅର୍ଣ୍ଣବ' ଓ ପରବର୍ତ୍ତୀ ବନ୍ୟା ଯୋଗୁଁ ଗଞ୍ଜାମ ଜିଲ୍ଲାରେ ପ୍ରଭାବିତ ହୋଇଥିବା ସ୍ୱାସ୍ଥ୍ୟସେବାର ପୁନରୁଦ୍ଧାର, ଚିକିତ୍ସାଳୟଗୁଡ଼ିକର ଭିତ୍ତିଭୂମି ଏବଂ ବନ୍ୟାଞ୍ଚଳରେ ଲୋକଙ୍କୁ ତ୍ୱରିତ ଚିକିତ୍ସା ସୁବିଧା

ବନ୍ୟା ପ୍ରଭାବିତ ଅଞ୍ଚଳର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

ଯୋଗାଣ ଉପରେ ସମୀକ୍ଷା କରିଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ। ଜିଲ୍ଲା ଗସ୍ତର ତୃତୀୟ ଦିନରେ ମନ୍ତ୍ରୀ ଛତ୍ରପୁର, ଆସ୍କା ସମେତ ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ଓ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ସ୍ୱାସ୍ଥ୍ୟସେବାକୁ ସ୍ୱାଭାବିକ କରିବା ଏବଂ ଲୋକଙ୍କ ନିକଟରେ ଆବଶ୍ୟକ ସେବା ପହଞ୍ଚାଇବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବନ୍ୟା ପ୍ରଭାବିତ ଅଞ୍ଚଳରେ ଲୋକଙ୍କ ଘର ପାଖରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଲକ୍ଷ୍ୟରେ ଆସିକା ଉପଖଣ୍ଡ ଚିକିତ୍ସାଳୟଠାରୁ ପ୍ରାୟ ୨୦ଟି ମୋବାଇଲ୍ ହେଲ୍‌ଥ ୟୁନିଟ୍‌ର ଶୁଭାରମ୍ଭ କରାଯାଇଥିଲା। ଏଥିମଧ୍ୟରୁ ୧୫ଟି ରାଜ୍ୟ ସରକାରଙ୍କ ପକ୍ଷରୁ ନିୟୋଜିତ ହୋଇଥିବା ବେଳେ ବିକାଶ, ମହାନଦୀ ନେତ୍ରାଳୟ, ହାଇଟେକ୍, ସମ୍ ଓ ଆପୋଲୋ ଭଳି ଘରୋଇ ଚିକିତ୍ସାନୁଷ୍ଠାନ ପକ୍ଷରୁ ପ୍ରାୟ ୫ଟି ୟୁନିଟ୍ ଯୋଗାଇ ଦିଆଯାଇଛି। ଏହି ମୋବାଇଲ୍ ୟୁନିଟ୍‌ଗୁଡ଼ିକ ବନ୍ୟା ପ୍ରଭାବିତ ଗ୍ରାମାଞ୍ଚଳକୁ ଯାଇ ଲୋକଙ୍କୁ ଚିକିତ୍ସା, ଔଷଧ ଓ ଅନ୍ୟାନ୍ୟ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇଦେବେ। ଦୁର୍ଗମ ଓ ପ୍ରଭାବିତ ଅଞ୍ଚଳରେ କୌଣସି ବ୍ୟକ୍ତି ଯେପରି ଚିକିତ୍ସା ସୁବିଧାରୁ ବଞ୍ଚିତ ନ ହୁଅନ୍ତି, ସେଥିପ୍ରତି ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଏହାପରେ ମନ୍ତ୍ରୀ ଛତ୍ରପୁରଠାରେ କୋଭିଡ୍ ମହାମାରୀ ସମୟରେ ନିର୍ମିତ ଅସ୍ଥାୟୀ ହସ୍ପିଟାଲ ପରିଦର୍ଶନ କରି ଏହାର ବର୍ତ୍ତମାନର ସ୍ଥିତି ଓ ଉପଲବ୍ଧ ଭିତ୍ତିଭୂମି ଯାଞ୍ଚ କରିଥିଲେ। ଜିଲ୍ଲାର ବରଙ୍ଗ ଅଞ୍ଚଳ ପରିଦର୍ଶନ କରି ମନ୍ତ୍ରୀ ବନ୍ୟାର ପ୍ରଭାବ ଅନୁଧ୍ୟାନ କରିବା ସହ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଆବଶ୍ୟକତା ବୁଝିଥିଲେ। ପରେ ମୁନିଷିପେଣ୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ରୋଗୀସେବା, ଚିକିତ୍ସା ସୁବିଧା ଓ ଆବଶ୍ୟକୀୟ ଭିତ୍ତିଭୂମିର ସମୀକ୍ଷା କରିଥିଲେ। ଏହି ଅବସରରେ ଜଣେ ନବଜାତ ଶିଶୁକୁ ବେବି କିଟ୍ ପ୍ରଦାନ କରିବା ସହ ମା' ଓ ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ସେହିପରି ମନ୍ତ୍ରୀ ୟୁ.ଡି.ଏସ୍.ପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଖଣ୍ଡଦେଉଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ସମସ୍ତଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଆସ୍କାସ୍ଥିତ ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟରେ ବାତ୍ୟା ଓ ବନ୍ୟା ପ୍ରଭାବିତ ଲୋକଙ୍କ ଚିକିତ୍ସା ପାଇଁ ଖୋଲାଯାଇଥିବା ଅସ୍ଥାୟୀ ହସ୍ପିଟାଲ ମଧ୍ୟ ପରିଦର୍ଶନ କରିଥିଲେ ମନ୍ତ୍ରୀ। ବନ୍ୟା ପରେ ଆସ୍କା ଉପଖଣ୍ଡ ଚିକିତ୍ସାଳୟର ସଫେଇ ଓ ସ୍ୱଚ୍ଛତା କାର୍ଯ୍ୟରେ ନିଃସ୍ୱାର୍ଥପର ଭାବେ ସହଯୋଗ କରିଥିବା ସ୍ଥାନୀୟ ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ଓ ସମାଜସେବୀମାନଙ୍କୁ ମନ୍ତ୍ରୀ ସମ୍ମାନିତ କରିଥିଲେ। ପରେ ମନ୍ତ୍ରୀ ଗୋବରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ଗସ୍ତ ସମୟରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଆସ୍କା ବିଧାୟକ ସରୋଜ ପାଢ଼ୀ, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡ. ମହେଶ ମୋହନ ପଣ୍ଡା, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ବ୍ରହ୍ମପୁର ସିଡିଏମ୍ଓ ଡ. କାମେଶ୍ୱର ରାଓ, ଅତିରିକ୍ତ ନିର୍ଦ୍ଦେଶକ ଡ. ସୁଭାଶିଷ ମହାନ୍ତି, ଓଡିଶା ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ସଚିବ ଡା. ଭବାନୀ ଶଙ୍କର ମିଶ୍ର, ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ ଅଧିକ୍ଷକ ଡା. ଅଲେଖ ପ୍ରଧାନ, ପୋଟଲାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷକ ଡା. ସୁଶାନ୍ତଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ, ବିଭିନ୍ନ ଚିକିତ୍ସାଳୟର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

କନ୍ଧମାଳ ଜିଲ୍ଲାରେ ବାତ୍ୟାର ପ୍ରଭାବ

୧୩ ହଜାର ୧୧୭ ପ୍ରଭାବିତ, ୮୯୨୨ ସ୍ଥାନାନ୍ତରିତ

ଫୁଲବାଣୀ,୩।୧୧/ଏନ୍‌ଏନ୍‌ଏସ୍: କନ୍ଧମାଳ ଜିଲାରେ ବାତ୍ୟା ଓର୍ଣ୍ଣାବର ପ୍ରଭାବ ବିଶେଷ ଭାବେ ପ୍ରଭାବ ପଡ଼ିଛି । ଜିଲା ପ୍ରଶାସନର ପ୍ରାଥମିକ ତଦନ୍ତ ପ୍ରକାରେ , କନ୍ଧମାଳ ଜିଲାର ସମସ୍ତ ୧୨ଟି ବ୍ଲକରେ ୧୩ ହଜାର ୧୧୭ ଜଣ ସିଧାସଳଖ ଭାବେ ପ୍ରଭାବିତ ହୋଇଛନ୍ତି ଓ ଜିଲାର ୮୯୨୨ ଜଣଙ୍କୁ ସୁରକ୍ଷିତ ସ୍ଥାନାକୁ ସ୍ଥାନାନ୍ତରିତ କରାଯାଇଛି । ବାତ୍ୟାର ପ୍ରଭାବରେ ଜିଲାରେ ପ୍ରାୟ ଉଭୟ କଚା ଓ ପକ୍କା ୯୦୦ ଘର କ୍ଷତିଗ୍ରସ୍ତ ହୋଇଥିବା ବେଳେ ୧୦୮ଟି ଗୃହ ସଂପୂର୍ଣ୍ଣଭାବେ ମାଟିରେ ମିଶିଛି । ଜିଲାରେ ବର୍ତ୍ତମାନ ୧୦୦ଟି ବାତ୍ୟା ଆଶ୍ରୟ ସ୍ଥଳରେ ରହୁଥିବା ଆଶ୍ରୟ ମାନଙ୍କୁ ପ୍ରଶାସନ ପକ୍ଷରୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି। ବର୍ତ୍ତମାନ ସୁଦ୍ଧା ରିପୋର୍ଟ ପ୍ରକାରେ ବାତ୍ୟା ଯୋଗୁଁ କନ୍ଧମାଳ ଜିଲାର ତିନିଜଣଙ୍କର ଦେହାନ୍ତ ଘଟିଥିବା ବେଳେ ପ୍ରାୟ ୪୦ଟି ରାସ୍ତା ସଂପୂର୍ଣ୍ଣଭାବେ ନଷ୍ଟ ହୋଇଛି । ସେହିଭଳି ଜିଲାର ୫ଟି ସ୍ଥାନରେ ଭୂସ୍ଖଳନ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାଯାଇଛି । ଜିଲାର ବିଭିନ୍ନ ସ୍ଥାନରେ ୩୧ଟି ପୋଲ ନଷ୍ଟ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୪୬ ଜଣ ଗର୍ଭବତୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଇଛି । ଜିଲାର ୨୭ଟି ସ୍ଥାନରେ ଗଛପଡ଼ି ରାସ୍ତା ଅବରୋଧ ହୋଇଥିଲା। ବାତ୍ୟାର ପ୍ରଭାବରେ

ଜିଲାର ୧୨ଟି ଅଙ୍ଗନବାଡ଼ି କେନ୍ଦ୍ର କ୍ଷତିଗ୍ରସ୍ତ ହୋଇଥିବା ବେଳେ ଗଣଶିକ୍ଷା ବିଭାଗର ୧୪ଟି ବିଦ୍ୟାଳୟ କ୍ଷତିଗ୍ରସ୍ତ ହୋଇଛି ଓ ଜିଲା ମଙ୍ଗଳ ବିଭାଗ ଅଧିନସ୍ଥ ୪୫ଟି ଆବାସିକ ବିଦ୍ୟାଳୟ ଓ ହଷ୍ଟେଲ୍ ଗୃହ କ୍ଷତିଗ୍ରସ୍ତ ହୋଇଛି । ସରକାରୀ ଗୃହ ବ୍ୟତୀତ ଅନ୍ୟାନ୍ୟ କୋଠାଘର ୬୩ଟି କ୍ଷତିଗ୍ରସ୍ତ ହୋଇଛି । ଜିଲାରେ ବର୍ତ୍ତମାନ ରିପୋର୍ଟ ପ୍ରକାରେ, ୧୩୬୯ ହେକ୍ଟର ଧାନ ଚାଷ ଜମି ଓ ୨୮୮ ହେକ୍ଟର ପରିବାର ଚାଷ ଜମି ବାତ୍ୟାର ପ୍ରଭାବରେ କ୍ଷତିଗସ୍ତ ହୋଇଥିବା ପ୍ରାଥମିକ ଆକଳନରୁ ସୂଚନା ଦିଆଯାଇଛି। ରିପୋର୍ଟ ପ୍ରକାରେ ବାତ୍ୟାର ପ୍ରଭାବରେ ରାଇକିଆ ବ୍ଲକରେ ସର୍ବାଧିକ ୬୭୩ ଘର କ୍ଷତିଗ୍ରସ୍ତ ହୋଇଥିବା ବେଳେ ସର୍ବାଧିକ ୨୫୩୫ଜଣଙ୍କୁ ସ୍ଥାନାନ୍ତରିତ କରାଯାଇଛି । ସେହିଭଳି ୩୦୦ରୁ ଊର୍ଦ୍ଧ୍ୱ ଏକର ଜମି କ୍ଷତିଗ୍ରସ୍ତ ହୋଇଥିବା ରିପୋର୍ଟରୁ ପ୍ରକାଶ । ପ୍ରତି ବ୍ଲକ ଓ ସହରାଞ୍ଚଳ ପାଇଁ ବରିଷ୍ଠ ଅଧିକାରୀ ମାନଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ପ୍ରଦାନ କରାଯାଇଛି । ବିଶେଷକରି ଭୂସ୍ଖଳନ ଆଶଙ୍କା ଥିବା ଦୁର୍ଗମ ଓ ଅପହଞ୍ଚ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ବିଭିନ୍ନ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଉଛି ।

ଜିଲ୍ଲା ପରିଷଦ ସଦସ୍ୟା ଅନିମା ପରିଡ଼ାଙ୍କ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ

ଆସିକା,୩।୧୧/ଏନ୍‌ଏନ୍‌ଏସ୍: ବାତ୍ୟା ଅର୍ଣ୍ଣବ ପ୍ରଭାବରେ ହୋଇଥିବା ପ୍ରଳୟଙ୍କରୀ ବନ୍ୟାରେ ଆସିକା ବ୍ଲକ ଓ ପୌର ପରିଷଦ ପରିସରଭୁକ୍ତ ଅଞ୍ଚଳ ବିଶେଷଭାବେ ପ୍ରଭାବିତ ହୋଇଛି । ଜିଲ୍ଲା ପରିଷଦ ସଦସ୍ୟା ତଥା ବିଜୁ ମହିଳା ଜନତା ଦଳର ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାନେତ୍ରୀ ଅନିମା ପରିଡା ଆସିକା ବ୍ଲକ ପରିସରଭୁକ୍ତ ୨ ନମ୍ବର ଜିଲ୍ଲା ପରିଷଦର ଜୋନ୍‌ର ଗଙ୍ଗାପୁର, ମଙ୍ଗଳପୁର, ଚଢେୟାପଲ୍ଲୀ ସମେତ ବିଭିନ୍ନ ଗ୍ରାମ ପଞ୍ଚାୟତକୁ ଗସ୍ତ କରି ବନ୍ୟା ପ୍ରଭାବିତଙ୍କ ବିଭିନ୍ନ ଅଭାବ ଅସୁବିଧା ଉପରେ ଆଲୋଚନା କରିଥିଲେ। କ୍ଷତିଗ୍ରସ୍ତ

ଚାଷୀଙ୍କୁ ସାନ୍ତ୍ୱନା ପ୍ରଦାନ କରିଥିବା ଦେଖିବାକୁ ମିଳିଥିଲା । ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ ପରିଡା ଆସିକା ବ୍ଲକର ଗଙ୍ଗାପୁର, ମଙ୍ଗଳପୁର, ଚଢେୟାପଲ୍ଲୀ ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମାଞ୍ଚଳକୁ ଗସ୍ତ କରି ବନ୍ୟା ଦୁର୍ଗତଙ୍କ ଅସମୟରେ ପାଖରେ ଛିଡା ହୋଇ ସୁବିଧା ଅସୁବିଧା ପଚାରି ବୁଝିବା ସାଙ୍ଗକୁ ବିଭିନ୍ନ ସମସ୍ୟାର ସମାଧାନ ଲାଗି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ଘଟଣାକୁ ନେଇ ସାଧାରଣରେ ପ୍ରଶଂସା କରାଯାଉଛି ।

ପ୍ରଳୟଙ୍କରୀ ବନ୍ୟାରେ ବ୍ୟାପକ ଆଖୁଫସଲ ନଷ୍ଟ

କ୍ଷୟକ୍ଷତିର ଆକଳନ କରି ଚାଷୀଙ୍କୁ ସହାୟତା ନିବେଦନ

ଆସିକା,୩।୧୧/ଏନ୍‌ଏନ୍‌ଏସ୍: ସାମୁଦ୍ରିକ ଝଡ ଅର୍ଣ୍ଣବର ପ୍ରଭାବରେ ହୋଇଥିବା ପ୍ରଳୟଙ୍କରୀ ବନ୍ୟାରେ ଆସିକା, ଧରାକୋଟ, ଶେରଗଡ, ସାନଖେମୁଣ୍ଡି, ସୋରଡା, ଭଂଜନଗର ସମେତ ଆଖପାଖ ଅଞ୍ଚଳର ଶହ ଶହ କ୍ଷେତରେ ଲାଗିଥିବା ଅମଳ ଉପଯୋଗୀ ଆଖୁଫସଲ ମଧ୍ୟରୁ କେଉଁଠି ପବନର ପ୍ରକୋପ ତ ଅନ୍ୟ କେଉଁଠି ବନ୍ୟାପାଣିରେ ଭିଜି ନଷ୍ଟ ହୋଇଛି। ସରକାରଙ୍କ ପକ୍ଷରୁ କ୍ଷୟକ୍ଷତିର ଆକଳନ କରି କ୍ଷତିଗ୍ରସ୍ତ ଆଖୁଚାଷୀମାନଙ୍କୁ ପର୍ଯ୍ୟାପ୍ତ ପରିମାଣରେ ଆର୍ଥିକ ସହାୟତା ପ୍ରଦାନ ସାଙ୍ଗକୁ ଋଣ ଛାଡ ଦିଗରେ ପଦକ୍ଷେପ ନେବାକୁ ବହୁ ଆଖୁଚାଷୀ ନିବେଦନ କରିଛନ୍ତି। ଆସିକା ସମବାୟ ଚିନିଶିଳ୍ପ ଲିଃ ପରିସରଭୁକ୍ତ ଅଞ୍ଚଳରେ ଅଧିକରୁ ଅଧିକ ଆଖୁଚାଷ କରିବା ଲକ୍ଷ୍ୟରେ ଆଖୁଚାଷୀମାନେ ଯେପରି ଆଖୁଚାଷ କରିବା ଲାଗି ଆଗ୍ରହ ପ୍ରକାଶ କରିବେ ତାହାକୁ ଦୃଷ୍ଟିରେ ରଖି ଶିଳ୍ପାନୁଷ୍ଠାନର ପରିଚାଳନା

ନିର୍ଦ୍ଦେଶକ ଡ. ସୁଶାନ୍ତ କୁମାର ପଣ୍ଡା ଏବଂ ପରିଚାଳନା ପରିଷଦର ସଭାପତି ରବିନ୍ଦ୍ର ପଣ୍ଡାଙ୍କ ଅହରହ ପ୍ରଚେଷ୍ଟା ଜାରି ରହିଛି। ଜିଲ୍ଲାର ୧୬ଟି ବ୍ଲକ ପରିସରଭୁକ୍ତ ଅଞ୍ଚଳରେ ୧୧୮୫ ଏକର ଜମିରେ ଆଖୁଚାଷ ହୋଇଛି। ସାମୁଦ୍ରିକ ଝଡ ଅର୍ଣ୍ଣବର ପ୍ରଭାବରେ ହୋଇଥିବା ପ୍ରଳୟଙ୍କରୀ ବନ୍ୟାରେ କେତେକ ଅଞ୍ଚଳରେ ଆଖୁଫସଲ ନଷ୍ଟ ହୋଇଛି। ବନ୍ୟାପାଣିରେ ଭିଜି ମୂଳିରେ ମୂଳସଡା ରୋଗ ବ୍ୟାପିବା ସମ୍ଭାବନା ଦେଖାଦେଇଛି । ଏପରିକି ପବନର ପ୍ରକୋପରେ କେତେକ ଆଖୁଗଛ ଧରାଶାୟୀ ହୋଇଥିବା ଅଭିଯୋଗ ହୋଇଛି। ଆସିକା ସମବାୟ ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକ ଡ. ସୁଶାନ୍ତ କୁମାର ପଣ୍ଡା ଏବଂ ପରିଚାଳନା ପରିଷଦର ସଭାପତି ରବିନ୍ଦ୍ର ପଣ୍ଡାଙ୍କ ପରାମର୍ଶକ୍ରମେ ଆଖୁ ପରାମର୍ଶଦାତା ବଳରାମ ସୁବୁଦ୍ଧ

ସଂକଟରେ ଧୋୟାଞ୍ଚଳର ବିରି ଚାଷୀ

କାଳିମୁଣ୍ଡି ପରେ ବୋଡ଼ାପୋକ ଆକ୍ରମଣ ● କୃଷି ବିଭାଗ ଓ ପ୍ରଶାସନ ନୀରବଦ୍ରଷ୍ଟା

ପଙ୍ଗାମୁଣ୍ଡାଇ,୩।୧୧/ଏନ୍ଏନ୍ଏସ୍:ପଙ୍ଗାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବନ୍ୟା ବିପନ୍ନ ଧୋୟାଞ୍ଚଳର ଅଷ୍ଟରା, ଅମୃତମଣୋହି,ବଲୁରିଆ ଦାଣ୍ଡିସାହି, କୃଷ୍ଣଦାସପୁର, ରାଉଳିଆ, ସିଂହଗାଁ ନୂଆପାଟଣା, କୋଳଥିଆ, ପେଣ୍ଡପାଳ, ତରଡ଼ିପାଳ ଓ ଅଳପୁଆ ଆଦି ରାଜସ୍ୱ ଗ୍ରାମର ହଜାର ହଜାର ହେକ୍ଟର ଜମିରେ ଅର୍ଥକରି ବିରି ଫସଲ ଚାଷ କରାଯାଇଥିଲା। ସାଧାରଣତଃ ଅକ୍ଟୋବର ମାସର ପ୍ରଥମ ସପ୍ତାହରେ ବିରି ବୁଣା ଯାଇଥିଲା। ତେବେ ଜୁଲାଇ, ଅଗଷ୍ଟ, ସେପ୍ଟେମ୍ବର ମାସରେ ବାରମ୍ବାର ବନ୍ୟା ଆସିବା ଯୋଗୁଁ ସାରଦ ଧାନ ସମୂଳେ ନଷ୍ଟ ହେବା ସହିତ ପନିପରିବା ଫସଲ ମଧ୍ୟ ନଷ୍ଟ ହୋଇଗଲା। ସର୍ବସ୍ୱ ହରାଇ ବହୁ ଆଶା ଭରସା କରି ଧୋୟାଞ୍ଚଳ ଚାଷୀମାନେ ବିରି ଚାଷ କରିଥିଲେ। କିନ୍ତୁ ପ୍ରଥମେ କାଳିମୁଣ୍ଡି ପୋକ ବିରି ଫସଲ ଖାଇ ଗଲେ। କେନ୍ଦ୍ରାପଡ଼ା ଜିଲ୍ଲା କୃଷି ଅଧିକାରୀ, ପଙ୍ଗାମୁଣ୍ଡାଇ ବ୍ଲକ କୃଷି ଅଧିକାରୀ ଏବଂ ଜଝାଙ୍କ କେଭିକେର ପିପିଓମାନେ କ୍ଷେତ୍ର ପରିଦର୍ଶନ ବେଳେ ଚାଷୀଙ୍କ ପାଖରେ ପହଞ୍ଚିବା ସହିତ କୀଟନାସକ ପ୍ରୟୋଗ କରିବାକୁ ପରାମର୍ଶ ଦେଇ ଫେରି ଯାଇଥିଲେ। ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଲଗାଣ ବର୍ଷା ବିରି ଫସଲରେ କୀଟନାସକ ପ୍ରୟୋଗରେ ମୁଖ୍ୟ ବାଧକ ଭାବେ ଠିଆ ହେଲା। ଅଷ୍ଟରା ଓ ଦାଣ୍ଡିସାହି ଗ୍ରାମର ଅଧିକାଂଶ ବିରି ଚାଷୀ ବହୁ କଷ୍ଟ କରି ବିରି ଫସଲକୁ କାଳିମୁଣ୍ଡି କବଳରୁ ରକ୍ଷା କରିଥିଲେ। ଗତ ୩/୪ ଦିନ ମଧ୍ୟରେ ବୋଡ଼ାପୋକ ସୃଷ୍ଟି ହୋଇ କାଳିମୁଣ୍ଡି ପୋକ ଦାଉରୁ ବଞ୍ଚି ଯାଇଥିବା ବିରି ଫସଲକୁ ଖାଇ ସଫା କରି ଦେଲେଣି ଓ ଯାହାଫଳରେ ବିରି ଚାଷ କରୁଥିବା ଚାଷୀମାନେ କୌଣସି ଉପାୟ ନପାଇ ଭାଗ୍ୟକୁ ଆଦରି ମୁଣ୍ଡରେ ହାତଦେଇ ବସିଛନ୍ତି। ବିଶେଷଜ୍ଞଙ୍କ ମତରେ ବୋଡ଼ାପୋକ କାଳିମୁଣ୍ଡି ପୋକ ଠାରୁ ଅଧିକ ମାରାତ୍ମକ ଓ ବାରମ୍ବାର ବନ୍ୟାରେ ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାବେଳେ ସମ୍ପ୍ରତି ବିରି ଫସଲ ଶତକଡ଼ା ୮୦ ଭାଗ ନଷ୍ଟ ହୋଇଯାଇଥିବାରୁ ଚାଷୀମାନେ କିପରି ପରିବାର ପ୍ରତିପୋଷଣ କରିବେ ସେ ନେଇ ପ୍ରଶ୍ନ ଉଠିଛି। ତେବେ କୀଟନାଶକ ସିଞ୍ଚନ ଦ୍ୱାରା ବୋଡ଼ାପୋକ ମରିବାର କୌଣସି ଗ୍ୟାରେଣ୍ଟି ନାହିଁ। ସମ୍ପ୍ରତି କୋହଲା ପାଗ ସାଙ୍ଗକୁ ଝିପି ଝିପି ବର୍ଷା ମଧ୍ୟ କୀଟନାଶକ ସିଞ୍ଚନରେ ବାଧା ସୃଷ୍ଟି କରୁଛି। ଏଭଳି ସ୍ଥିତିରେ ପୁଣି ଥରେ ବିରି ବୁଣିବାର ସମୟ ଅତିକ୍ରାନ୍ତ ହୋଇଥିବାରୁ ସମ୍ପୂର୍ଣ୍ଣ ଅସମ୍ଭବ ଅଟେ। କୃଷିବିଭାଗ ବିଭିନ୍ନ ପଞ୍ଚାୟତକୁ ଶଙ୍କର ଜାତୀୟ ବିରି ବିହନ ଗ୍ରାମ୍ୟ କୃଷି ଅଧିକାରୀଙ୍କ ଜରିଆରେ ଚାଷୀଙ୍କୁ ଯୋଗାଇ ଦେବା ପାଇଁ ପଦକ୍ଷେପ ନେଇଛନ୍ତି। ପ୍ରତ୍ୟେକ ଗାଁରେ ଶହ ଶହ ଚାଷୀ ଫାର୍ମର୍ସ ଆଇଡି ଖୋଲି କୃଷକ ଓଡ଼ିଶା ସଦସ୍ୟ ହୋଇଥିବାରୁ ସରକାରୀ ବିରି ବିହନ ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି। ଏଭଳି ଦୋଦୁଲ୍ୟମାନ ସ୍ଥିତିରେ ବିରି ଚାଷ ଆଦୌ କରିନଥିବା ଲୋକ ସରକାରୀ ବିହନ ନେବାକୁ ଦାବି କରୁଛନ୍ତି। ଯାହାଫଳରେ ଅଷ୍ଟରା ଭଳି ବ୍ୟାପକ ବିରି ଚାଷ କରିଥିବା ଚାଷୀମାନେ ଆବଶ୍ୟକ ସରକାରୀ ବିହନ ପାଉନଥିବା ଅଭିଯୋଗ ହୋଇଛି। କୃଷି ବିଭାଗ ଅବିଳମ୍ବେ ପର୍ଯ୍ୟାପ୍ତ ପରିମାଣରେ ଶଙ୍କର ଜାତୀୟ ବିରି ବିହନ ପ୍ରକୃତ ଚାଷୀଙ୍କୁ ଯୋଗାଇ ଦେବାକୁ ସ୍ଥାନୀୟ କୃଷକମାନେ ଦାବି କରିଛନ୍ତି।

ତରିକୁନ୍ଦ ଉଚ୍ଚ ବିଦ୍ୟାଳୟରେ ଏକତା ଦିବସ

ଜଗତସିଂହପୁର,୩।୧୧/ଏନ୍ଏନ୍ଏସ୍: ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ ତରିକୁନ୍ଦ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ଓ ଦୌରା ଜଲ୍ ତଥା ଆଇନ୍‌ସେବା ପ୍ରାଧିକରଣ ଅଧକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୧ତମ ଜୟନ୍ତୀ ଅବସରରେ ଏକତା ଦିବସ ପାଳନ ହୋଇଯାଇଛି। ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ବିଡିଡି ଚନ୍ଦନାଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଏକତା ଓ ସୁରକ୍ଷାର ଶପଥ ପାଠ କରାଇଥିଲେ। ଏଥିରେ ଛାତ୍ରଛାତ୍ରୀମାନେ ଏକତ୍ର ହୋଇ ଦେଶର ଏକତା, ଅଖଣ୍ଡତା ଓ ସୁରକ୍ଷାକୁ ବଜାୟ ରଖିବା ପାଇଁ ସଂକଳ୍ପ ନେଇଥିଲେ। ଦେଶର ଏକତା ଓ ଅଖଣ୍ଡତାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ନିଜକୁ ସମର୍ପିତ କରିବା ନିମନ୍ତେ ସଚିବ ଶପଥ ପାଠ କରାଇଥିଲେ। ଏହା ସହ 'ସୁରକ୍ଷିତ ବଚପନ୍' ଅଭିଯାନ ଅନୁଯାୟୀ ଛାତ୍ରଛାତ୍ରୀମାନଙ୍କୁ ପୋକସୋ ଆଇନ ବିଷୟରେ ମଧ୍ୟ ସଚିବ ବୁଝାଇ ଥିଲେ।

ଜିଲ୍ଲା କୋର୍ଟ କର୍ମଚାରୀଙ୍କ ଘରୁ ଚୋରି

ରାଜନଗର,୩।୧୧/ଏନ୍ଏନ୍ଏସ୍: ରାଜନଗର ବ୍ଲକ୍ ସାନବଡ଼ଗୋପାଳପୁର ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର ଅଭୟକୁମାର ବଳଙ୍କ ଘରେ କେହି ନଥିବାର ସୁଯୋଗ ନେଇ ଚଳିତ ମାସ ୧ତାରିଖ ରବିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଚୋରି କରିଥିବା ରାଜନଗର ଥାନାରେ ଅଭିଯୋଗ ହୋଇଛି। ଶ୍ରୀ ବଳଙ୍କ ଅଭିଯୋଗ ମୁତାବକ, ସେ ଜିଲ୍ଲା କୋର୍ଟରେ ପ୍ରୋସେସର ଭାବେ କାର୍ଯ୍ୟ କରୁଥିବାରୁ ସପରିବାରେ ସରକାରଙ୍କ ପକ୍ଷରୁ ମିଳିଥିବା କ୍ୱାର୍ଟର୍ସ କେନ୍ଦ୍ରାପଡ଼ାରେ ରହୁଛନ୍ତି। କେହି ନଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଗ୍ରୀଲ୍ ଗେଟ୍ ତାଲା ଭାଙ୍ଗି ଭିତରକୁ ପଶି କବାଟ ତାଲା ଭାଙ୍ଗି ଘର ଭିତରକୁ ପ୍ରବେଶ କରିଥିଲେ। ଗଡ୍‌ରେଜ୍ ତାଡି ତହଁରେ ଥିବା ଲକ୍ଷାଧିକ ଟଙ୍କାର ସୁନା ଚେନ୍, ସୁନା ମୁଦି, ସୁନା ବାହୁଟି ହଳେ ଓ ନଗଦ ୩୦ହଜାର ଟଙ୍କା ଲୁଟି ନେଇ ଯାଇଛନ୍ତି। ସେ କେନ୍ଦ୍ରାପଡ଼ାରେ ଥିବାରୁ ପଡ଼ୋଶୀଙ୍କଠାରୁ ଖବର ପାଇ ଆସି ଚୋରି ହୋଇଥିବା ଦେଖି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ପୁଲିସ ୩୯୯/୨୬ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି।

ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ମୁଖାଟିକିରି,୩।୧୧/ଏନ୍ଏନ୍ଏସ୍: ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ପାଥପୁର ମା' ଦୁର୍ଗା ମଣ୍ଡପରେ ସଚେତନ ନାଗରିକ ସମାଜ ଓ ଶ୍ରୀଶ୍ରୀ ସିଦ୍ଧ ମହାପୁରୁଷ ପାଠାଗାର, ପଥରନାସି, ରଇପୁର ମିଳିତ ଆନୁକୂଲ୍ୟରେ ରାଷ୍ଟ୍ରୀୟ ଏକତା ଦିବସ ୨୦୨୬ ପାଳିତ ହୋଇଅଛି। ଏହାକୁ ଆନୁଷାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ ବିଶିଷ୍ଟ ଶିକ୍ଷାବିତ୍ ତ୍ରିଲୋଚନ ସେନାପତି। ସଚେତନ ନାଗରିକ ସମାଜର ସଭାପତି ଉମେଶ ଚନ୍ଦ୍ର ସେନାପତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଖ୍ୟାତନାମା ଶିକ୍ଷାବିତ୍ ତ୍ରିଲୋଚନ ସେନାପତି, ମୁଖ୍ୟ ବକ୍ତା ଭାବେ କଳାକାର ଓଡ଼ିଶାର ସଭାପତି ସତ୍ୟବ୍ରତ ପୁହାଣ, ସ୍ୱତନ୍ତ୍ର ଅତିଥି ଭାବେ ବର୍ଷୀୟାନ ଶିକ୍ଷାବିତ୍ ପିତାମ୍ବର ସେନାପତି,ସମ୍ମାନିତ ଅତିଥି ଭାବେ ବରିଷ୍ଠ ସମାଜସେବୀ ବସନ୍ତ କୁମାର ସ୍ୱାଇଁ, ଦୁର୍ଗାପୂଜା କମିଟିର ସଭାପତି ସୁଦାମ ଚରଣ ଦଳାଇ, ଯୁବ ସମାଜସେବୀ ବିମଳ ସେନାପତି ଯୋଗଦେଇ ୧୫୧ତମ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀରେ ଜାତୀୟ ଏକତାର ମହାମନ୍ତ୍ର ପ୍ରଦାନ କରିବା ସହ ଏକ ଭାରତ, ଶ୍ରେଷ୍ଠ ଭାରତ, ବିକଶିତ ଭାରତ ଗଠନ ପାଇଁ ନିଜକୁ ସମର୍ପଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ରାଷ୍ଟ୍ରୀୟ କାର୍ଯ୍ୟକ୍ରମରେ ଭାଗ ନେଇଥିବା ବୟୋଜ୍ୟେଷ୍ଠ ପ୍ରତିଭା ନିତ୍ୟାନନ୍ଦ ଦଳାଇ, ଅନନ୍ତ ଦଳାଇ, ଇନ୍ଦ୍ରମଣି ଦଳାଇ, ମାଗୁଣି ଦଳାଇ, ନଟବର ଦଳାଇ, ମହାଦେବ ଦଳାଇ, ରଙ୍କନିଧି ଦଳାଇ, ଝୁମୁରି ଦଳାଇ, ନଳିନୀ ଦଳାଇ, ଶରଣ ଦଳାଇ, ଶ୍ୟାମସୁନ୍ଦର ଦଳାଇ, ମୁରଲୀଧର ଦଳାଇ, ତ୍ରିଲୋଚନ ଦଳାଇ ପ୍ରମୁଖଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରାମର ଏକ ଶହରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର, ଖାତା, ପେନ୍ ଆଦି ପାଠ୍ୟ ଉପକରଣ ଓ ମିଷ୍ଟାନ୍ନ ବଣ୍ଟନ କରଯାଇଥିଲା। ଜୀବନବ୍ୟାପୀ ସାହିତ୍ୟ ସାଧନା ଓ ସମାଜସେବା ପାଇଁ ଅନୁଷାନ ତରଫରୁ ସୁସାହିତ୍ୟିକ ସତ୍ୟବ୍ରତ ପୁହାଣଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀଶ୍ରୀ ସିଦ୍ଧ ମହାପୁରୁଷ ପାଠାଗାରର ମୁଖ୍ୟ ସଂଯୋଜକ ପଣ୍ଡିତ ଭୂପେଶ କୁମାର ସେନାପତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସମ୍ପାଦକ ଆର୍ନ୍ତଜାତୀୟ ଖ୍ୟାତି ସଂପନ୍ନ କବି ହିମାଂଶୁ ଭୂଷଣ ଜେନା ଅତିଥି ପରିଚୟ ଓ ସଂପାଦକୀୟ ବିବରଣୀ ପାଠ କରିଥିଲେ। ଶିକ୍ଷକ ବିଜୟ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ରାଷ୍ଟ୍ରୀୟ ଏକତା ଦିବସ ପାଳନ କାର୍ଯ୍ୟକ୍ରମରେ ଗ୍ରାମର ଆବାଳବୃଦ୍ଧବନିତା ସାମିଲ ହୋଇଥିଲେ।

'ଶିଶୁମାନଙ୍କ ଲୁକ୍କାୟିତ ପ୍ରତିଭାର ପରିଚୟ ଅଟେ ସୁରଭି'

କେନ୍ଦ୍ରାପଡ଼ା,୩।୧୧/ଏନ୍ଏନ୍ଏସ୍: କେନ୍ଦ୍ରାପଡ଼ା ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି - ୨୦୨୬ ' ସରସ୍ୱତୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଦେପୁର ଠାରେ ପାଳିତ ହୋଇଯାଇଛି। ଏହି ମହୋତ୍ସବରେ ବ୍ଲକ୍ ର ୧୭ଟି କ୍ଲଷ୍ଟର୍‌ର ବିଭିନ୍ନ ବିଦ୍ୟାଳୟରୁ ପାୟ ୫୦୦ ଛାତ୍ରଛାତ୍ରୀ ଯୋଗଦେଇ ନିଜ ନିଜର ଅନ୍ତର୍ନିହିତ ପ୍ରତିଭାର ପ୍ରଦର୍ଶନ କରିଥିଲେ। ବ୍ଲକ୍ ଶିକ୍ଷା ଅଧିକାରୀ ଶୁଭେନ୍ଦୁ ମହାରାଜଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ କେନ୍ଦ୍ରାପଡ଼ା ସାଂସଦଙ୍କ ପ୍ରତିନିଧି ବିଚିତ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ପରିଚୟ ସୁରଭି ଅଟେ ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଜୋନ୍ ନଂ-୮ ର ଜିଲ୍ଲା ପରିଷଦ ସଭ୍ୟ ରଶ୍ମିରଞ୍ଜନ ରାଉତ, ଓଷ୍ଟପୁର ସରପଞ୍ଚ ପ୍ରଶନ୍ନ କୁମାର ରାଉତ, ସହ ମଣ୍ଡଳ ଶିକ୍ଷାଧିକାରୀ ତଥା ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ରଞ୍ଜନ କୁମାର ରାଉତରାୟ, ସରସ୍ୱତୀ ସରକାରୀ ଉଚ୍ଚ ବିଦ୍ୟାଳୟର ପଞ୍ଚସଖା ଶିକ୍ଷା ସେତୁର ସଭାପତି ଡକ୍ଟର ଉପେନ୍ଦ୍ରନାଥ ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରଶ୍ମିରଞ୍ଜନ ଚୌଧୁରୀ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କାଦମ୍ବିନୀ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିତର୍କ, ବକ୍ତୃତା, ରଚନା, ଚିତ୍ରାଙ୍କନ, କୁଇଜ୍, ସୃଜନାତ୍ମକ ଲିଖନ, ଦଳଗତ ସାଂସ୍କୃତିକ ନୃତ୍ୟ ଆଦି ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ପିଲାମାନଙ୍କ ଜ୍ଞାନ, କଳା, ସାହିତ୍ୟ ଓ ସଂସ୍କୃତି ଆଦି ପ୍ରତିଭାର ପରିପ୍ରକାଶ ହୋଇଥିଲା। ଶିଶୁମାନଙ୍କ ମଧ୍ୟରେ ଥିବା ପ୍ରତିଭାର ଅନ୍ୱେଷଣ, ଆତ୍ମବିଶ୍ୱାସର ବୃଦ୍ଧି, ସୃଜନଶୀଳତାର ବିକାଶ ତଥା ସେମାନଙ୍କୁ ଏକ ସୁନ୍ଦର ଭବିଷ୍ୟତ ଗଠନ ଦିଗରେ ପ୍ରେରଣା ଦେବା ହେଉଛି ଏହି ସୁରଭି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଉପସ୍ଥିତ ଅତିଥିମାନେ ଶିଶୁମାନଙ୍କର ପ୍ରତିଭାର ଉଚ୍ଚ ପ୍ରଶଂସା କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ କାଦମ୍ବିନୀ ନାୟକଙ୍କ ସଂଯୋଜନାରେ ଓ ମଣ୍ଡଳ ଶିକ୍ଷାଧିକାରୀ ଶୁଭେନ୍ଦୁ ମହାରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପ୍ରତିଷ୍ଠାତା ସଭ୍ୟ ଫକିର ଚରଣ ଖଟୁଆ ସହ ମଣ୍ଡଳ ଶିକ୍ଷାଧିକାରୀ ରଞ୍ଜନ କୁମାର ରାଉତରାୟ, ନୋଡାଲ ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ତରାଇ, କଂସାର ସାହସପୁର ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ରଶ୍ମିରଞ୍ଜନ ପ୍ରଧାନ, ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା ଦାଶରଥି ନାୟକ, ମାନଭଞ୍ଜନ ପ୍ରଧାନ, ଦୁଃଶାସନ ରାଉତ, ଅଶୋକ କୁମାର ସାହୁ, ନୋଡାଲ ସିଆର୍‌ସିସି କିଶୋର ଚନ୍ଦ୍ର ଜେନା, ଏଣ୍ଡର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୀପକ କୁମାର ବେହେରା ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ମ୍ୟୁନିସିପାଲ ଉଚ୍ଚ ବିଦ୍ୟାଳୟ, ମହିପାଳର ସହକାରୀ ଶିକ୍ଷକ ଅନନ୍ତ କୁମାର ପରିଡ଼ା ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ସନ୍ତୋଷ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର ସୁପରିଚାଳନାରେ ସେକ୍ ଏମ୍‌ଡି. ଫାୟାଜୁଦ୍ଦିନ୍ , ଏମ୍‌ଡି. ଅସଗର୍ ଅଲ୍ଲୀ, ମହେଶ୍ୱର ସାହୁ, ଅଚ୍ୟୁତାନନ୍ଦ ସାମଲ , ଗଙ୍ଗାଧର ମହାପାତ୍ର, ବୈଲୋଚନ ସାମଲ , ତପନ କୁମାର ଜେନା, ଦେବି ପ୍ରସାଦ ଦାସ, କ୍ଷିରୋଦ ଚନ୍ଦ୍ର ସ୍ୱାଇଁ, ସଦାଶିବ ସାହୁ, ପ୍ରଶନ୍ନ କୁମାର ନାୟକ, ରଜତ କୁମାର ବାରିକ, ପ୍ରଦୀପ୍ତ କୁମାର ସତପଥି, ଦେବାଶିଷ ଭୋଳ, ଆଶୁତୋଷ ବେହେରା, କାକୁଳି ମଲ୍ଲିକ, ଜିତେନ୍ଦ୍ର କୁମାର ତ୍ରିପାଠୀ, ମନୋରଞ୍ଜନ ମହାପାତ୍ର କୈଳାସ ଚନ୍ଦ୍ର ରାଉତ ଆଦି ଶିକ୍ଷକ ଶିକ୍ଷୟିତ୍ରୀ/ ସିଆର୍‌ସିସିମାନେ ସହଯୋଗ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମଧୁସ୍ମିତା ଲେଙ୍କା, ସବିତା ରାଉତରାୟ, ସୁଜାତା ସାହୁ, ମାନସ ତରାଇ, ଲକ୍ଷ୍ମୀ ନାୟକ, କଳ୍ପନା ବେହେରା, ଜୟନ୍ତୀ ମହାନ୍ତି, ସାବିତ୍ରୀ ସାହୁ, ଦିବ୍ୟଜ୍ୟୋତି ଦାସ, ଦୀପା ରାଉତରାୟ, ଅନନ୍ୟା ପ୍ରିୟଦର୍ଶିନୀ ବେହୁରା ପ୍ରମୁଖଙ୍କ ସହ ବିଦ୍ୟାଳୟ ପରିଚାଳନା କମିଟି ରଞ୍ଜନ କୁମାର ରାଉତ, ନିରଞ୍ଜନ ବାରିକ, ନିର୍ମଳ କୁମାର ଭୋଳ ପ୍ରମୁଖ କାର୍ଯ୍ୟକ୍ରମର ସହଯୋଗ କରିଥିଲେ।

ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ପରଜଙ୍ଗ,୩।୧୧/ଏନ୍ଏନ୍ଏସ୍: ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ୍ ଜୟପୁରାକାଟେଣୀ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ତଥା ସମାଜସେବୀ ଦୟାନିଧି ବେହେରା (୮୫)ଙ୍କ ସୋମବାର ରାତି ପ୍ରାୟ ୧୦ଟା ବେଳକୁ ପରଲୋକ ଘଟିଛି। ଶିକ୍ଷାଦାନ ସହ ସମାଜସେବା କ୍ଷେତ୍ରରେ ତାଙ୍କର ଅବଦାନ ଅବିସ୍ମରଣୀୟ ଥିଲା। ସେ ଜଣେ ପରୋପକାରୀ ମେଳାପୀ ଓ ମିଷ୍ଟଭାଷୀ ବ୍ୟକ୍ତି ଭାବେ ଅଞ୍ଚଳରେ ସୁପରିଚିତ ଥିଲେ। ତାଙ୍କଠାରେ ଶିକ୍ଷା ଲାଭ କରି ବହୁ ଛାତ୍ରଛାତ୍ରୀ ଉଚ୍ଚ ପଦସ୍ଥ ଅଧିକାରୀ ଭାବରେ ମଧ୍ୟ କାର୍ଯ୍ୟ କରୁଛନ୍ତି। ତାଙ୍କ ବିୟୋଗରେ ଗ୍ରାମ ଓ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ଖବର ପାଇ ପୁଅ ବୋହୂ, ଝିଅଜ୍ୱାଇଁ ଓ ନାତି ନାତୁଣୀ ପହଞ୍ଚିବା ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ବିୟୋଗର ଖବର ଜାଣିବା ପରେ ଆତ୍ମୀୟ ସ୍ୱଜନ, ପୂର୍ବତନ ଛାତ୍ରଛାତ୍ରୀ, ଗ୍ରାମବାସୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ପହଞ୍ଚି ଶେଷଦର୍ଶନ କରିବା ସହ ଗଭୀର ଶୋକ ପ୍ରକାଶ କରିଛନ୍ତି।

ଗଞ୍ଜେଇ ଜବତ, ଜଣେ ଗିରଫ

ତାଳଚେର,୩।୧୧/ଏନ୍ଏନ୍ଏସ୍: ଅନୁଗୋଳ ସୁପରିଟେଣ୍ଡଣ୍ଟ ମଧୁସ୍ମିତା ନାୟକଙ୍କ ନିର୍ଦ୍ଦେଶକ୍ରମେ ତାଳଚେର ଅବକାରୀ ବିଭାଗ ଓଆସି ହାତିଆ ବେହେରା ତତ୍ତ୍ୱାବଧାନରେ ଏକ ମିଳିତ ଟିମ ଗଞ୍ଜେଇ ନେଇ ତାଳଚେର ଆଡ଼କୁ ଆସୁଥିବା ସମଲ ଥାନା ଅନ୍ତର୍ଗତ ବିକସର ଗ୍ରାମରେ ମାଫିଆଙ୍କୁ ମାଡ଼ିବସିଥିଲେ। ଚଢ଼ାଉ ସମୟରେ ଅଭିଯୁକ୍ତ ଶିପୁର ଅଞ୍ଚଳର ବେଣୁଧର ସାହୁ (୩୬)ଙ୍କ ନିକ

ନିତି ଭାରତୀ

ବିପଦରୁ ରକ୍ଷା ପାଇବା ପାଇଁ ପ୍ରାର୍ଥନା କରନାହିଁ, ବରଂ ବିପଦକୁ ସମ୍ମୁଖୀନ ହେବା ନିମନ୍ତେ ନିର୍ଭୀକ ହେବାକୁ ପ୍ରାର୍ଥନା କର।

- ରବୀନ୍ଦ୍ର ନାଥ ଠାକୁର

ନିତିଦିନ NITIDIN

ବୁଧବାର, ୪ ନଭେମ୍ବର ୨୦୨୬

ଲୁହର ମୂଲ୍ୟ

ବାସନ୍ତୀ ମହାନ୍ତି

ଲୁହର ବି ଗୋଟିଏ ଶକ୍ତି ଅଛି। କେତେବେଳେ ଫୁଲଟିଏ ହୋଇ ସମସ୍ତଙ୍କ ହୃଦୟରେ ଅମୃତ ବର୍ଷି ଦେଇଯାଏ ତ ଆଉ କେତେ ବଡ଼ ବଡ଼ ସାମ୍ରାଜ୍ୟକୁ ଭୂତଳଶାୟୀ କରି ଦେଇଥାଏ। ଯେଉଁ ଲୁହ ଅସହାୟ ଅରକ୍ଷଣୀୟ ଚକ୍ଷୁ କୋଣରୁ ନିଗିଡ଼ି ଆସିଥାଏ, ସେ ଲୁହ ଖୁବ୍ ଶକ୍ତିଶାଳୀ। ସେଥିରେ ଥାଏ ଧ୍ୱଂସାତ୍ମକ ଉପାଦାନ। ସବୁ ଲୁହ ମୂଳରେ ଥାଏ ଆବେଗ, ଭାବପ୍ରବଣତା। ସ୍ନେହ, ପ୍ରେମ, ଭଲ ପାଇବା, ମମତ୍ୱବୋଧ। ଅତ୍ୟାଚାରିତ ନିର୍ଯାତିତ ପୀଡ଼ିତର ଚକ୍ଷୁରୁ ନିଗିଡ଼ି ଆସେ ଲୁହ। ଠିକ୍ ସେମିତି ପ୍ରେମ ବନ୍ଧନରେ ବାନ୍ଧି ହୋଇଥିବା ଦୁଇଟି ଆତ୍ମାର ଲୋଡ଼ିବାପଣ ଭିତରେ ମଧ୍ୟ ରହିଥାଏ ଲୁହ। ବଜ୍ର କଠିନ ହୃଦୟ ପ୍ରେମ ବିଜଡ଼ିତ ହେଲେ ଲୁହଗ୍ରନ୍ଥି ସକ୍ରିୟ ହୋଇଯାଏ। ଦୁହିଁଙ୍କ ଭିତରେ ଏତେ ଟିକେ ଅବହେଳା ଅଣହେଳା ହେଲେ ପ୍ରତିବାଦ ସ୍ୱରୂପ ସିଏ ନିଗିଡ଼ି ଆସେ- କେତେବେଳେ ଅଭିମାନରେ ତ ଆଉ କେତେବେଳେ ଆପତ୍ତି ଅଭିଯୋଗରେ। ସେଇ ଲୁହ ଟୋପାକ ପୁଣି ଦୁହିଁଙ୍କ ଭିତରେ ଥିବା ସଂପର୍କକୁ ଯୋଡ଼ି ଆହୁରି ମଜଭୁତ କରିଦିଏ। ରାଧାର ଆଖିର ଲୁହ ପାଖରେ ଚିରଦିନ ବନ୍ଧା ପଡ଼ି ଯାଇଥିଲେ ଶ୍ରୀକୃଷ୍ଣ। ତାଙ୍କର ତୁଣ୍ଡରୁ ବାହାରୁ ଥିବା ଧ୍ୱନି ରାଧା ନାମରେ ରୂପାନ୍ତରିତ ହୋଇ ଯାଉଥିଲା। ମୋହନ ବଂଶୀରୁ ଶୁଭୁଥିଲା ରାଧା ରାଧା ରାଧା। ଯୋଜନ ଯୋଜନ ଦୂରରେ ଥାଇ ବି ରାଧା ଅନୁଭବ କରୁଥିଲେ ସେ ପ୍ରେମର ଗଭୀରତା। ଜୀବନର ସର୍ବଶ୍ରେଷ୍ଠ ପ୍ରାପ୍ତି ରୂପେ ସେ ଅବଶିଷ୍ଟ ଜୀବନ ବଞ୍ଚି ଯାଇଥିଲେ। ଦ୍ରୌପଦୀଙ୍କର ଲୁହରେ ହସ୍ତିନାପୁର ଧ୍ୱସ୍ତବିଧ୍ୱସ୍ତ ହୋଇଥିଲା। ସୀତାଙ୍କ ଲୁହରେ ଲଙ୍କାଗଡ଼ ଜଳିପୋଡ଼ି ଧ୍ୱଂସ ହୋଇଥିଲା।

ଲୁହର ବି ଗୋଟିଏ ଭାଗ୍ୟ ଅଛି। ସବୁ ଲୁହ ଅବାଞ୍ଛତ, ଅଖୋଜା ଅଲୋଡ଼ା ହୋଇ ବହିଯିବା ପାଇଁ ସୃଷ୍ଟି ହୋଇ ନଥାନ୍ତି। ଚକ୍ଷୁ କୋଣରୁ ନିଗିଡ଼ି ପଡୁଥିବା ଲୁହକୁ ଶୋଷି ନେବା ପାଇଁ ଯଦି ତୃଷାର୍ତ୍ତ ଓଠଟିଏ ଥାଏ, ତେବେ ସେ ଲୁହ ଟୋପାକ ଅମୂଲ ମୂଲ୍ୟ ହୋଇଯାଏ। ଜଣକର ଲୁହକୁ ଯଦି ଅନ୍ୟ ଜଣଙ୍କର ପାପୁଲି କିମ୍ବା ପଣତକାନି ପୋଛିନିଏ, ସେ ଲୁହର ମହତ୍ତ୍ୱ ଖୁବ୍ ବଢ଼ିଯାଏ। ଏ କ୍ଷେତ୍ରରେ ଦୁନିଆର ସବୁରି ଆଖିରୁ ଲୁହ ଝରି ଆସିଲେ ବି ସମାଜର କୌଣସି କ୍ଷତି କରି ପାରିବ ନାହିଁ। ବରଂ ସ୍ନେହ, ପ୍ରେମ, ମମତ୍ୱ ମଧ୍ୟରେ ମଣିଷ ସମାଜ ଆହୁରି ମଞ୍ଜୁଳ ହୋଇ ପାରିବ। ଆମେ କାମନା କରିବା, ଏ ଲୁହମାନେ ଏମିତି ନିଗୁଡୁ ଥାଆନ୍ତୁ ଓ ସେ ଲୁହକୁ ଶୋଷି ନେବା ପାଇଁ ସହସ୍ର ସହସ୍ର ଓଠ, ପାପୁଲି ଓ ପଣତ ସକ୍ରିୟ ଥାଆନ୍ତୁ। ଆଉ କିଛି ଲୁହ ଥାଆନ୍ତି, ସତକୁ ସତ ସେ ଲୁହମାନେ ଖୁବ୍ ନିରିମାଖୀ। ସେମାନଙ୍କ ବ୍ୟଥା, ବେଦନା, ବିଦଗ୍ଧ ହୃଦୟର ଯନ୍ତ୍ରଣା ବୁଝିବାକୁ କେହି ନଥାନ୍ତି! ଅରଣ୍ୟ ରୋଦନ ପରି ସେ ଲୁହର କେହି ସାହା ସହାୟ ନଥାନ୍ତି। ଲୋକଲୋଚନ ଅଗୋଚରରେ ସେ ଲୁହ ସେମିତି ବ୍ୟର୍ଥରେ ନିଗୁଡୁ ଥାଏ। ସେ ଲୁହର କାରଣ ଖୋଜିବାକୁ କେହି କେବେ ଆସନ୍ତି ନାହିଁ। ସେ ଲୁହ, ସେ କୋହ, ସେ ମୋହ ସେମିତି ଗହନ ବନ ଭିତରେ ନିଷ୍ଫଳ ହୋଇଯାଏ। ସେ ଭିଜିଲା ଆଖି ସେମିତି ଭିଜୁଥାଏ ଅହରହ। ଲୁହତକ ଗଡ଼ିଆସି ପଦ ପାଖରେ ଭୂମିକୁ ତିନ୍ତାଇ ଦେଲେ ବି କାହାରି କିଛି ଫରକ ପଡ଼େନାହିଁ। ନିରବରେ ସେ ଲୁହ ଗଡୁଥାଏ। ଆହାଃ, କେତେ ମର୍ମଦାହୀ ସେ ଲୁହ! କେବଳ ଗଡ଼ି ଚାଲୁଥାଏ; ଗଡ଼ି ଚାଲୁଥାଏ। କେତେ ଆର୍ତ୍ତି, କେତେ ବିକଳପଣ, କେତେ ଅସହାୟତା ସେ ଲୁହରେ ଲୁଚି ରହିଯାଏ, ତାହା କେବେ କାହା ଆଖିରେ ପଡ଼େ ନାହିଁ।

ଆଉ କିଛି ଲୁହ ଅନ୍ତର ଭିତରୁ ସୃଷ୍ଟି ହୋଇ ଲୁହ ଗ୍ରନ୍ଥିମାନଙ୍କୁ ରୁଦ୍ଧିଦିଏ। ଏହି ଲୁହକୁ ଧାରଣ କରିଥିବା ମଣିଷମାନେ ବାହାରେ ଖୁବ୍ ଶକ୍ତିଶାଳୀ, ଦୃଢ଼ ମନେ ହୁଅନ୍ତି। ସେହି ଦୃଢ଼ତା ଆଧାରରେ ସେ ଅନ୍ତରରୁ ଉବୁକି ଆସୁଥିବା ଲୁହମାନଙ୍କୁ ଆଖିର କବାଟରେ ଅବରୋଧ କରି ରଖନ୍ତି। ଦୁନିଆକୁ ଦେଖାନ୍ତି ନାହିଁ। ସେ ଲୁହ ସେମାନଙ୍କର ତଳକୁ ଆସେ ନାହିଁ। ବାପାମାନଙ୍କ ଲୁହ ସର୍ବଦା ସେମିତି ଆଖି କୋଣରେ ହିଁ ଅବରୋଧ ହୋଇ ରହିଯାଏ। ନାକକାନ୍ଦୁରୀ ମା'ମାନଙ୍କ ଲୁହ ପରି ସେ ଲୁହ ତରଳ ନୁହନ୍ତି। ବରଫ ଖଣ୍ଡ ପରି ଖୁବ୍ କଠିନ ସେ ଲୁହ। ଖୁବ୍ ଦମ୍ଭ ଥାଏ ସେ ଲୁହରେ। ସମଗ୍ର ପୃଥିବୀର ଦୁଃଖ ଯନ୍ତ୍ରଣାକୁ ହଜମ କରିନେବାର ସାମର୍ଥ୍ୟ ବି।

ଆଉ କିଛି ଲୁହ ଥାଏ, ସେ ଲୁହ ଆଖି କୋଣ ଦେଇ ଗଡ଼ି ଆସିଥାଏ। ଗାଲ ଉପର ଦେଇ ଓଠ ପାଖରେ ପହଞ୍ଚିଲା ବେଳକୁ ଓଠ ପିଇ ଦେଇଥାଏ ସେ ଲୁହ। ସେ ଲୁହ ଚାହେଁନି ଲୋକହସା ହେବା ପାଇଁ। ସେ ଲୁହ ଯଦି ଗଡ଼ିଆସେ ତଳକୁ, ତା'ର ବାସ୍ନାରେ ଲୋକେ ନାକରେ କାଠି ପୂରେଇ ଛିଙ୍କନ୍ତି। ନିନ୍ଦା ଅପବାଦରେ ଘାଇଲା କରନ୍ତି। ବେଡ଼ି ଉପରେ କୋରଡ଼ା ପରି ସେ ଯନ୍ତ୍ରଣା ଅସହନୀୟ ହୋଇପଡ଼େ। ଚୋର ମାଆ କାନ୍ଦଣା ପରି ସେ ଲୁହକୁ ଲୁଚେଇବାକୁ ପଡ଼ିଥାଏ। ଯନ୍ତ୍ରଣାମାନଙ୍କୁ ପିଇ ପିଇ ଏହି ପ୍ରକାର ଲୁହଧାରୀମାନେ ବଞ୍ଚିଥାନ୍ତି। ନିଜେ ନା କହି ପାରନ୍ତି, ନା ସହି ପାରନ୍ତି। ତଥାପି ଏମାନେ ବଞ୍ଚି ଥାଆନ୍ତି- ନିଜ ଲୁହ ସହ ନିଜକୁ ସାମିଲ୍ କରି। ଏମାନଙ୍କର ଅନ୍ତର ଭିତର ବି ଲୁହଲୁହାଣ। ବାହାର ବି ଲୁହଲୁହାଣ। ଲୁହ ପିଇ ପିଇ ମଧ୍ୟ ଏମାନେ ନିଜେ ହସନ୍ତି, ଅନ୍ୟକୁ ହସାନ୍ତି। କିଛି ଦୋଷ ନଥାଇ ବି ଏମାନେ କାନ୍ଦନ୍ତି। ନାକ୍‌ଟା ଚିତ୍ରକର ନାୟକ ପରି ଏମାନେ ନିଜ ଯନ୍ତ୍ରଣା ଭୁଲିବା ପାଇଁ ଅନ୍ୟକୁ ହସାନ୍ତି। ଏ ଲୁହକୁ ଏକାନ୍ତ ନିଜର କରି ସେମାନେ ଦାର୍ଶନିକ ଜୀବନ ବଞ୍ଚନ୍ତି।

ଛୋଟିଆ ଛୋଟିଆ କଥାରେ ଲୁହଗୁଡ଼ାକ ବେଳେବେଳେ ଭାରି ଅମାନିଆ ହୋଇ ଯାଆନ୍ତି। ସେମାନଙ୍କର ଲୁହର ଉତ୍ସ ଏତେ ପ୍ରବଳ ହୋଇଥାନ୍ତି ଯେ ସେମାନେ ମାନନ୍ତି ନାହିଁ କାହାର ବାଧା ବନ୍ଧନ। ନା ପାପୁଲି, ନା ପଣତ ଲୁହ ଅବରୋଧକାରୀ କୌଣସି କୌଶଳ ଏଠାରେ କାମ ଦିଏ। ସେ ଲୁହ ବୋହିଯାଏ। ଲୁହ ହୋଇ ଆଖିରୁ, ଲାଳ ହୋଇ ତୁଣ୍ଡରୁ ଓ ସିଂଘାଣି ହୋଇ ନାସା ଗହ୍ୱରରୁ। ଅଣଚାଶ ମେଘ ହୋଇ ସେ ଲୁହ ବହିଯାଏ। ଘୁଣ ପୋକ ଖାଇବା ପରି ସେ ଲୁହ ଭିତରେ ସମ୍ପୂର୍ଣ୍ଣ କ୍ଷୟ କରିଦିଏ। ଲୁହ ଗ୍ରନ୍ଥି ଶୁଷ୍କ ହୋଇଯାଏ। ଏମିତି ବେଳେବେଳେ ବି ଦୁଃଖର ପାହାଡ଼ ସେମାନଙ୍କ ମୁଣ୍ଡ ଉପରେ ଲଦି ହୋଇ ପଡ଼େ ଯେ ସେମାନେ କାନ୍ଦି ପାରନ୍ତି ନାହିଁ; କାନ୍ଦିବା ଭୁଲି ଯାଆନ୍ତି। ପାଟିରେ ସେମାନଙ୍କର ଅବାଜକ ପଡ଼ିଯାଏ। ଲୁହ ସହ ବାକ୍‌ଶକ୍ତି ମଧ୍ୟ ସେମାନେ ହରେଇ ଦିଅନ୍ତି। ଚିକିତ୍ସକମାନେ କହନ୍ତି, ତାଙ୍କୁ କାନ୍ଦିବାକୁ ଦିଅ। ସେ କାନ୍ଦୁ। କାନ୍ଦିଲେ ସବୁ ଠିକ୍ ହୋଇଯିବ। କିନ୍ତୁ ଦୁଃଖୀ ମଣିଷର ଦୁଃଖ କେବେ ସରେ ନାହିଁ। ଲୁହ ନଥିଲେ ବି କୋହରେ କୋହରେ

ମଣିଷଟି ହରେଇ ବସେ ମାନସିକ ଭାରସାମ୍ୟ। କାନ୍ଦିବା ଥେରାପିରେ ତାଙ୍କୁ ସୁସ୍ଥ କରାଯାଏ।

ଏସବୁ ବ୍ୟତୀତ ରହିଛି ଆଉ ଏକ ପ୍ରକାର ଲୁହ। ମଣିଷର ସ୍ୱପ୍ନ ଯେତେବେଳେ ସତ ହୋଇଯାଏ, ସଂଘର୍ଷ, ସଂଘାତ ପରେ ସେ ସଫଳତାର ଶୀର୍ଷ ସୀମାରେ ପହଞ୍ଚି ଯାଏ, ସେତେବେଳେ ତା ଚକ୍ଷୁରୁ ନିଗିଡ଼ି ପଡ଼େ ଲୁହ। ଏହାକୁ କୁହାଯାଏ ଆନନ୍ଦାଶ୍ରୁ। ଆପଣାର ଲୋକମାନଙ୍କୁ ଦେଖିଲେ ଯେମିତି ଆଖିର ଲୁହକୁ ଅଟକେଇ ହୁଏ ନାହିଁ। ହଉ ପଛେ ଆନନ୍ଦାଶ୍ରୁ, ସେ ସେମିତି ଗଡ଼ିଯାଏ। ଛଳନାର ଅଶ୍ରୁ କିନ୍ତୁ ଖୁବ୍ ମାରାତ୍ମକ। କୁମ୍ଭୀର କାନ୍ଦଣା ପରି ସେ ସ୍ୱାର୍ଥ ହାସଲ କରିବା ପାଇଁ ସଦା ଚେଷ୍ଟିତ ଥାଏ। ପାଖରେ ଥିବା ଲୋକଙ୍କ ପାଖରୁ ସ୍ୱାର୍ଥ ହାସଲ କରିବା ପାଇଁ ଛଳନାରେ ଆପଣାପଣର ଅଭିନୟ କରେ, ଯେମିତି ଛଳନା କରିଥିଲା କୁମ୍ଭୀର ମାଙ୍କଡ଼ର କଲିଜା ଖାଇବା ପାଇଁ। ଏସବୁ ଲୁହ ଭିତରେ ଆଉ ଗୋଟିଏ ପ୍ରକାର ଲୁହ ଅଛି, ଯେଉଁ ଲୁହ ଏସବୁ ଲୁହଠାରୁ ଉର୍ଦ୍ଧ୍ୱରେ। ଭଗବତ୍ ସତ୍ତାର ଉପଲବ୍ଧି ହେଲେ ମଣିଷର ନୟନ ଯୁଗଳରୁ ଅବାରିତ ବହିଯାଏ ଲୁହ। ଏ ଲୁହ ଭକ୍ତିର, ପ୍ରେମର, ପରମ ତୃପ୍ତିର। ସେ ଲୁହ ଅଚିନ୍ତ୍ୟ, ଅଲୌକିକ। ଥରେ ସେହି ଲୁହର ସ୍ୱାଦ ଅନୁଭବ କରିଗଲେ ଆଉ କୌଣସି ଲୁହରେ ଆକ୍ରାନ୍ତ ହୁଏ ନାହିଁ ମଣିଷ। ଆଉ କୌଣସି ଦ୍ରବ୍ୟ ସେ ଲୁହ ସହ ସରି ହୁଏ ନାହିଁ। ଭକ୍ତ ଅଭିମାନରେ ଇଷ୍ଟଦେବଙ୍କୁ କହେ- ଟୋପାଏ ଲୁହରେ ଭସାଇ ଦେବି ତୋ ଦେଉଳ। ତେଣୁ ଜଗନ୍ନାଥ ଶୁଣ ସହଳ। ଆଉ କେହି କେହି ଅଭିମାନରେ ତାଙ୍କ ଇଷ୍ଟଦେବଙ୍କୁ କୁହନ୍ତି- ଲୁହ ମୋ ଭାଗ୍ୟରେ ଲେଖା।

ଆମ ଭାବ, ଭାବନା, ଆବେଗ ଭାବପ୍ରବଣତାକୁ ନିଷ୍ପଟ ଭାବରେ ପରିପ୍ରକାଶ କରୁଥିବା ଲୁହ ସମ୍ପର୍କରେ ବିଜ୍ଞାନ କହେ, ତାହା ଆମ ଶରୀରର ଏକ ଜୈବିକ ପ୍ରକ୍ରିୟା। ମନୁଷ୍ୟ ଓ ମନୁଷ୍ୟେତର ପ୍ରାଣୀ ସମସ୍ତଙ୍କ ଚକ୍ଷୁ କୋଣରେ ରହିଛି ଲୁହ ଗ୍ରନ୍ଥି। ଖୁସି ଅନୁଭବ କଲେ ଯେପରି ଆମ ଚକ୍ଷୁରେ ସ୍ୱତଃ ଏକ ପ୍ରସନ୍ନ ଭାବର ଚମକ ସୃଷ୍ଟି ହୁଏ, ଦୁଃଖ ସମୟରେ ଏଥିରୁ ସ୍ୱତଃ ଲୁହ ନିଗିଡ଼ି ଥାଏ। ବେଳେବେଳେ ଏ ଲୁହ ଆମ ନିୟନ୍ତ୍ରଣରେ ଥାଏ ତ ଆଉ କେତେବେଳେ ଆମ ନିୟନ୍ତ୍ରଣର ବାହାରକୁ ଚାଲିଯାଏ। ଏ ଲୁହ ବିନ୍ଦୁ ଜୀବନର ଅନେକ କଥା କହେ। ଜୀବନରେ କିଏ କେତେ ସୁଖୀ କି ଦୁଃଖୀ, ଏହି ଲୁହ ବିନ୍ଦୁରୁ ଜଣାପଡ଼େ। ଦୁଃଖୀ ଲୋକଟି ଆଖି କୋଣରେ ସଦାସର୍ବଦା ଲୁହ ବିନ୍ଦୁ ଅଟକି ରହିଥାଏ, ଏତେ ଟିକେ ସରାଗ ପାଇଲେ ଗାଲ ଉପର ଦେଇ ନିଗିଡ଼ି ଆସେ। କୁହାଯାଏ, ଆଖିରୁ ଲୁହ ବାହାରି ଗଲେ ଆଖି ସଫା ହୋଇଯାଏ। କୌଣସି କାରଣରୁ ଲୁହ ଗ୍ରନ୍ଥି ଶୁଖିଗଲେ ଆଖି ପାଇଁ ମଧ୍ୟ ସମସ୍ୟା ସୃଷ୍ଟି ହୁଏ। ତେଣୁ ଆଖି ଦୁଇଟି ସର୍ବଦା ସଜଳ ହୋଇ ରହିଥାଏ।

ଆଖିର କାମ ହେଲା ଦୃଷ୍ଟି ଓ ଦର୍ଶନ। କ୍ରନ୍ଦନ ନୁହେଁ, ତଥାପି ସେ କାନ୍ଦେ। ଧାର ଧାର ଲୁହ ନିଗିଡ଼ି ପଡ଼େ ଆଖିରୁ। ରାମଚନ୍ଦ୍ର କାନ୍ଦୁଥିଲେ, କିନ୍ତୁ ଶ୍ରୀକୃଷ୍ଣ ହସୁଥିଲେ। ବଙ୍ଗଳାରେ ଏକ ଉକ୍ତି ଅଛି- ରାମେର କ୍ରନ୍ଦନ କୃଷ୍ଣେରେ ହାସି। ରାମାୟଣର ପୃଷ୍ଠା ରାମଙ୍କ କ୍ରନ୍ଦନରେ ବତୁରି ଯାଇଛି। କିନ୍ତୁ ଶ୍ରୀକୃଷ୍ଣ ନିଜର ଲୁହସବୁ ପିଇଯାଇ କେବଳ ହସିଛନ୍ତି। ହସି ହସି ଅନ୍ୟର ଲୁହକୁ ପୋଛିଛନ୍ତି। ମହାତ୍ମା ଗାନ୍ଧୀଙ୍କ ସର୍ବୋଦୟ ଚେତନାରେ ଉଦ୍‌ବୁଦ୍ଧ ହୋଇଥିବା ମଣିଷମାନଙ୍କର ପ୍ରିୟ ଗୀତ ଥିଲା- 'ଯେଉଁଠାରେ ଖାଲି ଲୁହ, ପ୍ରଭୁ ହେ ସେଇଠାରେ ମୋତେ ନିଅ/ ଚିରଦିନ ଯିଏ କାନ୍ଦୁଛି ଖାଲି ପୋଛବି ତା ଆଖି ଲୁହ।'

ଲୁହର ବି ଗୋଟିଏ ମର୍ଯ୍ୟାଦା ଅଛି, ନିଜ ଦୁଃଖରେ ଦୁଃଖୀ ହୋଇ ସମସ୍ତେ କାନ୍ଦନ୍ତି, କିନ୍ତୁ ଯେଉଁମାନେ ଅନ୍ୟର ଦୁଃଖରେ ନିଜ ଆଖିରୁ ଲୁହ ନିଗାଡ଼ି ଦିଅନ୍ତି, ସେ ଲୁହ ଅମୂଲ ମୂଲ। ସେହି ଲୁହ ହିଁ ସମାଜକୁ ପରିବର୍ତ୍ତନ କରିଥାଏ। ସୁସ୍ଥ ସମାଜ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ସୃଷ୍ଟିକୁ ଅମୃତମୟୀ କରିଥାଏ।

୨୧୩ ସି-ବ୍ଲକ୍, ଏମେରାଲ୍ଡ ଆପାର୍ଟମେଣ୍ଟ୍,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୭୦୩୩୦୭୪
basantimohanty12@gmail.com

ଆମେରିକାରେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ

ଆମେରିକା- ଏକ ମୁକ୍ତ ବା ଅବାଧ ରାଷ୍ଟ୍ର ଭାବରେ ସମଗ୍ର ବିଶ୍ୱର ଲୋକେ ଏହାକୁ ଦେଖି ଆସୁଥିଲେ- ଅନ୍ତତଃ ଡୋନାଲ୍ଡ ଟ୍ରମ୍ପ୍ ଦ୍ୱିତୀୟ ଥର ପାଇଁ ଏହି ରାଷ୍ଟ୍ରର ରାଷ୍ଟ୍ରପତି ହେବା ପର୍ଯ୍ୟନ୍ତ। ପରନ୍ତୁ, ଏବେ ଆଉ ପରିସ୍ଥିତି ସେମିତି ନାହିଁ ବୋଲି କେବଳ ଆମେରିକାବାସୀ ନୁହନ୍ତି, ସମଗ୍ର ବିଶ୍ୱ ଅନୁଭବ କରି ସାରିଲାଣି। ତେବେ କ'ଣ ଏହି ରାଷ୍ଟ୍ରର ନାଗରିକମାନେ ଆମେରିକୀୟ ଗଣତନ୍ତ୍ରର ଉତ୍ତମ ନୀତିଗୁଡ଼ିକ ପାଇଁ ତାଙ୍କ କାର୍ଯ୍ୟକଳାପକୁ ଏକ ମୁକ୍ତ ଦେଶ ନିମନ୍ତେ ବିପଦ ଭାବରେ ପରିଗଣନା କଲେଣି, ଯେଉଁଥିପାଇଁ ତାଙ୍କ କ୍ଷମତାଗୁଡ଼ିକ ଉପରେ ଲଗାମ୍ କଷିବା ଉଦ୍ଦେଶ୍ୟରେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ସେହି ଅନୁସାରେ ଭୋଟ୍ ଦେବାକୁ ଯାଉଛନ୍ତି ? ପ୍ରାକ୍-ନିର୍ବାଚନୀ ସର୍ଭେଗୁଡ଼ିକ ଲୋକମାନେ ସେହିଭଳି ଭାବୁଥିବାକୁ ସୂଚାଇବା ମନେହୁଏ, ଯେହେତୁ ରାଷ୍ଟ୍ରପତି ଭାବରେ ତାଙ୍କୁ ଲୋକମାନେ ହ୍ୟାରି ଟ୍ରୁମ୍ୟାନ୍‌ଙ୍କ ପରେ ସର୍ବାଧିକ ଅଲୋକପ୍ରିୟ ରାଷ୍ଟ୍ରପତି ବୋଲି ମତ ଦେଇଛନ୍ତି। ୪୩୫ ସଦସ୍ୟବିଶିଷ୍ଟ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭସ୍‌ରେ ଡେମୋକ୍ରାଟ୍‌ମାନେ ସଂଖ୍ୟାଗରିଷ୍ଠତା ଲାଭ କରିବାର ଏକ ବିପୁଳ ସମ୍ଭାବନା ରହିଥିବା ତଥା ସିନେଟ୍‌କୁ ନିଜ ନିୟନ୍ତ୍ରଣକୁ ନେବା ଜଣା ପଡୁଥିବା ବେଳେ, ଯେଉଁଥିରେ କି ବର୍ତ୍ତମାନ ରିପବ୍ଲିକାନ୍‌ମାନଙ୍କ ନିକଟରେ ୫୫ ଜଣ ସିନେଟରଙ୍କ ସମର୍ଥନ ରହିଛି, କିନ୍ତୁ ଏଇ ୨ ବର୍ଷିଆ ନିର୍ବାଚନରେ ୧୦୦ ଆସନ ମଧ୍ୟରୁ ୩୫ଟି ପାଇଁ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି, ସେଥିରେ ଫଳାଫଳ ଦୋଦୁଲ୍ୟମାନ ରହିବା ନେଇ ଖୋଲାଖୋଲି ଭବିଷ୍ୟବାଣୀ କରାଯାଉଛି। ଏକଥା ଅବଶ୍ୟ ଭିନ୍ନ ଯେ ରାଷ୍ଟ୍ରପତି ଭାବରେ ଶ୍ରୀଯୁକ୍ତ ଟ୍ରମ୍ପ୍‌ଙ୍କର ସ୍ୱେଚ୍ଛାଚାରିତା ରହିଥିବାରୁ ଡେମୋକ୍ରାଟ୍‌ମାନେ ଯଦି ବିଜୟୀ ହୁଅନ୍ତି, ତା'ହେଲେ କଂଗ୍ରେସକୁ ସେ ବଳପୂର୍ବକ ନିଜ ନିୟନ୍ତ୍ରଣକୁ ଆଣିବାକୁ ଉପାୟ ବାହାର କରିବେ। ଏପରି ଭାବିବାର କାରଣ, ନିର୍ବାଚନର ଫଳାଫଳକୁ ନେଇ ପ୍ରଶ୍ନ ଉଠାଇବାରେ ତାଙ୍କର ପୂର୍ବ ରେକର୍ଡ ରହିଛି, ଯେଉଁଥିପାଇଁ ଶ୍ରୀଯୁକ୍ତ ଟ୍ରମ୍ପ୍ ଲୋକମାନଙ୍କ ମତର ବୈଧତାକୁ ସ୍ୱୀକାର କରି ନ ପାରନ୍ତି ଏବଂ ସେମାନଙ୍କର ଭୋଟ୍‌ଗୁଡ଼ିକ ହୁଏତ ତାଙ୍କର ଦ୍ୱିତୀୟ ପାଳିର ଶାସନର ୨୧ ମାସ ପରେ କ୍ରମବଦ୍ଧ ହୋଇ ରହିଯାଇ ପାରେ।

ଉଲ୍ଲେଖନୀୟ ପ୍ରଶାସନିକ ତଥା ନ୍ୟାୟିକ ନିଯୁକ୍ତିଗୁଡ଼ିକୁ ସମ୍ପାଦନ ନ କରିବା ପାଇଁ ବିଭିନ୍ନ ପ୍ରକାରର ରାଜନୀତିକ ପ୍ରତିବନ୍ଧକଗୁଡ଼ିକ ସୃଷ୍ଟି କରାଯିବା ଭଳି ପଦକ୍ଷେପଗୁଡ଼ିକ ନେବା ପରେ ତଥା ଯୁକ୍ତରାଷ୍ଟ୍ର ଆମେରିକାର ରଣଭାର ଅଭୂତପୂର୍ବ ଭାବରେ ୪୦ ଟ୍ରିଲିଅନ୍ ଡଲାର ଅତିକ୍ରମ କରି ସାରିଥିବା ବେଳେ ଫେଡେରାଲ ପାଣ୍ଠି ଉପରେ ଦୃଢ଼ କଟକଣା ଲାଗୁ କରିଥିବା ଯୋଗୁଁ ଶ୍ରୀଯୁକ୍ତ ଟ୍ରମ୍ପ୍‌ଙ୍କ ଉପରେ ଡେମୋକ୍ରାଟ୍‌ମାନେ ତାଙ୍କ କାର୍ଯ୍ୟକାଳର ଅବଶିଷ୍ଟାଂଶ ଭାଗରେ, ଅର୍ଥାତ୍ ୨୦୨୮ର ନଭେମ୍ବର ମାସରେ ପରବର୍ତ୍ତୀ ରାଷ୍ଟ୍ରପତି ନିର୍ବାଚନ ହେବା ପର୍ଯ୍ୟନ୍ତ ସେ କିପରି ଏକ ଛୋଟା ବତକ ହୋଇ ରହିବେ, ସେଥିପାଇଁ ତାଙ୍କ ଉପରେ ଲଗାମ୍ କଷିବା ଭଳି ବ୍ୟବସ୍ଥାକୁ ଲଦିଦେଇ ପାରନ୍ତି। ଏକଥା ଦେଖିବାକୁ ବାକି ରହିଛି ଯେ କଂଗ୍ରେସର କ୍ଷତି ଶ୍ରୀଯୁକ୍ତ ଟ୍ରମ୍ପ୍‌ଙ୍କ ହାତ ବାନ୍ଧିଦେବା ଭଳି କାମ କରିବ କି ନାହିଁ କିମ୍ବା ତାଙ୍କୁ ପୁଣି ଥରେ ଖୋଲାରେ ଛାଡ଼ିଦେବ ଆଉ କିଛି ଏଭଳି କାମସବୁ କରିବା ନିମନ୍ତେ ଯାହା ଆମେରିକାକୁ ଏହାର ଗଣତନ୍ତ୍ରର ଦୀର୍ଘ ଅଢ଼େଇ ଶହ ବର୍ଷରେ ଆପଣେଇ ନେଇଥିବା କାମସବୁକୁ ନଷ୍ଟଭ୍ରଷ୍ଟ କରିଦେବ। ତାଙ୍କର କାର୍ଯ୍ୟସବୁ ଖୋଲାଖୋଲି କହୁଛି- ଇତିହାସରେ ଅନ୍ୟ କୌଣସି ରାଷ୍ଟ୍ରପତି କରି ନଥିବା ଭଳି ସେ ସମ୍ଭବତଃ ଆଇନର ଶାସନ ଏବଂ ଗଣତନ୍ତ୍ର ପ୍ରତି ଯଥେଷ୍ଟ କ୍ଷତି ପହଞ୍ଚାଇଛନ୍ତି, ଏମିତିକି ତାଙ୍କୁ ସୁହାଇବା ନିମନ୍ତେ ସେ ସମ୍ବିଧାନକୁ ପୁଣିଥରେ ରଚନା କରିବାର ଉଦ୍ୟମ କରିଛନ୍ତି। ନ୍ୟାୟ ବିଭାଗ ଭଳି ଅନେକ ସଂଖ୍ୟକ ଗୁରୁତ୍ୱପୂର୍ଣ୍ଣ ବିଭାଗମାନଙ୍କ ପ୍ରତି ଅଭୂତପୂର୍ବ କ୍ଷତି ପହଞ୍ଚାଇବା ବାଦ୍ ତଥା ବିଦେଶୀ ନାଗରିକମାନଙ୍କୁ ନିଜ ଦେଶରୁ ତଡ଼ିବା ସଙ୍ଗେ ସଙ୍ଗେ ବହୁ ସଂଖ୍ୟକ ନାଗରିକଙ୍କୁ ମତଦାନ ଅଧିକାରରୁ ବଞ୍ଚିତ କରିବା ଭଳି ପଦକ୍ଷେପ ନେଇଛନ୍ତି ଏବଂ ପଶ୍ଚିମ ଏସିଆରେ ଯୁଦ୍ଧରେ ବ୍ୟାପୃତ ରହିବା ନିମନ୍ତେ ସମଗ୍ର ମହାଦେଶକୁ ଟାଣିନେବା କ୍ଷେତ୍ରରେ ତାଙ୍କର ପୂର୍ବସୂରୀମାନଙ୍କୁ ମଧ୍ୟ ଟପି ଯାଇଛନ୍ତି। ଇରାନ୍‌ରେ ତାଙ୍କର ଯୁଦ୍ଧ ହୁଏତ ତାଙ୍କର ୱାଟର୍‌ଲୁ ପ୍ରମାଣିତ ହୋଇପାରେ, ଯେତେବେଳେ କି ଏହାର ପାର୍ଶ୍ୱ ପ୍ରଭାବଗୁଡ଼ିକ ଏତେ ହାନିକାରକ ହେବାକୁ ଯାଉଛି ଯେ ବାଇଡେନ୍ ଯୁଗ ପରେ ତାଙ୍କ ଦଳ ଯେଭଳି ଭ

ନିତିଦିନ NITIDIN

ରାସ୍ତା ଉପରେ ଓଲଟିଲା ପିକ୍‌ଅପ୍

ସାଲେପୁର,୩।୧୧/ଏନ୍‌ଏନ୍‌ଏସ୍: କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ନାଦୋଳଗଡ଼ା ଛକ ନିକଟରେ ଏକ ସଡ଼କ ଦୁର୍ଘଟଣା ଘଟିଯାଇଛି । ଜଗତପୁରରୁ ପଙ୍କାମୁଣ୍ଡାଇ ଅଭିମୁଖେ କୁରକୁରେ ବୋଝେଇକରି ଯାଉଥିବା ପିକ୍‌ଅପ୍ ଭ୍ୟାନ୍‌କୁ ଏକ ବସ୍ ସାଇଡ୍ ମାରିବାରୁ ଭାରସାମ୍ୟ ହରାଇ ପିକ୍‌ଅପ୍‌ଟି ରାସ୍ତା ଉପରେ ଓଲଟି ପଡ଼ିଥିଲା । ତେବେ ଦୁର୍ଘଟଣାରେ ପିକ୍‌ଅପ୍ ଭ୍ୟାନ୍‌ର ଡ୍ରାଇଭର ଅଳ୍ପକେ ବର୍ତ୍ତିଯାଇଥିଲେ । ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଡ୍ରାଇଭରଙ୍କୁ ସୁରକ୍ଷିତ ଉଦ୍ଧାର କରିଥିଲେ । ଖବର ପାଇ ସାଲେପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହ ଘଟଣାର ତଦନ୍ତ ଜାରି ରଖିଛନ୍ତି ।

ବାସୁକୀ ମଣ୍ଡପରେ ମହାସାରସ୍ୱତ ମହୋତ୍ସବ ଉଦ୍‌ଯାପିତ

'ସାହିତ୍ୟିକମାନେ ଶାନ୍ତ ସମାଜ ଗଠନର ମୁଖ୍ୟ ସ୍ଥପତି'

ସାଲେପୁର,୩।୧୧/ଏନ୍‌ଏନ୍‌ଏସ୍: ଚିତ୍ରୋତ୍ପଳା ସାଂସ୍କୃତିକ ଟ୍ରଷ୍ଟ ଓ ଅନ୍ତରଙ୍ଗ ସୃଜନାନୁଷ୍ଠାନ କଟକ ଆକୁଲ୍ୟରେ ବଟେଶ୍ୱରସ୍ଥିତ ବାସୁକୀ ମଣ୍ଡପରେ ଏକ ଦିବସୀୟ ମହାସାରସ୍ୱତ ମହୋତ୍ସବ ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି । ଚିତ୍ରୋତ୍ପଳା ସାଂସ୍କୃତିକ ଟ୍ରଷ୍ଟର ସଭାପତି କବି ସଦାଶିବ ଦାଶଙ୍କ ସଭାପତିତ୍ୱ ରେ ଆୟୋଜିତ ଉଦଯାପନି ଅଧିବେଶନରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ସର୍ବଭାରତୀୟ ଶିକ୍ଷାସମାଜର ସଭାପତି ପ୍ରଫେସର ଯୁଧିଷ୍ଠିର ଖଟୁଆ ଓଡ଼ିଶାର ସାରସ୍ୱତ ଭଣ୍ଡାରକୁ ପତିତପାବନୀ ଚିତ୍ରୋତ୍ପଳା, ବିରୂପା ଅବବାହିକାରେ ଭୂମିଷ୍ଠ ସାରସ୍ୱତ ସାଧକଙ୍କର ବଳିଷ୍ଠ ଅବଦାନ ଅତୁଳନୀୟ । ସାହିତ୍ୟ ସମାଜର ଦର୍ପଣ ହୋଇଥିବାରୁ ସାହିତ୍ୟିକମାନେ ପ୍ରତିକୂଳ ପରିସ୍ଥିତିରେ ତୀକ୍ଷ୍ଣ, ନିର୍ଭିକଭାବେ ଲେଖନୀ ଚାଳନାକରି ସାମାଜିକ ପରିବର୍ତ୍ତନ ତଥା ଏକ ଶୋଷଣମୁକ୍ତ, ଶାନ୍ତସମାଜ ଗଠନର ସ୍ୱପ୍ନ ଦେଖନ୍ତି ବୋଲି ମତବ୍ୟକ୍ତ କରିଥିଲେ । ଟ୍ରଷ୍ଟର ପ୍ରତିଷ୍ଠାତା ସଭାପତି ବରିଷ୍ଠ କବି ସଦାଶିବ ଦାଶଙ୍କ ତତ୍ତ୍ୱାବଧାନରେ କବି ପଦ୍ମଜା ଶରଣଙ୍କ ପୌରୋହିତ୍ୟରେ ଓ ଶିକ୍ଷାବିତ୍ ବିଷ୍ଣୁ ଚରଣ ମିଶ୍ରଙ୍କ ସଂଯୋଜନାରେ ଦ୍ୱିତୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ପ୍ରାକ୍ତନ ଅଧକ୍ଷ ଡ. ଉମେଶ ଚନ୍ଦ୍ର ପତି, କବି ପଣ୍ଡିତ ସାରଦା ମିଶ୍ର, ପରିବେଶବିତ ପ୍ରମୋଦ କୁମାର ଦାଶ, ଶ୍ରୀଧର ଶେଖର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଅନୁଷ୍ଠିତ ଏକ ରାଜ୍ୟସ୍ତରୀୟ କବିସମ୍ମିଳନୀରେ କବି ସର୍ବଶ୍ରୀ ବିରଞ୍ଚି ନାରାୟଣ ପଣ୍ଡା, ଆଇନଜୀବୀ ବିଜୟ କେତନ ନାୟକ,ଡ. ଲକ୍ଷ୍ମଣ କୁମାର ଦାଶ,ଶିକ୍ଷାବିତ୍ ରଜନୀକାନ୍ତ ଦାଶ, ନାଗମଣୀ ସ୍ୱାଇଁ, ମମତା ପଣ୍ଡା, ସୁସ୍ମିତା ପଣ୍ଡା ଡ. ଭାବଗ୍ରାହୀ ରାଉତ, ନାଟ୍ୟକାର ଭାବଗ୍ରାହୀ ଦାଶ, ଡ. ସତ୍ୟରଞ୍ଜନ ଜେନା, ରାଜକିଶୋର ସ୍ୱାଇଁ, ମାନସ ଦାସ, ସମାଜସେବୀ ପ୍ରବୀର ଚନ୍ଦ୍ର ଦାସ, ଅନନ୍ତ ଚରଣ ଦାଶ, ହିମାଂଶୁ ଦାଶ, ରବେୟା ସରୋବର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ପ୍ରଥମ ଅଧିବେଶନରେ ଅନୁଷ୍ଠାନର ସଭାପତି ବିଶିଷ୍ଟ କବି ସଦାଶିବ ଦାଶଙ୍କ ପୌରୋହିତ୍ୟରେ ସାମାଜିକ କର୍ମୀ ତଥା ସମ୍ପାଦକ ଭାସ୍କର ଚନ୍ଦ୍ର ବେହେରା ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥିଭାବେ ସର୍ବଶ୍ରୀ ଅଭିନେତା ବାପୁ ଲେଙ୍କା, ଡ. ଗିରିଶ ଚନ୍ଦ୍ର ସାହୁ, ଡ. ଅମୀୟ ମହାପାତ୍ର, ଉତ୍କଳ ସାହିତ୍ୟ ସମାଜର ସମ୍ପାଦକ ରାଜୀବ ଷଡଙ୍ଗୀ, ଡ. ବିଜୟଲକ୍ଷ୍ମୀ ଦାଶ ପ୍ରମୁଖ ଯୋଗଦେଇ ସମାଜର ବୈପ୍ଳବିକ ପରିବର୍ତ୍ତନରେ ଏବଂ ଶାନ୍ତ, ଦୁର୍ନୀତିମୁକ୍ତ ସମାଜ ଗଠନରେ ସାହିତ୍ୟର ପ୍ରମୁଖ ଭୂମିକା ରହିଛି ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ଏହି ଅବସରରେ କବି ସଦାଶିବ ଦାଶଙ୍କ ରଚିତ 'ଯଶୋଦେହେ ଆୟୁଷ୍ମାନ' ପୁସ୍ତକ ଉନ୍ମୋଚିତ ହୋଇଥିଲା ।

ବାର୍‌ହା ଉପଦ୍ରବରେ ଧାନଫସଲ ଓ ବାତ୍ୟାରେ ପନିପରିବା ନଷ୍ଟ

କଣ୍ଟିଲୋ,୩।୧୧/ଏନ୍‌ଏନ୍‌ଏସ୍: ଚଳିତବର୍ଷ ଅଗଷ୍ଟ, ସେପ୍ଟେମ୍ବର, ଅକ୍ଟୋବର ଓ ନଭେମ୍ବର ମାସରେ ତୁହାକୁ ତୁହା ଥରକୁ ଥର ବାତ୍ୟା ହୋଇଥିବା ଯୋଗୁ ଏକର ଏକର ଜମିରେ ଧାନ ଓ ପନିପରିବା ଫସଲ ନଷ୍ଟ ହୋଇଥିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଯାଇଥିବା ଜଣାପଡ଼ିଛି । ତେବେ ବର୍ତ୍ତମାନ ବେଡ଼ି ଉପରେ କୋରଡ଼ା ମାଡ଼ ଭଳି ବାର୍‌ହାମାନଙ୍କ ଉପଦ୍ରବ ଯୋଗୁ ଏହି ଶହ ଶହ ଏକର ଚାଷ ଜମିରେ ଚାଷ ହୋଇଥିବା ଧାନଫସଲ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଛି । ଯାହା ଫଳରେ ଖଣ୍ଡପଡା ବ୍ଲକ ବଡ଼ ବାଣପୁର ପଞ୍ଚାୟତର ଘଣା ଶାଳିଆ, ବାଂଝପଲ୍ଲି, ଭ୍ରମରବର ପ୍ରସାଦ, ଢିପିସାହି, ରତନପୁର, କୁମୁଣ୍ଡି ଚଇତନପୁର, ବଡ଼ବାଣପୁର, ଏପଟେ ଭାପୁର ବ୍ଲକର ପଥର ଚକଡା, ଧାନଚାଙ୍ଗଡ଼ା ଓ କେନ୍ଦୁପଲ୍ଲି ପଞ୍ଚାୟତ ଅନ୍ତର୍ଗତ ଅଧିକାଂଶ ଗ୍ରାମର ଏକର ଏକର ଜମିର ଧାନଫସଲ ସହିତ ପନିପରିବା ନଷ୍ଟ ହୋଇଥିବା ଯୋଗୁ ଚାଷୀମାନଙ୍କ ମୁଣ୍ଡରେ ଚଡକ ପଡ଼ିଛି । ଋଣ କରିଥିବା ଟଙ୍କା ସୁଝି ନ ପାରିବା ଭୟରେ ମୁଣ୍ଡରେ ହାତ ରଖି ବହୁ ଚିନ୍ତାରେ ରହିଥିବା ଅଭିଯୋଗ ହେଉଛି । ଖଣ୍ଡପଡ଼ା ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ବଡ଼ବାଣପୁର ସେକ୍ସନ ଫରେଷ୍ଟ ଓ ଭାପୁର ବ୍ଲକ୍‌ରେ କ୍ଷତିଗ୍ରସ୍ତ ପଞ୍ଚାୟତଗୁଡିକର ସମ୍ପୃକ୍ତ ସେକ୍ସନ ଫରେଷ୍ଟ କିମ୍ବା ବିଟ୍ ଗାର୍ଡମାନଙ୍କର ନାଇଟ୍ ପାଟ୍ରୋଲିଂ ହେଉ ନଥିବା ଯୋଗୁ ଏ ଅଞ୍ଚଳରେ ଦିନକୁ ଦିନ ଜଙ୍ଗଲି ଜନ୍ତୁ ବାର୍‌ହାମାନଙ୍କ ଉପଦ୍ରବ ଫଳରେ ଉଜୁଡ଼ି ଯାଇ କ୍ଷତି ହୋଇଥିବା ଲକ୍ଷ ଲକ୍ଷ ଟଙ୍କା ମୂଲ୍ୟର ଧାନଫସଲ ଓ ପନିପରିବାର କ୍ଷତିପୂରଣ ଜଙ୍ଗଲ ବିଭାଗ ଭରଣ କରିବା ପାଇଁ ହଜାର ହଜାର ଚାଷୀ ନୟାଗଡ଼ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି ।

ନିର୍ମାଣାଧୀନ ଗୃହରୁ ଖସି ଶ୍ରମିକଙ୍କ ମୃତ୍ୟୁ

ଖଣ୍ଡପଡ଼ା,୩।୧୧/ଏନ୍‌ଏନ୍‌ଏସ୍: ଖଣ୍ଡପଡ଼ା ସହରାଞ୍ଚଳର ୮ନଂ ୱାର୍ଡ ଅଧୀନ ଚଁଳାସାହିର ଶ୍ରମିକ ରବି ନାଏକ ଏକ ଗୃହ ନିର୍ମାଣ କାର୍ଯ୍ୟରେ ସୋମବାର ନିୟୋଜିତ ହୋଇଥିବା ବେଳେ ଅସାବଧାନତା ବଶତଃ ସେଠାରେ କାଠ ଭାଡିଆରୁ ତଳକୁ ଖସି ପଡ଼ି ଗୁରୁତର ଆହତ ହୋଇଥିଲେ । ସେଠାରେ କାର୍ଯ୍ୟ କରୁଥିବା ଅନ୍ୟମାନେ ସଙ୍ଗେ ସଙ୍ଗେ ତାଙ୍କୁ ଘଟଣାସ୍ଥଳରୁ ଉଦ୍ଧାରକରି ପ୍ରଥମେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ମାତ୍ର ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାରବର୍ଗଙ୍କ ସୂତ୍ରରୁ ଜଣାପଡିଛି । ଏହି ଦୁଃଖଦ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଥିବା ବେଳେ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କ ଅକାଳ ବିୟୋଗରେ ମୃତକଙ୍କ ପରିବାରବର୍ଗ ସଂପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି । ମୃତକଙ୍କ ପରିବାରବର୍ଗଙ୍କୁ ଆନୁସଙ୍ଗିକ ସରକାରୀ ସହାୟତା ଯୋଗାଇଦେବା ନିମନ୍ତେ ପ୍ରଶାସନ ଦୃଷ୍ଟିଦେବାକୁ ସ୍ଥାନୀୟ ୱାର୍ଡବାସୀ ଦାବି କରିଛନ୍ତି ।

ମହିଳା ମଦ ବେପାରୀଙ୍କୁ ୩ବର୍ଷ ଜେଲ୍ ଦଣ୍ଡାଦେଶ

ବାଲୁଗାଁ,୩।୧୧/ଏନ୍‌ଏନ୍‌ଏସ୍: ଚିଲିକା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଯୁଧିଷ୍ଠିର ଦଳେଇ ଏକ ଚୋରା ଦେଶୀମଦ ବିକ୍ରି ମାମଲାର ବିଚାର କରି ସମ୍ପୃକ୍ତ ଅଭିଯୁକ୍ତ ଜଣେ ମହିଳାଙ୍କୁ ୩ବର୍ଷ ଜେଲ ଦଣ୍ଡାଦେଶ ସହିତ ୧୦ ହଜାର ଟଙ୍କା ଜୋରିମାନା ଆଦେଶ ଦେଇଥିବା ନେଇ ମଙ୍ଗଳବାର ରାୟ ପ୍ରକାଶ ପାଇଛି । ଅଭିଯୁକ୍ତ ହେଲେ ବାଲୁଗାଁ ଥାନା ଅଧିନ ବଡକୁଳ ଗ୍ରାମର ଟୁନି ଦାସ(୫୦) । ଜୋରିମାନା ଅନାଦେୟ ଅତିରିକ୍ତ ୨ ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ରହିଛି । ପ୍ରକାଶ ଯେ, ଗତ ଜୁଲାଇ ୨୨ତାରିଖ ପୂର୍ବାହ୍ନ ପ୍ରାୟ ୧୦ଘଟିକା ସମୟରେ ଟାଙ୍ଗୀ ରେଞ୍ଜ ଅବକାରୀ ନିରୀକ୍ଷକ ଅଜିତ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ବାଲୁଗାଁ ଅବକାରୀ ଅଧିକାରୀ ସୌମ୍ୟରଞ୍ଜନ ବେହେରା ସଦଳବଳେ ବିଶେଷ ସୂତ୍ରରୁ ଖବର ପାଇ ବଡ଼କୁଳ ବଜାର ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ । ଏହି ସମୟରେ ବଜାର ସନ୍ନିକଟ ବିଏସଏନଏଲ କାର୍ଯ୍ୟାଳୟ ସମ୍ମୁଖରେ ଟୁନି ଦାସ ଏକ ଜରି ବ୍ୟାଗରେ କିଛି ସାମଗ୍ରୀ ଧରି ଠିଆ ହୋଇଥିବା ବେଳେ ଅବକାରୀ କର୍ମଚାରୀ ସନ୍ଦେହକରି ଉକ୍ତ ବ୍ୟାଗକୁ ତଲାସିଥିଲେ । ସେଥିରୁ ୨୦ଟି ଆଲ୍ଟାଫଟି ଦେଶୀମଦ ବୋତଲ ଜବତ କରାଯାଇଥିଲା । ବାଲୁଗାଁ ଅବକାରୀ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଟୁନିଙ୍କୁ କୋର୍ଟଚାଲାଣ କରାଯାଇଥିଲା ।

ବରାଳ ବାଲୁଙ୍କେଶ୍ୱରଙ୍କ ହୁଣ୍ଡିରୁ ମିଳିଲା ୪ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା

ସାକ୍ଷୀଗୋପାଳ,୩।୧୧/ଏନ୍‌ଏନ୍‌ଏସ୍: ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବରାଳ ଗ୍ରାମର ଆରାଧ୍ୟ ଦେବତା ଶ୍ରୀଶ୍ରୀ ବରାଳ ବାଲୁଙ୍କେଶ୍ୱର ଦେବଙ୍କ ହୁଣ୍ଡି ଗଣତି ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି ଗଣତିରୁ ମୋଟ ୪ ଲକ୍ଷ ୯୭୫ ଟଙ୍କା ଦାନ ଅର୍ଥ ମିଳିଥିବା ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ସୂଚନାଯୋଗ୍ୟ ଯେ, ଗତ ସେପ୍ଟମ୍ବର ୨୫ ତାରିଖରେ ଅନୁଷ୍ଠିତ ପୂର୍ବ ହୁଣ୍ଡି ଗଣତିରେ ୧୧ ଲକ୍ଷ ୯୨ ହଜାର ଟଙ୍କା ସଂଗୃହୀତ ହୋଇଥିଲା । ଭକ୍ତଙ୍କ ଦାନ ଅର୍ଥକୁ ମନ୍ଦିରର ଧାର୍ମିକ କାର୍ଯ୍ୟ, ଦୈନନ୍ଦିନ ନୀତିକାନ୍ତି ଓ ସେବା କାର୍ଯ୍ୟରେ ବିନିଯୋଗ କରାଯାଏ । ଅପରପକ୍ଷରେ, ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ନିର୍ଦ୍ଦେଶକ୍ରମେ ମନ୍ଦିର ନିକଟସ୍ଥ ସର୍ବସାଧାରଣ ରାସ୍ତାଗୁଡ଼ିକରୁ ଦଖଲ ଉଚ୍ଛେଦ ପାଇଁ ଏକ ଜରୁରୀ ବିଜ୍ଞପ୍ତି ପ୍ରକାଶ ପାଇଛି । ଆସନ୍ତା ୬ତାରିଖରେ ତହସିଲ ପ୍ରଶାସନ ପକ୍ଷରୁ ଏହି ଉଚ୍ଛେଦ କାର୍ଯ୍ୟକାରୀ ହେବ । ଏହି କାରଣରୁ ଉକ୍ତ ଦିନ ଠାକୁରଙ୍କ ସାଧାରଣ ଦର୍ଶନ, ଅଭିଷେକ, ଜଳାଭିଷେକ, ମାନସିକ ପୂଜା ଏବଂ ଅନ୍ୟାନ୍ୟ ନୀତିକାନ୍ତି ବନ୍ଦ ରହିବ । ଏ ନେଇ ସେବାୟତ, ବ୍ୟବସାୟୀ ଓ ସାଧାରଣ ଜନସାଧାରଣଙ୍କୁ ସହଯୋଗ କରିବା ପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ପାଣିଗ୍ରାହୀ ଅନୁରୋଧ କରିଛନ୍ତି ।

ଘର ଉପରକୁ ବୋମା ମାଡ଼, ଅପରାଧୀ ଫେରାର

ଟାଙ୍ଗୀ,୩।୧୧/ଏନ୍‌ଏନ୍‌ଏସ୍: ଟାଙ୍ଗୀ ଥାନା ଅଞ୍ଚଳରେ ଅପରାଧୀଙ୍କ ଆକ୍ରୋଶ ଦେଖିବାକୁ ମିଳିଛି । ଗତକାଲି ରାତିରେ ଜଣେ ସ୍ଥାନୀୟ ବାସିନ୍ଦାଙ୍କ ଘରକୁ ଲକ୍ଷ୍ୟକରି କିଛି ଦୁର୍ବୃତ୍ତ ବୋମା ମାଡ଼ କରି ଫେରାର ହୋଇଯାଇଥିବା ଜଣାପଡ଼ିଛି । ଯାହାକୁ ନେଇ ପରିବାର ସଦସ୍ୟଙ୍କ ଭିତରେ ଭୟର ବାତାବରଣ ଖେଳିଯାଇଛି । ସୂଚନା ଅନୁଯାୟୀ ଗତକାଲି ବିଳମ୍ବିତ ରାତିରେ ଓଉପୋଲ ପଦ୍ମୀନ ବିହାରର ଲକ୍ଷ୍ମୀପ୍ରିୟା ବେହେରା ଦେହ ଅସୁସ୍ଥ ହେବାରୁ ସେ ମେଡିକାଲ ଯାଇଥିବାବେଳେ ଘରେ କେବଳ ତାଙ୍କ ଦୁଇପୁଅ ରହିଥିଲେ । ହେଲେ ବିଳମ୍ବିତ ରାତିରେ କେହି ଜଣେ ଦୁର୍ବୃତ୍ତ ଲକ୍ଷ୍ମୀପ୍ରିୟାଙ୍କ ଝରକାକୁ ଲକ୍ଷ୍ୟକରି ବୋମା ଫିଙ୍ଗିବା ଫଳରେ ଝରକା ଭାଙ୍ଗିବା ସହ କାନ୍ଥର ଟାଇଲ୍ ଖସାଇଦେଇଛି । ସୌଭାଗ୍ୟବଶତଃ ଘରେ କେହି ନଥିବା ବେଳେ ଏକ ବଡ଼ ଦୁର୍ଘଟଣାରୁ ପରିବାର ସଦସ୍ୟ ବର୍ତ୍ତିଯାଇଥିବା ବେଳେ କିଏ କାହିଁକି ଏଭଳି କରିଛି ତାହା ସନ୍ଦେହ ଘେରରେ ରହିଛି । ତେବେ ଦୁଇପୁଅ ଭୟଭୀତ ହୋଇ ମା' ଲକ୍ଷ୍ମୀପ୍ରିୟାଙ୍କୁ ଜଣାଇବା ପରେ ତୁରନ୍ତ ଟାଙ୍ଗୀ ଥାନାରେ ଅଭିଯୋଗ କରିଥିଲେ । ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଟାଙ୍ଗୀ ଥାନାଧିକାରୀ ବିଲ୍ୱମଙ୍ଗଳ ସେଠୀ ପହଞ୍ଚି ସାଇଣ୍ଟିଫିକ ଟିମ୍ ଡକାଇ ଘଟଣାର ତଦନ୍ତ କରିଥିବା ଜଣାପଡ଼ିଛି । ଅନ୍ୟ ପଟେ ପୁଲିସ ଦୁର୍ବୃତ୍ତକୁ ଧରିବା ପାଇଁ ଆଖପାଖ ସିସିଟିଭି ଫୁଟେଜ୍ ଯାଞ୍ଚ କରୁଥିବା ସୂଚନା ମିଳିଛି ।

ଅଠରନଳାର ସୌନ୍ଦର୍ଯ୍ୟକରଣ ପାଇଁ ଜିଲ୍ଲାପାଳଙ୍କ କ୍ଷେତ୍ର ପରିଦର୍ଶନ

ପୁରୀ,୩।୧୧/ଏନ୍‌ଏନ୍‌ଏସ୍: ପୁରୀର ଅଠରନଳା ଏକ ଐତିହ୍ୟସମ୍ପନ୍ନ ସ୍ଥଳ । ଏହାର ଉନ୍ନୟନ ଓ ସୌନ୍ଦର୍ଯ୍ୟକରଣ କରାଯିବା ସହ ଏହାକୁ ପର୍ଯ୍ୟଟକ ଉପଯୋଗୀ କରାଯିବ ବୋଲି ସୂଚନା ଦେଇଛନ୍ତି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା । ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ପରିଡା ଅଠରନଳା ସହ ହୁଳହୁଳିଆ ପୋଲ ନିକଟସ୍ଥ ଅଞ୍ଚଳ ଓ ପୁରୀ ଲେକ ଅଞ୍ଚଳ ପରିଦର୍ଶନ କରିଥିଲେ । ଏହି ପ୍ରକଳ୍ପର କାର୍ଯ୍ୟ ଓବିସିସି ପକ୍ଷରୁ କରାଯାଉଛି ବୋଲି ଜିଲ୍ଲାପାଳ କହିଛନ୍ତି । ଅଠରନଳାର ଜଳ ଉତ୍ସକୁ ସଫା ରଖିବା, ଦଳ ସଫା କରିବା, ଡ୍ରେଜିଂ, ଜଳ ନିଷ୍କାସନ ବ୍ୟବସ୍ଥା କରିବା, ସହରର ସମସ୍ତ ନଳାଗୁଡିକର ଜଳ ପରିଚାଳନା ସହ ଜଳ ନିଷ୍କାସନ ବ୍ୟବସ୍ଥା କରିବା ସମ୍ପର୍କରେ ଜିଲ୍ଲାପାଳ ସୂଚନା ଦେଇଥିଲେ । ସେହିପରି ପୁରୀରେ ବାଲୁକା କଳା ସଂଗ୍ରହାଳୟ ବା ସ୍ୟାଣ୍ଡ ଆର୍ଟ ମ୍ୟୁଜିୟମ ପ୍ରତିଷ୍ଠା କରାଯିବ । ଯାହାଫଳରେ ପର୍ଯ୍ୟଟକ ଏହାକୁ ପରିଦର୍ଶନ କରିବା ସହ ବାଲୁକା କଳା ସମ୍ପର୍କରେ ଆଗ୍ରହୀ ବ୍ୟକ୍ତିମାନେ ପ୍ରଶିକ୍ଷଣ ମଧ୍ୟ ନେଇ ପାରିବେ ବୋଲି ଜିଲ୍ଲାପାଳ ଶ୍ରୀ ପରିଡା ସୂଚନା ଦେଇଥିଲେ । ଏହାପରେ ଜିଲ୍ଲାପାଳ ହୁଳହୁଳିଆ ପୋଲ ନିକଟସ୍ଥ ଅଞ୍ଚଳ ପରିଦର୍ଶନ ସହ ତାହାର ଜଳ ନିଷ୍କାସନ ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ । ପରେ ଖଣ୍ଡିଆବନ୍ଧ ସ୍ଥିତ ପୁରୀ ଲେକ ପ୍ରକଳ୍ପକୁ ଜିଲ୍ଲାପାଳ ପରିଦର୍ଶନ କରି କାର୍ଯ୍ୟ ଅନୁଧ୍ୟାନ କରିଥିଲେ । ସେଠାରେ ସାଇକ୍ଲିଂ, ୱାକିଂ, ବୋଟିଂ, ଜିମ୍ ଇତ୍ୟାଦିର ବ୍ୟବସ୍ଥା କରାଯାଉଛି । ଏହା ସାଧାରଣ ଜନତାଙ୍କ ସହ ପର୍ଯ୍ୟଟକ ଙ୍କୁ ମଧ୍ୟ ଆକୃଷ୍ଟ କରିବ ବୋଲି ଜିଲ୍ଲାପାଳ କହିଥିଲେ । ଆବଶ୍ୟକତା ଅନୁଯାୟୀ ଏହି ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ ।

ପୁରୀ ମହାନଗର ନିଗମର କମିଶନର ପ୍ରହଲ୍ଲାଦ ନାରାୟଣ ଶର୍ମା ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା, ପୁରୀବାସୀ ଓ ପର୍ଯ୍ୟଟକମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବା, ଡ୍ରେନଗୁଡିକ ସଫା ରଖିବା, ଅଠରନଳାକୁ ସଫା ରଖିବାର ବ୍ୟବସ୍ଥା କରାଯାଉଛି ବୋଲି ସୂଚନା ଦେଇଥିଲେ । ଏହି ପରିଦର୍ଶନ ସମୟରେ ଓବିସିସିର ଅଧିକାରୀମାନେ ଉପସ୍ଥିତ ରହି ଜିଲ୍ଲାପାଳଙ୍କୁ ପ୍ରକଳ୍ପଗୁଡିକ ସମ୍ପର୍କରେ ଅବଗତ କରାଇଥିଲେ ।

ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନ

କାକଟପୁର,୩।୧୧/ଏନ୍‌ଏନ୍‌ଏସ୍: କାକଟପୁର ଅଞ୍ଚଳର ଧାର୍ମିକ ଓ ଐତିହାସିକ ପର୍ଯ୍ୟଟନସ୍ଥଳୀ ଗୁଡ଼ିକର ବିକାଶ ଦିଗରେ ଆଉ ଏକ ଉଲ୍ଲେଖନୀୟ ପଦକ୍ଷେପ ନିଆଯାଇଛି । କାକଟପୁରର ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀ ସମେଶ୍ୱର ମନ୍ଦିରର ପାରିପାର୍ଶ୍ୱିକ ଉନ୍ନତିକରଣ ନିମନ୍ତେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ୧କୋଟି ୪୦ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର କରାଯାଇଛି । ଏହି ଅର୍ଥରେ ମନ୍ଦିରର ସର୍ବାଙ୍ଗୀନ ବିକାଶ ଓ ଆନୁଷଙ୍ଗିକ ଭିତ୍ତିଭୂମିର ଉନ୍ନତିକରଣ କରାଯିବାକୁ ଯୋଜନା ରହିଛି । ଏହି ଅବସରରେ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏକ ବର୍ଚ୍ଚୁଆଲ୍ ମାଧ୍ୟମ ମାଧ୍ୟମରେ ଯୋଗଦେଇ ସମେଶ୍ୱର ମନ୍ଦିର ଉନ୍ନତିକରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଅନୁଦାନ ରାଶି ଘୋଷଣା କରିଥିଲେ । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ମନ୍ଦିରର ପାରିପାର୍ଶ୍ୱିକ ପରିବେଶରେ ସୁଧାର ଆସିବା ସହ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ପାଇଁ ଅଧିକ ସୁବିଧା ସୁଯୋଗ ଉପଲବ୍ଧ ହୋଇପାରିବ । ଏଥିସହିତ ଏହି ପ୍ରା

ନୂତନ ୟୁଜିସି ନିୟମାବଳୀର ପୁନର୍ବିଚାର ଦାବି

ବାରିପଦା,୩।୧୧/ଏନ୍‌ଏନ୍‌ଏସ୍‌: ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକରେ ଜାରି ହୋଇଥିବା ସମାନତା ପ୍ରୋତ୍ସାହନ ସମ୍ପର୍କିତ ନୂତନ ନିୟମାବଳୀର ପୁନର୍ବିଚାର କରିବାକୁ ଓଡ଼ିଶା ବ୍ରାହ୍ମଣ ମହାସଙ୍ଘର ମୟୂରଭଞ୍ଜ ଜିଲ୍ଲା ଶାଖା ଦାବି କରିଛି। ଏନେଇ ମହାସଙ୍ଘ ପକ୍ଷରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଉକ୍ତ ସ୍ମାରକପତ୍ରରେ ନିୟମାବଳୀର ପରିସର, ପ୍ରୟୋଗ ଓ ଏହା ଛାତ୍ରଛାତ୍ରୀଙ୍କ ଅଧିକାର ଉପରେ ପକାଇପାରୁଥିବା ସମ୍ଭାବ୍ୟ ପ୍ରଭାବକୁ ନେଇ ଉଦ୍‌ବେଗ ପ୍ରକାଶ କରାଯାଇଛି। ନିୟମାବଳୀର କିଛି ବ୍ୟବସ୍ଥା ଜାତିଗତ ଭେଦଭାବ ଓ ନିର୍ଯାତନାର ଆଶଙ୍କା ସୃଷ୍ଟି

କରିପାରେ ବୋଲି ମହାସଙ୍ଘ ମତବ୍ୟକ୍ତ କରିବା ସହ ଏହାର ପୁନଃ ସମୀକ୍ଷା ଓ ଆବଶ୍ୟକୀୟ ସଂଶୋଧନ ପାଇଁ ଦାବି ଜଣାଇଛି। ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ସମାନ ଆଇନଗତ ସୁରକ୍ଷା ଓ ନ୍ୟାୟ ପ୍ରଦାନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏଥିସହ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଭାରତୀୟ ସମ୍ବିଧାନର ସମାନତା, ନ୍ୟାୟ, ମର୍ଯ୍ୟାଦା ଓ ଭାଇଚାରା ଭଳି ମୌଳିକ ଆଦର୍ଶକୁ ସୁନିଶ୍ଚିତ କରିବା ନିମନ୍ତେ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ମହାସଙ୍ଘ ଦାବି କରିଛି। ମହାସଙ୍ଘର ସଭାପତି ଅଲଖ ରଞ୍ଜନ ପାଠୀ, ଉପସଭାପତି କ୍ଷେତ୍ରମୋହନ ପଣ୍ଡା, ସାଧାରଣ ସମ୍ପାଦକ ଡ଼ା. ଆଦିତ୍ୟ କୁମାର ପଣ୍ଡା, ମୁଖ୍ୟ ଉପଦେଷ୍ଟା ସଞ୍ଜୟ କୁମାର ଚୌଧୁରୀ, ଉପଦେଷ୍ଟା ବିପିନ ବିହାରୀ ଦାଶ, କୋଷାଧ୍ୟକ୍ଷ ଦୋଳଗୋବିନ୍ଦ ଦାଶ, ବରିଷ୍ଠ ସଦସ୍ୟ ରଞ୍ଜନ କୁମାର ପ୍ରହରାଜ, ଆଜୀବନ ସଦସ୍ୟ ଶମ୍ଭୁନାଥ ପାଣି, ଦେବେନ୍ଦ୍ର କୁମାର ପଣ୍ଡା, ସତ୍ୟବ୍ରତ ମିଶ୍ର, ଡ଼ା ଚିତ୍ତରଞ୍ଜନ ଦାଶ, ଜଦ୍ୱେଜୟ ଭଟ୍ଟ, ରାଧାକୃଷ୍ଣ ପଣ୍ଡା, ସଞ୍ଜୟ କୁମାର ମିଶ୍ର, ସୁବ୍ରତ ମିଶ୍ର, ରବି ନାରାୟଣ ପଣ୍ଡା, ହିମାଂଶୁ ଶେଖର ପଣ୍ଡା ଓ ରାମଚନ୍ଦ୍ର ନାଥ ଶର୍ମା ପ୍ରମୁଖ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ଦେଢ଼ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ୩ ଗିରଫ

ବାରିପଦା,୩।୧୧/ଏନ୍‌ଏନ୍‌ଏସ୍‌: ଭଞ୍ଜପୁର ଥାନା ପୁଲିସ୍ ଦେଢ଼ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିବା ସହ ୩ ଆନ୍ତଃରାଜ୍ୟ ଗଞ୍ଜେଇ ମାଫିଆଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ଉଲୁବେରା ଥାନା ଅନ୍ତର୍ଗତ ଶ୍ରୀକାନ୍ତ ବାଗ(୩୬), ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅନ୍ତର୍ଗତ ସରିଶକଠା ଗ୍ରାମର ଜଗନ ମହାଲିକ(୩୨) ଓ ବାରିପଦା ସହରର ୱାର୍ଡ ନଂ ୩ ୱାଲିଗଞ୍ଜ ଅଞ୍ଚଳର ରାଜେଶ କୁମାର ପରିଡ଼ା(୩୯)। ଲକ୍ଷ୍ମୀପୋଷିସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ନିକଟ ଦେଇ ଏକ କାର୍‌ରେ ବିପୁଳ ପରିମାଣର ନିଶାଦ୍ରବ୍ୟ ଚାଲାଣ ହେଉଥିବା ନେଇ ଭଞ୍ଜପୁର ପୁଲିସ୍‌କୁ ଗୁଇନ୍ଦା ସୂଚନା ମିଳିଥିଲା। ଖବରପାଇ ପୁଲିସ୍ ଟିମ୍ ତୁରନ୍ତ

ଘଟଣାସ୍ଥଳରେ ନାକାବନ୍ଦୀ କରି ଯାନବାହନ ଯାଞ୍ଚ ଆରମ୍ଭ କରିଥିଲା। ଏହି ସମୟରେ ଏକ ସନ୍ଦିଗ୍ଧ ପଶ୍ଚିମବଙ୍ଗ ନମ୍ବର କାର୍‌କୁ ଅଟକାଇ ତଲାସି କରିବା ପରେ ଗାଡ଼ି ଭିତରୁ ଦେଢ଼ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ମିଳିଥିଲା। ପୁଲିସ୍ ତୁରନ୍ତ ଗାଡ଼ିରେ ଥିବା ୩ ଜଣ ଗଞ୍ଜେଇ ଚାଲାଣକାରୀଙ୍କୁ କାବୁ କରିବା ସହ ଘଟଣାସ୍ଥଳରୁ ଉକ୍ତ ଗଞ୍ଜେଇ, ନଗଦ ଲକ୍ଷାଧିକ ଟଙ୍କା ଓ କାର୍‌କୁ ଜବତ କରିଛି। ଗିରଫ ଅଭିଯୁକ୍ତଙ୍କୁ ଥାନାକୁ ଆଣି ପଚରାଉଚୁରା ଜାରି ରଖିଛି। ଏହି ଗଞ୍ଜେଇ କେଉଁଠାରୁ ଆସି କେଉଁ ସ୍ଥାନକୁ ଚାଲାଣ କରାଯାଉଥିଲା ଏବଂ ଏହି ର‍ୟାକେଟ୍ ପଛରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେନେଇ ପୁଲିସ୍ ପକ୍ଷରୁ ଅଧିକ ତଦନ୍ତ ଚାଲିଥିବା ଜଣାପଡ଼ିଛି।

ମହିଳା କଲେଜରେ ବିଦାୟକାଳୀନ ସମ୍ବର୍ଦ୍ଧନା

ସୋର,୩।୧୧/ଏନ୍‌ଏନ୍‌ଏସ୍‌: ସୋର ମହିଳା ମହାବିଦ୍ୟାଳୟରେ ୩୯ ବର୍ଷ ଧରି ପିଅନ୍ ଭାବେ କାର୍ଯ୍ୟରତ ଭ୍ରମରବରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ +୨ ଅଧ୍ୟକ୍ଷା ଅଞ୍ଜଳି ମହାପାତ୍ର, +୩ ଅଧ୍ୟକ୍ଷ ବୃନ୍ଦାବନ ରାଉଳ, ପୂର୍ବତନ ଅଧ୍ୟକ୍ଷ ସୀତାକାନ୍ତ ନାୟକ, ସଞ୍ଜୀବ କୁମାର ନାୟକ, ରଞ୍ଜନ କୁମାର ମହାନ୍ତି ଓ ପୂର୍ବତନ ବରିଷ୍ଠ କିରାଣୀ ରତ୍ନାକର ପାତ୍ରଙ୍କ ସମେତ ଅବସର ନେଇଥିବା ଅନେକ କର୍ମଚାରୀ ଯୋଗ ଦେଇଥିଲେ। ଭ୍ରମରବର ଦୀର୍ଘ ୩୯ ବର୍ଷ ପିଅନ୍ ଭାବେ ରହି ସମସ୍ତ ଦାୟିତ୍ୱ ନିର୍ବାହ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଛାତ୍ରୀଙ୍କ ଗହଣରେ ପିତା ତୁଲ୍ୟ ଭାବେ ସମ୍ମାନ ପାଉଥିଲେ। ଆଜି ତାଙ୍କ ଅବସର କାଗଜ କଲମରେ ସିନା ମିଳିଛି କିନ୍ତୁ ସବୁଦିନ ପାଇଁ ସମସ୍ତଙ୍କ ହୃଦୟରେ ଭ୍ରମର ଭାଇ ହିସାବରେ ରହିବେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଶେଷରେ ଭ୍ରମରବରଙ୍କୁ ଅନୁଷ୍ଠାନ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉପହାର ପ୍ରଦାନ କରାଯାଇଥିଲା।

ତିହିଡ଼ି ପୁଲିସ୍ ପକ୍ଷରୁ ବାଣ ଜବତ

ତିହିଡ଼ି,୩।୧୧/ଏନ୍‌ଏନ୍‌ଏସ୍‌: ତିହିଡ଼ି ପୁଲିସ୍ ସୋମବାର ରାତିରେ ମଙ୍ଗରାଜପୁର ଛକରେ ଥିବା ଏକ ଦୋକାନ ଉପରେ ଚଢ଼ଉ କରି ବିପୁଳ ପରିମାଣର ବାଣ ଜବତ କରିଛି। ତିହିଡ଼ି ଥାନା ଆଇଆଇସି ଲୋପାମୁଦ୍ରା ନାୟକଙ୍କ ନେତୃତ୍ୱରେ ପୁଲିସ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଦୋକାନରେ ଯାଞ୍ଚ କରିଥିଲା। ଏହି ସମୟରେ ଦୋକାନ ଭିତରେ ଗଚ୍ଛିତ ଥିବା ବିଭିନ୍ନ ପ୍ରକାରର ବାଣ ଜବତ କରି ଥାନାକୁ ଆଣିଥିଲା। ଏନେଇ ତିହିଡ଼ି ଥାନାରେ ଏକ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ ବେଆଇନ ଭାବେ ବାଣ ବିକ୍ରି ଉପରେ ସରକାରୀ କଟକଣା ରହିଛି। ନିର୍ଦ୍ଧାରିତ ସ୍ଥାନରେ ପ୍ରଶାସନର ଅନୁମତି ଓ ଆବଶ୍ୟକ ଲାଇସେନ୍ସ ନେଇ ବାଣ ଦୋକାନ ଖୋଲିବା ପାଇଁ ନିୟମ ରହିଛି। ତେବେ ତିହିଡ଼ି ଅଞ୍ଚଳରେ ବିନା ଅନୁମତିରେ ବାଣ ବିକ୍ରି ହେଉଥିବା ନେଇ ଅଭିଯୋଗ ରହିଥିବାରୁ ପୁଲିସ୍ ଏହି ଚଢ଼ଉ କରିଥିବା ଜଣାପଡ଼ିଛି।

ଭିଜିଲାନ୍ସ ସଚେତନତା ସପ୍ତାହ

ଯୋଡ଼ା,୩।୧୧/ଏନ୍‌ଏନ୍‌ଏସ୍‌: ଦୁର୍ନୀତିମୁକ୍ତ ସମାଜ ଗଠନ ସହ ସଚ୍ଚୋଟତା, ସ୍ୱଚ୍ଛତା ଓ ନୈତିକ ମୂଲ୍ୟବୋଧର ପ୍ରସାର ଉଦ୍ଦେଶ୍ୟରେ ଯୋଡ଼ା ମହିଳା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ପକ୍ଷରୁ ଭିଜିଲାନ୍ସ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଦୁର୍ନୀତି ବିରୋଧରେ ଛାତ୍ରୀଙ୍କୁ ସାମୂହିକ ଶପଥପାଠ କରାଯିବା ସହ ଲାଞ୍ଚ ନେବା ଓ ଦେବା ଭଳି ଅନୈତିକ କାର୍ଯ୍ୟକୁ ଦୃଢ଼ ବିରୋଧ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ବେହେରା ଛାତ୍ରୀଙ୍କୁ ଦୁର୍ନୀତି ବିରୋଧୀ ଶପଥପାଠ କରାଇଥିଲେ। ନିଜ ଜୀବନରେ ସଚ୍ଚୋଟତା ଓ ନୈତିକତାକୁ ପ୍ରାଥମିକତା ଦେବା ସହ ସମାଜରୁ ଦୁର୍ନୀତିର ମୂଲୋତ୍ପାଟନ ଦିଗରେ ସମସ୍ତେ ଏକଜୁଟ୍ ହୋଇ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହାସହ ଏକ ନିଶାମୁକ୍ତି ସଚେତନତା ରାଲି ମଧ୍ୟ ଆୟୋଜିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟର ଛାତ୍ରୀମାନେ ସକ୍ରିୟ ଭାବେ ସାମିଲ୍ ହୋଇ ବନେଇକଳା ଅଞ୍ଚଳର ବିଭିନ୍ନ ରାସ୍ତା ପରିକ୍ରମା

କରିଥିଲେ। ନିଶା ସେବନର ଭୟାବହ ପରିଣାମ, ପରିବାର ଓ ସମାଜ ଉପରେ ଏହାର କୁପ୍ରଭାବ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ସହ ଏକ ସୁସ୍ଥ, ସୁନ୍ଦର ଓ ନିଶାମୁକ୍ତ ସମାଜ ଗଠନର ବାର୍ତ୍ତା ପ୍ରଚାର କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନାର +୩ କାର୍ଯ୍ୟକ୍ରମ ଅଧିକାରୀ ଜଗମୋହନ ଝଙ୍କାର ଏବଂ +୨ କାର୍ଯ୍ୟକ୍ରମ ଅଧିକାରିଣୀ ଶୁଚିସ୍ମିତା ସିଂ ପରିଚାଳନା କରିଥିଲେ।

'ଆମେମାନେ' କେବଳ ପତ୍ରିକା ନୁହେଁ, ଏକ ସାହିତ୍ୟିକ ଆନ୍ଦୋଳନ

ସୋର,୩।୧୧/ଏନ୍‌ଏନ୍‌ଏସ୍‌: ସାହିତ୍ୟର ଅନ୍ତଃସ୍ୱରକୁ ଜନମାନସରେ ପ୍ରତିଧ୍ୱନିତ କରିବା ଏବଂ ସୃଜନଶୀଳ ଚେତନାର ଏକ ନୂତନ ପରିସର ନିର୍ମାଣ କରିବାର ଅଭିପ୍ରାୟ ନେଇ ସୋରରୁ ପ୍ରକାଶିତ ସାହିତ୍ୟ ପତ୍ରିକା 'ଆମେମାନେ'ର ପାର୍ବଣ ସଂଖ୍ୟା-୨୦୨୬ ପାଠକାର୍ପିତ ହୋଇଯାଇଛି। ଓଡ଼ିଆ ସାହିତ୍ୟର ଏହି ମହାନ ସାଧକଙ୍କ ଜନ୍ମପୀଠରୁ ଏକ ସାହିତ୍ୟ ପତ୍ରିକାର ନୂତନ ସଂଖ୍ୟା ପାଠକଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ହେବା ଉତ୍ସବକୁ ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ପ୍ରଦାନ କରିଥିଲା। ଏଥିରେ ଅତିଥିଭାବେ ବିଶିଷ୍ଟ ସମାଲୋଚକ ଡ. ଶରତ ଚନ୍ଦ୍ର ମହାନ୍ତି ଯୋଗଦେଇ 'ଆମେମାନେ' କ୍ଷୁଦ୍ର କଲେବରରେ ଏକ ନିରୋଳା ସାହିତ୍ୟ ପତ୍ରିକା ବୋଲି ମତ ରଖିବା ସହ ସାହିତ୍ୟର ସୃଜନଶୀଳ ଧାରାକୁ ଅବ୍ୟାହତ ରଖି ପାଠକ ଓ ଲେଖକଙ୍କ ମଧ୍ୟରେ ଏକ ସୁଦୃଢ଼ ସେତୁ ନିର୍ମାଣ କରିବାରେ ଏହି ପତ୍ରିକା ସଫଳ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ଏହାର ନିରନ୍ତର ପ୍ରକାଶନ ପାଇଁ ଏକ ସ୍ଥାୟୀ ପାଣ୍ଠି ସୃଷ୍ଟି କରିବା ନିମନ୍ତେ ସାହିତ୍ୟପ୍ରେମୀ ଓ ଶୁଭେଚ୍ଛୁମାନେ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ। କବି ସଞ୍ଚିତ ବଳ, କବି ଯୋଗ୍ୟଶ୍ରୀ ସାମଲ ଓ ଅଧ୍ୟାପକ ଚେମେଇ ଦାସ ଯୋଗଦେଇ 'ଆମେମାନେ' ଏକ ପତ୍ରିକା ନୁହେଁ ବରଂ ଏକ ସାହିତ୍ୟିକ ଆନ୍ଦୋଳନ ବୋଲି ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ପତ୍ରିକାର ସୌଜନ୍ୟ ସମ୍ପାଦକ ଅନିରୁଦ୍ଧ ରାଉତ ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦକ ଯାଯାବର ସଭା ପରିଚାଳନା କରିଥିଲେ। ଏଥିରେ କବି ସୁନୀଲ ମିଶ୍ର, ଗୌରାଙ୍ଗ ମହାପାତ୍ର, ଶ୍ରୀକଣ୍ଠ ପଟ୍ଟନାୟକ, କୈଳାସ ଚନ୍ଦ୍ର ପାଢ଼ୀ, ଅଧ୍ୟାପିକା ଡ. ଆଭାରାଣୀ ବଳ ଓ ଶିଳ୍ପୀ ଗୋଲକ ପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିବାବେଳେ ଶିଳ୍ପୀ ବୃଢ଼ାମଣି ଦାସ, ଅଧ୍ୟାପକ ରାମଚନ୍ଦ୍ର ପାଢ଼ୀ, ଶିଳ୍ପୀ ଦିବ୍ୟପ୍ରକାଶ ପରିଡ଼ା, ନିର୍ମଳ ଚନ୍ଦ୍ର ସ୍ୱାଇଁ, ବିଶ୍ୱନାଥ ଘୋଷ, କଲ୍ୟାଣୀ ଘୋଷ, ରବୀନ୍ଦ୍ର କୁମାର ସାହୁ, ବଂଶୀଧର ମହାନ୍ତି, ଶ୍ରୀଧର ପ୍ରସାଦ ବେହେରା, କବି ପ୍ରଦୀପ୍ତ ମହାନ୍ତି, କାହ୍ନୁଚରଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସଂଯୋଜକ ଅଧ୍ୟାପକ ମନୀନ୍ଦ୍ର କୁମାର ଦୀକ୍ଷିତ ଧନ୍ୟବାଦ ଦେଇଥିଲେ।

AFFIDAVIT

By virtue of an affidavit sworn before the Notary Public, Balliguda dated 09.10.2026 I Bharat Mallick, Son of Sugri Mallick, Address- Village-Lenguri, P.O- Rebingia, P.S-Balliguda, Dist- Kandhamal, Pin- 762110, Odisha, declare that I have changed my name from **Kalyani Malik** to **Bharat Mallick**. Hence forth, I shall be known as **Bharat Mallick** for all purpose.

Bharat Mallick

ପ୍ରମାଣପତ୍ର

ଆମ୍ଭେ ରମାପଣ୍ଡା, ବୟସ ୭୪ ବର୍ଷ, ପିତା- ଯଶୋବନ୍ତ ପଣ୍ଡା, ଗ୍ରାମ-ତୁଣପୁର, ପୋ- ବଗଡ଼ା, ଜିଲ୍ଲା-କେନ୍ଦ୍ରାପଡ଼ା। ଆମ୍ଭର ବିବାହ ପରେ ଆମ୍ଭର ନାମ ଆଧାର କାର୍ଡରେ ମନୋରମା ଦାଶ, ସ୍ୱାମୀ-ପ୍ରଫୁଲ ଦାଶ, ସା-ବୈକୁଣ୍ଠପୁର, ପୋ- ବଢ଼ଚାଇ, ଥାନା-ପାଟ୍ଟକୁରା, ଜିଲ୍ଲା- କେନ୍ଦ୍ରାପଡ଼ ଓ ପ୍ୟାନ କାର୍ଡରେ ମନୋରମା ଦାଶ, ପିତା-ଯଶୋବନ୍ତ ପଣ୍ଡା ଅଟେ। ଏଣୁ **ରମା ପଣ୍ଡା ଓ ମନୋରମା ଦାଶ** ଜଣେ ବ୍ୟକ୍ତି ହିସାବରେ ସମସ୍ତ ସରକାରୀ ଜାଗଜ ପତ୍ରରେ ଜାଏମ ରହିବ।

AFFIDAVIT

By virtue of an affidavit sworn before the Executive Magistrate, Bhubaneswar, dtd. 08.09.2026, I, Santosh Kumar Behera, aged about 36 years, S/o- Late Mahendra Behera, At - Gopal Sahi, Pandara, GGP Colony, Ps - Mancheswar, Bhubaneswar, Dist - Khordha, Pin-751025 declare that my minor daughter name have changed from Shivyansi Behera (old name) to Sibyanshi Behera (new name). Henceforth, she shall be known as **Sibyanshi Behera** for all purposes.

Sd/- Santosh Kumar Behera

ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ନଂ. ETCECONIV BBS2026030, ତା. 25.08.2026 ରିଖ ର

ଶୁଦ୍ଧିପତ୍ର-03

ଉପରେ ଉଲ୍ଲିଖିତ ଟେଣ୍ଡର ବିଜ୍ଞପ୍ତି ରେ ନିମ୍ନଲିଖିତ ରୂପାନ୍ତରଣ କରାଯାଇଛି। ଦରାଦରି ଖୋଲ ତିଆରି।

ବିବରଣୀ	ପ୍ରକାଶିତ ଅନୁଯାୟୀ (ପୂର୍ବତନ ସଂ 02)	ସଂଶୋଧିତ ପରିମାଣ/ ତାରିଖ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ	17.11.206, 1200 ଘଣ୍ଟିକା	04.12.2026, 1700 ଘଣ୍ଟିକା

ବୃଦ୍ଧିତ ସୂଚନାର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ଟେଣ୍ଡର ଦାଖଲୀକରଣ ୱେବସାଇଟ www.ireps.gov.in ଅବଲୋକନ କରନ୍ତୁ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-238/CJ/26-27

ପଶ୍ଚିମ ରେଳବାଇ-ରତଲାମ୍

ଇ-ଟେଣ୍ଡର ନୋଟିସ୍

ମଣ୍ଡଳ ରେଳ ପ୍ରବନ୍ଧକ (ବିଦ୍ୟୁତ/ପଥର) ରତଲାମ୍‌ଙ୍କ ଦ୍ୱାରା ୱେବସାଇଟ୍ www.ireps.gov.inରେ ଇ-ଟେଣ୍ଡର ଜରିଆରେ 'ଫର୍ମ ଟେଣ୍ଡର' ଆହ୍ୱାନ କରାଯାଇଛି। ଏହାର ବିବରଣୀ ନିମ୍ନରେ ଦିଆଗଲା:- **ଟ୍ରାକିଙ୍ଗ ନଂ ୧: ଇ-ଟେଣ୍ଡର ନମ୍ବର:** EL-2025-26-26R3, **ଆଇଟମ ନାମ:** ରତଲାମ ମଣ୍ଡଳ: ରତଲାମ ଏବଂ ଇସେର- ରତଲାମ୍ ସେକ୍ସନର ପ୍ଲାଟଫର୍ମ ନଂ ୪ ଏବଂ ପ୍ଲାଟଫର୍ମ ନଂ ୭ ରେ ୬ଟି ଏସ୍କାଲେଟର ଏବଂ ଇସେର ସେକ୍ସନର ପ୍ଲାଟଫର୍ମ-୦୫/୦୬ ସର୍ଭୁଲେଟି ଏରିଆରେ ୧ ଟି ଏସ୍କାଲେଟର ଦରକୁ (ସେମ୍ପୁଲିଡ଼+ ସିଲ୍ଡ୍)। **ଅନୁମାନିତ ମୂଲ୍ୟ:** ୯,୯୨,୭୯,୧୩୨.୧୯/-, **ଇଏମଡି:** ୧୯,୮୫,୬୦୦.୦୦/-, **ଆର୍ଥ ସମୟ ଅବଧି:** ୧୨ ମାସ, **ଟ୍ରାକିଙ୍ଗ ନଂ ୨: ଇ-ଟେଣ୍ଡର ନମ୍ବର:** EL-2026-27-18, **ଆଇଟମ ନାମ:** (୧) ରତଲାମ ସେକ୍ସନ - ପ୍ରସ୍ତାବିତ ପ୍ଲାଟଫର୍ମ ୮ ରେ ବୁଲର୍ ଲେଜ୍ ଡ୍ରେଡିଂ ସିଷ୍ଟମ୍ (ଲେଜ୍‌ବୁଡ଼ିକୁ ତ୍ୱରିତ ଜଳଯୋଗାଣ ବ୍ୟବସ୍ଥା) ସମ୍ବାଳୀୟ ଟେକ୍ନିସିଆନ ଜଣାଇବା। (୨) ଉଜ୍ଜୈନ ସେକ୍ସନ - ପ୍ଲାଟଫର୍ମ ୭ ଏବଂ ପ୍ଲାଟଫର୍ମ ୮ରେ ବୁଲର୍ ଲେଜ୍ ଡ୍ରେଡିଂ ସିଷ୍ଟମ୍ (ଲେଜ୍‌ବୁଡ଼ିକୁ ତ୍ୱରିତ ଜଳଯୋଗାଣ ବ୍ୟବସ୍ଥା) ସମ୍ବାଳୀୟ ଟେକ୍ନିସିଆନ ଜଣାଇବା। **ଆନୁମାନିକ ମୂଲ୍ୟ:** ୪୪,୬୩,୯୧୦ ଜେଟି, **ଟିକ୍ ସିକ୍ୟୁରିଟି:** ୮,୯୧,୪୨,୮୦୦.୦୦/-, **ଆର୍ଥ ସେଞ୍ଚ ଜରିବାର ଅବଧି:** ୨୪ ମାସ, **ପ୍ରତ୍ ଟିକ୍ ମିଟ୍ (ଯଥାପଯୋଗ):** ୨୫.୧୧.୨୦୨୬, **ସମୟ:** ୧୨:୦୦ ଘଣ୍ଟିକା, **ସ୍ଥାନ:** ମୁଖ୍ୟ ପ୍ରଶାସନିକ ଅଧିକାରୀ(ସିଓଏ)ଙ୍କ ଚାମ୍ବର୍‌ରେ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା-୭୦୦୦୪୩, **ଟେଣ୍ଡର ବନ୍ଦ ହେବା ତାରିଖ:** ୦୮.୧୧.୨୦୨୬, ୧୨:୦୦ ଘଣ୍ଟିକା ପୂର୍ବରୁ ଅପ୍ରାପ୍ତ ଟେଣ୍ଡର ଆବେଦନ ଜରାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ଟିଣ୍ଡରର ପାଇଁ ୱେବସାଇଟ୍ www.ireps.gov.in ପରିଦର୍ଶନ କରିପାରିବେ ଏବଂ ଅନଲାଇନ୍ ମାଧ୍ୟମରେ ଟିକର ଟିକ୍ ଦାଖଲ କରିପାରିବେ। ଦୋଷରହି ପରିସ୍ଥିତିରେ ଏହି କାର୍ଯ୍ୟବୃଦ୍ଧିକ ପାଇଁ ମାତ୍ରଆର୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ଟିପ୍ପଣୀ: "ଅନ୍ୟ ସମସ୍ତ ଟେଣ୍ଡରରେ ଭଲ ଟେଳ ପାଇଁ ସମ୍ବାଦ ବିବରଣୀରେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରିବେ।"

(PR- 965)

AFFIDAVIT

By virtue of an affidavit sworn before Executive Magistrate, Bhubaneswar, dtd. 30.09.2026 that my son's name wrongly mentioned in Birth Certificate as Dash Neelakantha instead of Nitin Kishore Dash. Henceforth he will be known as **Nitin Kishore Dash** for all purposes.

Sd/- Rajendra Kumar Dash

ଦକ୍ଷିଣ ପୂର୍ବ ରେଳପଥ-ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଓ ପାଇଁ ଜଏମ୍ ଜରୁରୁରା CHIEF ENGINEER(CON)/S/GRC, ଦକ୍ଷିଣପୂର୍ବ ରେଳପଥ, ଗାର୍ଡେନ୍ ରିଚ୍, କୋଲକାତା-୭୦୦୦୪୩ ନିମ୍ନରେ ପ୍ରଦତ୍ତ ଟେଣ୍ଡର ଜରିଁ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଟେଣ୍ଡର ସମ୍ପର୍କୀତ ସବିଶେଷ ସୂଚନା ୱେବସାଇଟ୍ https://www.ireps.gov.in ରେ ଅପଲୋଡ୍ କରିଦିଆଯାଇଛି। ଏହାକୁ ଦେଖିବାରେ ଦେଖିହେବ। ଏହି ଟେଣ୍ଡର ଧାର୍ଯ୍ୟ ରାଶିର (ନିମ୍ନରେ ପ୍ରଦତ୍ତ)ରେ ୧୨:୦୦ ଘଣ୍ଟିକା ସମୟରେ ବନ୍ଦ ହେବ। **ଇ-ଟେଣ୍ଡର ନୋଟିସ୍ ନଂ.-** 4686-GRC-CE-C-SO-49-2026, **ଆର୍ଥି ଟିକରଣ:** ଇଞ୍ଜିନିୟରିଂ, ପ୍ରୋକ୍ୟୁରମେଣ୍ଟ ଅଣ୍ଡ୍ କଣ୍ଟ୍ରାକ୍ଟ୍ (ଇପିସି) ମୋଡ୍‌ରେ ଦକ୍ଷିଣ ପୂର୍ବ ରେଳପଥର ଖଡ଼ପୁର ଡିଭିଜନ ଅନ୍ତର୍ଗତ ବୁଡ଼ାମରା-ଚତୁଲିଆ ସେକ୍ସନର Ch ୫୩+

ନିତିଦିନ NITIDIN

ଆମ ଜିଲ୍ଲା

ହାଇୱା ସହ ମାଛ କଣ୍ଟେନ୍‌ର ଧକ୍କା, ୨ ଗୁରୁତର

ମାର୍ଶାଘାଇ,୩।୧୧/ଏନ୍‌ଏନ୍‌ଏସ୍: ମାର୍ଶାଘାଇ ଚଣ୍ଡିଖୋଲ-ପାରାଦୀପ ୫୩ ନଂ ଜାତୀୟ ରାଜପଥର ମଙ୍ଗଳାଛକ ନିକଟରେ ଅପେକ୍ଷାକରି ରହିଥିବା ଏକ ହାଇୱା ସହ ମାଛ ବୋଝେଇ କଣ୍ଟେନ୍‌ର ଧକ୍କା ଦେବା ଫଳରେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଆଜି ରାତି ପ୍ରାୟ ୮ ଟା ସମୟରେ ଜାତୀୟ ରାଜପଥ ଉପରେ ଏହି ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ପୁଲିସ ଓ ମାର୍ଶାଘାଇ ଅଗ୍ନିଶମବାହନୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇଥିଲା। ଚିକିତ୍ସା ପାଇଁ ଆହତମାନଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

ପ୍ରଥମ ପୃଷ୍ଠାରୁ

କ୍ୱାସି-ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ...

'ଏର୍‌କ୍ୟୁ-୯' ଭଳି ଶତ୍ରୁପକ୍ଷର ପ୍ରତିରକ୍ଷା ପ୍ରଣାଳୀ ପାଇଁ ଏହାକୁ ଟ୍ରାକ୍ କରି ଅଟକାଇବା ପ୍ରାୟ ଅସମ୍ଭବ, କାରଣ ଏହା ଶେଷ ୩୦ ସେକେଣ୍ଡରେ ମଧ୍ୟ ନିଜ ଦିଗ ବଦଳାଇବାର କ୍ଷମତା ରଖେ। 'ପ୍ରଳୟ' ହେଉଛି ଡିଆରଡିଓ ଦ୍ୱାରା ବିକଶିତ ଏକ ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ କରାଯାଉଥିବା କ୍ୱାସି-ବାଲିଷ୍ଟିକ୍ କ୍ଷେପଣାସ୍ତ୍ର। ଏହାର ଲକ୍ଷ୍ୟଭେଦ କ୍ଷମତା ୫୦୦ କିଲୋମିଟର ଏବଂ ଏହା ଏକାଧିକ ଶତ୍ରୁ ଘାଟିକୁ ଟାର୍ଗେଟ୍ କରିପାରେ।

ତେଲେଙ୍ଗାନାରେ ବାତ୍ୟା ...

ଜିଲ୍ଲାପାଳ ଅଙ୍କିତ୍ ବର୍ଷା ଓ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଅଧିକାରୀମାନଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜିଲ୍ଲାର ୯୪ଟି ବିପଦପୂର୍ଣ୍ଣ ରାସ୍ତା ସ୍ଥାନରେ ବ୍ୟାରିକେଡ୍ ଲଗାଇବାକୁ, ନଦୀ ଓ ଜଳାଶୟ ଅଞ୍ଚଳରେ ଲୋକଙ୍କ ଯାତାୟାତ ନିୟନ୍ତ୍ରଣ କରିବାକୁ, ମାଛ ଧରିବା ଓ ପର୍ଯ୍ୟଟନ କାର୍ଯ୍ୟକଳାପ ଉପରେ ରୋକ୍ ଲଗାଇବାକୁ, ଖଣି କାର୍ଯ୍ୟ ଉପରେ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜରୁରୀ ପରିସ୍ଥିତି ପାଇଁ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ ସ୍ଥାପନ କରାଯାଇଛି। ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନାନୁସାରେ ଆସନ୍ତା ୪ ଓ ୫ ନଭେମ୍ବରରେ ତେଲେଙ୍ଗାନାର ଉତ୍ତର ଓ ପୂର୍ବ ଜିଲ୍ଲାଗୁଡ଼ିକରେ ବର୍ଷା ଜାରି ରହିପାରେ। କେତେକ ସ୍ଥାନରେ ଝଟକା ପବନ ସହ ପ୍ରବଳ ବର୍ଷା ହୋଇପାରେ। ତେବେ ଆଗାମୀ ୨୪ ଘଣ୍ଟା ତେଲେଙ୍ଗାନାର କେତେକ ଅଞ୍ଚଳ ପାଇଁ ଗୁରୁତ୍ୱପୂର୍ଣ୍ଣ ରହିବ।

ଆସିବ ୧.୧୭ ଲକ୍ଷ କୋଟିର ...

କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାସହ ଶିଳ୍ପ କ୍ଷେତ୍ରର ଅନ୍ତତଃ ୩୩ ପ୍ରତିଶତ ବିଦ୍ୟୁତ୍ ଆବଶ୍ୟକତା ସୁଲଭ ଦରରେ ସବୁଜ ଶକ୍ତି ମାଧ୍ୟମରେ ପୂରଣ କରାଯିବ। ୨୦୩୬ ସୁଦ୍ଧା ଓଡିଶାରେ ୭ ହଜାର ମେଗାୱାଟ୍‌ର ଫ୍ଲୋଟିଙ୍ଗ୍ ସୋଲାର, ୨୦୪୭ ସୁଦ୍ଧା ୨୬ ହଜାର ପମ୍ପଡ୍ ଷ୍ଟୋରେଜ୍ ଏବଂ ୧ ହଜାର ମେଗାୱାଟ ପବନ ଶକ୍ତି ଉତ୍ପାଦନର ଲକ୍ଷ୍ୟ ରଖାଯାଇଛି। ତେଣୁ ଓଡିଶାରେ ନିବେଶ କରିବା ପାଇଁ ବ୍ୟାପକ ସୁଯୋଗ ରହିଛି ବୋଲି ସେ କହିଥିଲେ। ନିବେଶକଙ୍କୁ ଓଡିଶାରେ ସ୍ୱଚ୍ଛ ଶକ୍ତି ପ୍ରକଳ୍ପ ସ୍ଥାପନ କରିବାକୁ ଆମନ୍ତ୍ରଣ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟ ସରକାରଙ୍କ ତିନୋଟି ପ୍ରମୁଖ ସଂକଳ୍ପ ବିଷୟରେ ଦୋହରାଇଥିଲେ, ସ୍ଥିର ଓ ସ୍ୱଷ୍ଟ ନୀତି, ସିଙ୍ଗଲ୍ ୱିଣ୍ଡୋ ମାଧ୍ୟମରେ ସମୟବଦ୍ଧ ମଞ୍ଜୁରୀ ଏବଂ ବିଦ୍ୟୁତ୍ ଉତ୍ପାଦନ ପୂର୍ବରୁ ପ୍ରସାରଣ ଭିତ୍ତିଭୂମିର ସୁଦୃଢ଼ୀକରଣ। 'ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ ଯୋଜନା' ଅଧୀନରେ ରାଜ୍ୟର ପାୱାର ଟ୍ରାନ୍ସମିସନ୍ ନେଟ୍‌ୱର୍କର ସମ୍ପ୍ରସାରଣ ପାଇଁ ମଞ୍ଜୁର ହୋଇଥିବା ୧୫,୯୪୮ କୋଟି ଟଙ୍କାର ବ୍ୟବସ୍ଥା ବିଷୟରେ ସୂଚନା ଦେଇଥିଲେ। ଓଡ଼ିଶାର ଅନୁକୂଳ ଶିଳ୍ପ ପରିବେଶ, ଅକ୍ଷୟ ଶକ୍ତିର ସମ୍ଭାବନା ସହ ପାରାଦୀପ, ଧାମରା ଓ ଗୋପାଳପୁର ବନ୍ଦର ସ୍ୱଚ୍ଛ ଶକ୍ତି ଓ ଗ୍ରୀନ୍ ହାଇଡ୍ରୋଜେନ୍ କ୍ଷେତ୍ରରେ ସ୍ୱଚ୍ଛ ଶକ୍ତି ଉତ୍ପାଦନ ଓ ରପ୍ତାନୀ କ୍ଷେତ୍ରରେ ନୂତନ ଦିଗନ୍ତ ସୃଷ୍ଟି କରିବ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ, ବିଗତ ଗ୍ରୀଷ୍ମଋତୁରେ ରାଜ୍ୟର ସର୍ବାଧିକ ୬,୨୪୨ ମେଗାୱାଟ୍ ବିଦ୍ୟୁତ୍ ଚାହିଦାକୁ ବିନା କୌଣସି ପାୱାରକଟ୍‌ରେ ସଫଳତାର ସହ ପୂରଣ କରାଯାଇଛି। ଗୋପାଳପୁର ଓ ପାରାଦୀପଠାରେ ଗ୍ରୀନ୍ ହାଇଡ୍ରୋଜେନ୍ ଏବଂ ଆମୋନିଆ ହବ୍ ପ୍ରତିଷ୍ଠା ସହ ପମ୍ପଡ୍ ଷ୍ଟୋରେଜ୍, ଫ୍ଲୋଟିଂ ସୋଲାର ଓ ପବନ ଶକ୍ତି କ୍ଷେତ୍ରରେ ରାଜ୍ୟ ଆଗେଇ ଚାଲିଛି। କେନ୍ଦ୍ର ନବୀନ ଓ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟର ସଚିବ ସନ୍ତୋଷ କୁମାର ଷଡ଼ଙ୍ଗୀ ସୂଚନା ଦେଇଥିଲେ ଯେ, 'ଓଡ଼ିଶା ଅକ୍ଷୟ ଶକ୍ତି ନୀତି-୨୦୨୨' ଅଧୀନରେ ୨୦୩୦ ସୁଦ୍ଧା ୧୦.୯୬ ଗିଗାୱାଟ୍ ? ଅକ୍ଷୟ ଶକ୍ତି ଉତ୍ପାଦନର ଲକ୍ଷ୍ୟ ରଖାଯାଇଛି। ୩୦ ସେପ୍ଟେମ୍ବର ୨୦୨୬ ସୁଦ୍ଧା ରାଜ୍ୟରେ ୩,୬୪୧.୨୩ ମେଗାୱାଟ୍ ଅକ୍ଷୟ ଶକ୍ତି କ୍ଷମତା ସ୍ଥାପିତ ହୋଇସାରିଛି। ଓଡ଼ିଶା ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ ଦେବ ରାଜ୍ୟର ନୀତିଗତ ଢାଞ୍ଚା, ପ୍ରକଳ୍ପ ଅନୁମୋଦନ ବ୍ୟବସ୍ଥା ଏବଂ ଶକ୍ତି ସଂରକ୍ଷଣ ପ୍ରକଳ୍ପଗୁଡ଼ିକର ବିସ୍ତୃତ ରୋଡ୍‌ମାପ୍ ଉପସ୍ଥାପନ କରିଥିଲେ।ଏହି ଅଧିବେଶନରେ କେନ୍ଦ୍ର ନବୀନ ଓ ଅକ୍ଷୟ ଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ, କେନ୍ଦ୍ର ନବୀନ ଓ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟର ସଚିବ ସନ୍ତୋଷ କୁମାର ଷଡ଼ଙ୍ଗୀ ଏବଂ ଓଡ଼ିଶା ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ ଦେବ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଏଲ୍‌ସି. ଇଣ୍ଡିଆ, ଆଦାନୀ ପୋର୍ଟସ୍ ଆଣ୍ଡ୍ ଏସ୍‌ଇଜେଡ୍, ଆଭାଡା ଗ୍ରୁପ୍, ଗ୍ରୀନକୋ ଗ୍ରୁପ୍, ଏକମେ ଗ୍ରୁପ୍, ଏଭ୍ରେନ୍ ଏବଂ ବୁକ୍‌ଫିଲ୍ଡ ରିନିଉଏବଲ୍‌ସ୍ ଭଳି ଦେଶ-ବିଦେଶର ଅଗ୍ରଣୀ କମ୍ପାନୀଗୁଡ଼ିକର ସକ୍ରିୟ ଭାଗିଦାରୀ ଓଡ଼ିଶାର ସ୍ୱଚ୍ଛ ଶକ୍ତି କ୍ଷେତ୍ର ପ୍ରତି ବିଶ୍ୱସ୍ତରୀୟ ଆଗ୍ରହକୁ ପ୍ରମାଣିତ କରୁଛି।

ଆରମ୍ଭ ହେଲା ଭୋଟ୍ ...

'ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସ'ର ସମସ୍ତ ୪୩୫ଟି ଆସନ ଏବଂ ଉପର ସଦନ 'ସିନେଟ୍'ର ୩୫ଟି ଆସନ ପାଇଁ ଭୋଟ୍ ଗ୍ରହଣ କରାଯାଉଛି। ବର୍ତ୍ତମାନ ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟି ପାଖରେ ସଂସଦର ଉଭୟ ସଦନରେ ବହୁମତ ରହିଛି। ଯଦି ଦଳ ଏହି ଦୁଇ ସଦନ ମଧ୍ୟରୁ କୌଣସି ଗୋଟିଏରେ ମଧ୍ୟ ବହୁମତ ହରାଇ ବସେ, ତେବେ ଟ୍ରମ୍ପଙ୍କ ପାଇଁ ନିଜ ଏଜେଣ୍ଡା ସମ୍ବନ୍ଧିତ ଆଇନ ପାସ୍ କରାଇବା କଷ୍ଟକର ହୋଇପଡ଼ିବ। ତେବେ ନିର୍ବାଚନୀ ମାହୋଲ୍ ଅନୁସାରେ ଟ୍ରମ୍ପଙ୍କ ଦଳ ରିପବ୍ଲିକାନ୍ ପାର୍ଟି ତୁଳନାରେ ବିରୋଧୀ ଡେମୋକ୍ରାଟିକ୍ ପାର୍ଟି ଏଥର ଅଧିକ ଭଲ ଫଳାଫଳ କରିବ ବୋଲି ସୂଚନା ମିଳୁଛି। ତେବେ ଏହାରି ମଧ୍ୟରେ ଆଉ ଏକ ବଡ଼ ଖବର ସାମ୍ନାକୁ ଆସିଛି ଯେ, ଆଜି ଭୋଟିଂ ପ୍ରକ୍ରିୟା ଆରମ୍ଭ ହେବାର କିଛି ସମୟ ପୂର୍ବରୁ ହିଁ ଆମେରିକା ସେନା ଇରାନ୍‌ର କାସେମ୍ ଦ୍ୱୀପ ଉପରେ ଆକ୍ରମଣ କରିଛି।

୪ ଆଇଏଏସ୍‌ଙ୍କୁ ଅତିରିକ୍ତ ...

ଜଣ ସ୍ଥାନାନ୍ତରିତ ହୋଇଛନ୍ତି। ସେହିପରି ବର୍ତ୍ତମାନ ଉପରୋକ୍ତ ଜିଲ୍ଲାଗୁଡ଼ିକରେ ସର୍ବମୋଟ ପ୍ରାୟ ୫୯୨ ଉଭୟ ସ୍ଥାୟୀ ଏବଂ ଅସ୍ଥାୟୀ ଆଶ୍ରୟସ୍ଥଳୀ କାର୍ଯ୍ୟକ୍ଷମ ରହିଛି। ସେହିପରି ସମ୍ପୃକ୍ତ ଜିଲ୍ଲା ଗୁଡିକରେ ପ୍ରାୟ ୫୪ ଓଡ୍ରାଫ୍, ୯ ଏନ୍‌ଡିଆର୍‌ଏଫ୍ ଏବଂ ୧୦୦ ରୁ ଉର୍ଦ୍ଧ୍ୱ ଅଗ୍ନିଶମ ସେବା ବାହିନୀ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ମନ୍ତ୍ରୀ ଶ୍ରୀ ପୂଜାରୀ ସୂଚନା ଦେଇଛନ୍ତି ଯେ, ଅର୍ଣ୍ଣବ ପାଇଁ ବାସଗୃହ, ଚାଷଜମି, ବ୍ୟବସାୟ ଆଦି କ୍ଷୟକ୍ଷତି ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀ ପ୍ୟାକେଜ ଘୋଷଣା କରିଛନ୍ତି । ପଞ୍ଚାୟତିରାଜ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ପୂର୍ତ୍ତ ବିଭାଗ, ଶକ୍ତି ବିଭାଗ, ଜଳସମ୍ପଦ ବିଭାଗ ପକ୍ଷରୁ କ୍ଷତିଗ୍ରସ୍ତ ଭିତ୍ତିଭୂମିର ମରାମତି ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ଏତଦ୍‌ବ୍ୟତୀତ ପ୍ରଭାବିତ ଜିଲ୍ଲାରେ କ୍ଷୟକ୍ଷତି ଆକଳନ, ପ୍ରଭାବିତ ହିତାଧିକାରୀଙ୍କ ପାଖେ କ୍ଷତିପୂରଣ ପ୍ୟାକେଜ୍ ପହଞ୍ଚାଇବା ସୁନିଶ୍ଚିତ କରିବା, ଭିତ୍ତିଭୂମିର ମରାମତି ତ୍ୱରାନ୍ୱିତ କରିବା ଏବଂ ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ରକ୍ଷା କରିବା ନିମନ୍ତେ ୪ ଜଣ ଆଇଏଏସ ଅଧିକାରୀଙ୍କୁ ଅତିରିକ୍ତ ସ୍ପେଶାଲ୍ ରିଲିଫ୍ କମିଶନର ଭାବେ ସମ୍ପୃକ୍ତ କ୍ଷମତା ପ୍ରଦାନ କରି ଅବସ୍ଥାପିତ କରାଯାଇଛି। ଗଜପତି ଜିଲ୍ଲାରେ ୨୦୨୪ ବ୍ୟାଚ୍ ଆଇଏଏସ୍ ଅଫିସର ପଦ୍ମନ କୁମାର, ଗଞ୍ଜାମ ଜିଲ୍ଲାରେ ୨୦୨୨ ବ୍ୟାଚ୍ ଆଇଏଏସ୍ ଅଫିସର୍ ଅଜିତ କୁମାର, ୨୦୨୩ ବ୍ୟାଚ୍ ଆଇଏଏସ୍ ଅଫିସର୍ ତେଜସ୍ୱିନୀ ବେହେରା ଏବଂ କନ୍ଧମାଳ ଜିଲ୍ଲାରେ ୨୦୨୩ ବ୍ୟାଚ୍ ଆଇଏଏସ୍ ଅଫିସର୍ ଶିବ ମାଲବ୍ୟଙ୍କୁ ଅବସ୍ଥାପିତ କରାଯାଇଛି। ସେହିପରି ଆଜି ଅନୁଧ୍ୟାନ ନିମନ୍ତେ ଆସିଥିବା କେନ୍ଦ୍ରୀୟ ଟିମ୍ ଗଜପତି ଜିଲ୍ଲା ଗସ୍ତ କରି କ୍ଷୟକ୍ଷତି ଆକଳନ କରୁଥିବା ବେଳେ ଆସନ୍ତାକାଲି ଗଞ୍ଜାମ ଜିଲ୍ଲାରେ କ୍ଷୟକ୍ଷତି ଆକଳନ କରି ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ। ଜିଲ୍ଲାମାନଙ୍କରେ ଜିଲ୍ଲାପାଳମାନେ କେନ୍ଦ୍ରୀୟ ଟିମର ପରିଦର୍ଶନ ସ୍ଥଳ ସ୍ଥିର କରି ସେମାନଙ୍କୁ ସହାୟତା କରୁଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ସ୍ପେଶାଲ୍ ରିଲିଫ୍ କମିଶନର ରାଜେଶ ପ୍ରଭାକର ପାଟିଲ, ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ଡ. ସୁଧାଂଶୁ ଷଡଙ୍ଗୀ ଏବଂ ସମ୍ପୃକ୍ତ ବିଭାଗୀୟ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

ଆନ୍ତଃଜିଲ୍ଲା ଚୋରଗ୍ୟାଙ୍ଗ୍‌ର ...

ଜବତ କରାଯାଇଛି। ଏସ୍‌ପି ପରମାର ସ୍ଥିତ ପୁରୁଷୋତ୍ତମ କହିଛନ୍ତି, ଅଭିଯୁକ୍ତଙ୍କ ନିକଟରୁ ୫୦୦ ଗ୍ରାମ ସୁନା ଅଳଙ୍କାର ଓ ୧୧ କେଜି ରୂପା ଅଳଙ୍କାର ଜବତ କରିଛି। ଏମାନେ ଗତ ୨ ମାସ ମଧ୍ୟରେ ପ୍ରାୟ ୧୫ଟି ସ୍ଥାନରୁ ଚୋରି କରିଥିବା ପୁଲିସ୍ ସମ୍ମୁଖରେ ସ୍ୱୀକାର କରିସାରିଛନ୍ତି। ତେବେ ଏହି ଅଭିଯୁକ୍ତମାନଙ୍କର ପୂର୍ବରୁ ଅପରାଧିକ ମାମଲା ରହିଛି କି ନାହିଁ, ସେନେଇ ପୁଲିସ୍ ତଦନ୍ତ ଜାରି ରଖିଛି। ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଏହି ଟିମ୍‌ରେ ନାବୁଣୀ ଆଇଆଇସି ବିଭୂତି ଭୂଷଣ ମହାପାତ୍ର, ଟାଙ୍ଗୀ ଆଇଆଇସି ରବୀନ୍ଦ୍ର କୁମାର ଭୁଜବଳ, ବାଣପୁର ଆଇଆଇସି ଜୟପ୍ରକାଶ ପରିଡ଼ା ଏବଂ ବାଲୁଗାଁ ଆଇଆଇସି ଶ୍ରଦ୍ଧା ନାୟକ ପ୍ରମୁଖ ସାମିଲ ଥିଲେ। ଏହି ଆନ୍ତଃଜିଲ୍ଲା ଚୋରମାନଙ୍କ ଗିରଫଦାରୀ ସମ୍ପର୍କୀତ ସୂଚନା ଖୋର୍ଦ୍ଧା ଏବଂ ନୟାଗଡ଼ ଜିଲ୍ଲାବାସୀଙ୍କୁ ଏକ ବଡ଼ ଆଶ୍ୱସ୍ତି ଦେଇଛି। ଅନ୍ୟପକ୍ଷେ ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ରିମାଣ୍ଡରେ ନିଆଯିବ ବୋଲି ଏସ୍‌ପି ପରମାର ନିଶ୍ଚିତ କରିଛନ୍ତି। ସେ କହିଛନ୍ତି ଅଧିକ ପଚରାଉଚରା ପରେ ଅଭିଯୁକ୍ତମାନଙ୍କ ନେଟୱାର୍କ ବିଷୟରେ ଅତିରିକ୍ତ ତଥ୍ୟ ମିଳିବା ସହ ଅଞ୍ଚଳର ଅନ୍ୟାନ୍ୟ ଅପରାଧିକ ମାମଲାର ମଧ୍ୟ ପର୍ଦ୍ଦାଫାସ ହୋଇପାରିବ ବୋଲି ସେ ବିଶ୍ୱାସ କରୁଛନ୍ତି।

ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ଜମି ଅଧିଗ୍ରହଣ

ଜିଲ୍ଲାପାଳ ଓ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ କ୍ଷେତ୍ର ପରିଦର୍ଶନ

ମାର୍ଶାଘାଇ,୩।୧୧/ଏନ୍‌ଏନ୍‌ଏସ୍: ଚଣ୍ଡିଖୋଲ-ପାରାଦୀପ ୫୩ ନଂ ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଚାଲୁରହିଛି। ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ଆବଶ୍ୟକ ହେଉଥିବା ଜମି ଅଧିଗ୍ରହଣ କରାଯାଉଛି। ଏହି ଜମି ଅଧିଗ୍ରହଣ ସମୟରେ ମାର୍ଶାଘାଇ ତହସିଲ ଅଧିନ କୁସୁନପୁର ଓ ଦୁମୁକା ଗ୍ରାମର ଜମି ହରାଉଥିବା ଅନେକ କ୍ଷତିଗ୍ରସ୍ତ ପରିବାର ଏସମ୍ପର୍କ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏପରିକି ଗ୍ରାମବାସୀଙ୍କ ତରଫରୁ ତହସିଲଦାର ଏବଂ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରାଯାଇଥିଲା। ଆଜି କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର ଜାତୀୟ ରାଜପଥର ମାର୍ଶାଘାଇ ତହସିଲ ଅଧିନ କୁସୁନପୁର ନିକଟରେ ପହଞ୍ଚି ଥିଲେ। କ୍ଷେତ୍ର ପରିଦର୍ଶନ କରିବା ସହ ଜମି ହରାଉଥିବା ପରିବାର ଏବଂ ଗ୍ରାମବାସୀଙ୍କ ସମସ୍ୟା ଶୁଣିଥିଲେ। ଜାତୀୟ ରାଜପଥର ଉଭୟ ପାର୍ଶ୍ୱ ସମ୍ପ୍ରସାରଣ ପାଇଁ ଆବଶ୍ୟକ ହେଉଥିବା ସାଧାରଣ ଲୋକମାନଙ୍କ ଜମି ଏବଂ ବାସଗୃହ କିପରି ସୁରକ୍ଷିତ ରହିବ। ଗ୍ରାମରେ ପାନୀୟଜଳ

ଗ୍ରାମବାସୀ, ଜମି ଓ ବାସହୀନ ପରିବାର ସହ ଆଲୋଚନା

ସମସ୍ୟାର ସମାଧାନ, ଗ୍ରାମକୁ ଧୂଳି ଧୂଆଁରୁ ମୁକ୍ତି କରାଯିବା ଆଦି ଦାବି ରଖାଯାଇଥିଲା। ଜିଲ୍ଲାପାଳ ଲୋକମାନଙ୍କ ସମସ୍ୟା ଶୁଣିବା ସହ ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀ ସହ ଆଲୋଚନା କରିଥିଲେ। ଲୋକମାନଙ୍କ ସ୍ୱାର୍ଥକୁ ଦୃଷ୍ଟି ରଖି ଆବଶ୍ୟକ ପଦକ୍ଷେପ ନେବା ପାଇଁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲାପାଳଙ୍କ ସହ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ରବୀନ୍ଦ୍ର ମଲ୍ଲିକ. ମାର୍ଶାଘାଇ ତହସିଲଦାର ଶ୍ରୀକାନ୍ତ ପରିଜା, ଜାତୀୟ ରାଜପଥର ଯନ୍ତ୍ରୀ ଜ୍ଞାନ ରଞ୍ଜନ ମହାନ୍ତି ଏବଂ ଠିକା ସଂସ୍ଥାର ଅଧିକାରୀ ଉପସ୍ଥିତ ଥିଲେ।

୪୫ ଗଜସାଥୀଙ୍କୁ ନେଇ ତାଲିମ ଶିବିର

କାମାକ୍ଷାନଗର,୩।୧୧/ଏନ୍‌ଏନ୍‌ଏସ୍: କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ କାର୍ଯ୍ୟାଳୟ ପରିସରରେ ଗଜସାଥୀ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମାଞ୍ଚଳ ରେଞ୍ଜ ଅଧୀନରେ ଥିବା ୯ଟି ଜଙ୍ଗଲ ସୁରକ୍ଷା ସମିତିରୁ ୪୫ଜଣ ଗଜସାଥୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପଶ୍ଚିମାଞ୍ଚଳ ରେଞ୍ଜର କୈଳାସ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ତାଲିମ୍ ଶିବିରରେ ପୂର୍ବାଞ୍ଚଳ ରେଞ୍ଜର ସୁଶାନ୍ତ କୁମାର ପାତ୍ର ଉପସ୍ଥିତ ରହି ଗଜସାଥୀଙ୍କୁ ତାଲିମ ପ୍ରଦାନ କରିଥିଲେ। ବିଶେଷକରି ଗ୍ରାମାଞ୍ଚଳରେ ହାତୀ ପ୍ରବେଶ କରିବା ଫଳରେ ଅନେକ ସମୟରେ ଧନଜୀବନ କ୍ଷତି ହେଉଛି। ବେଳେବେଳେ ହାତୀ ଆକ୍ରମଣରେ ମଣିଷଙ୍କ ମୃତ୍ୟୁ ହେଉଥିବା ବେଳେ ଅନେକ ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ହାତୀଙ୍କ ମୃତ୍ୟୁ ହେଉଛି। ଏହାକୁ ନେଇ ଜିରୋ କାଜୁଆଲିଟିକୁ ପ୍ରାଥମିକତା ଦେଇ ଗଜସାଥୀମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। ତାଲିମ ଶିବିରରେ ଗଜସାଥୀମାନଙ୍କୁ ହାତୀର ଉପସ୍ଥିତି ବିଷୟରେ ଗାଁ ଲୋକଙ୍କୁ ଜଣାଇବା ସହ ତୁରନ୍ତ ବନବିଭାଗକୁ ଜଣାଇବା ପାଇଁ ଗୁରୁତ୍ୱ ଦିଆଯାଇଛି। ଏଥି ସହିତ ହାତୀ ରହୁଥିବା ଅଞ୍ଚଳରେ ଥିବା ଗ୍ରାମର ଲୋକଙ୍କୁ କିପରି ଅଧିକ ସଚେତନ କରାଯାଇ ପାରିବ ସେ ନେଇ ତାଲିମ ଶିବିରରେ ଗଜସାଥୀମାନଙ୍କୁ ତାଲିମ ଦିଆଯାଇଛି। ପଶ୍ଚିମାଞ୍ଚଳ ରେଞ୍ଜର ବହୁ ଫରେଷ୍ଟର, ବନକର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ଅଂଶୁମାନ ମେମୋରିଆଲ୍ ଟ୍ରଷ୍ଟ୍ ପକ୍ଷରୁ ସହାୟତା

ଧର୍ମଶାଳା,୩।୧୧/ଏନ୍‌ଏନ୍‌ଏସ୍: ଧର୍ମଶାଳା ନିର୍ବାଚନମଣ୍ଡଳୀ ଜାରକା ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଅଂଶୁମାନ ମେମୋରିଆଲ୍ ଟ୍ରଷ୍ଟ ପକ୍ଷରୁ ଗରିବ ଓ ଅବହେଳିତମାନଙ୍କୁ ନିରନ୍ତର ସହାୟତା ପ୍ରଦାନ କରାଯାଉଛି । ଧର୍ମଶାଳା ବିଧାୟକ ହିମାଂସୁ ଶେଖର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତାବଧାନରେ ପରିଚାଳିତ ଏହି ଟ୍ରଷ୍ଟ ମାଧ୍ୟମରେ ବିଧାୟକ ଶ୍ରୀ ସାହୁ ଗରିବ, ଅବହେଳିତମାନଙ୍କୁ ସହାୟତାର ହାତ ବଢ଼ାଉଛନ୍ତି। ଏହିକ୍ରମରେ ବିଧାୟକ ଶ୍ରୀ ସାହୁଙ୍କ ନିର୍ଦ୍ଦେଶକ୍ରମେ

ଡାକ୍ତର ଅଶୋକ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୩।୧୧/ଏନ୍ଏନ୍ଏସ୍: ଖ୍ୟାତନାମା ଡାକ୍ତର ,ଓଡ଼ିଆ ଭାଷା , ସାହିତ୍ୟ -ସଂସ୍କୃତି ପ୍ରେମୀ ପଦ୍ମଶ୍ରୀ ଅଶୋକ କୁମାର ମହାପାତ୍ର ଙ୍କ ବିୟୋଗରେ ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ମଣ୍ଡଳର ଗୋପବନ୍ଧୁ ସଭା କକ୍ଷରେ ଶ୍ରୀ ସୀତା ବଲ୍ଲଭ ମହାପାତ୍ର ଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଅଲେଖ ଚନ୍ଦ୍ର ପଡ଼ିଆରୀ, ଡାକ୍ତର ଅକ୍ଷୟ ମିଶ୍ର, ପର୍ଶୁରାମ ଦ୍ୱିବେଦୀ, ଆରତି କର, ବାସନ୍ତୀ ତ୍ରିପାଠୀ,ରାମ ନାରାୟଣ ମିଶ୍ର, ମନୋଜ ଜେନା, ବିରଜା ପ୍ରସାଦ ଶତପଥୀ, ନୀଳ ମୋହନ ତ୍ରିପାଠୀ, ସୁନିଲ ମହାପାତ୍ର, ଜ୍ଞାନ ରଞ୍ଜନ ଦାଶ, ପୁଣ୍ୟ ପ୍ରଦୀପ ମିଶ୍ର, କୈଳାସ ଚନ୍ଦ୍ର ରଥ, ପ୍ରଭାତ ଦାଶ, ବଂଶୀଧର ସେଠୀ ଓ ଗୋଲକ ନାୟକ ପ୍ରମୁଖ ଯୋଗ ଦେଇ ଦିବଂଗତ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ଜାତୀୟ ଜଳପଥ-୫ର ବିକାଶ ସମ୍ପର୍କିତ ବୈଠକ

ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ପ୍ରତିଶ୍ରୁତି

ଭୁବନେଶ୍ୱର,୩।୧୧/ଏନ୍ଏନ୍ଏସ୍: ଜାତୀୟ ଜଳପଥ-୫ (ଏନ୍ଡବ୍ଲ୍ୟୁ-୫)ର ବିକାଶ ସମ୍ପର୍କରେ ଆଜି ଏକ ଉଚ୍ଚସ୍ତରୀୟ ବୈଠକ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଭାରତ ସରକାରଙ୍କ ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟର ସଚିବ ବିଜୟ କୁମାରଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଶିଳ୍ପ ସଂସ୍ଥାଗୁଡ଼ିକର ପ୍ରତିନିଧି ଏବଂ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗର ସଚିବ ଏବଂ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ । ପ୍ରାୟ ୫୮୮ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ପ୍ରସ୍ତାବିତ ଜାତୀୟ ଜଳପଥ-୫ (ଏନ୍ଡବ୍ଲ୍ୟୁ-୫)ର ବିକାଶ ସମ୍ପର୍କରେ ବୈଠକରେ ବିଭିନ୍ନ ଶିଳ୍ପ ସଂସ୍ଥାର ପ୍ରତିନିଧି ଓ ସରକାରୀ ବିଭାଗର ଅଧିକାରୀମାନଙ୍କ ସହ ଆଲୋଚନା ଓ ମତ ବିନିମୟ କରାଯାଇଥିଲା । ମୋଟ ୫୮୮ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ଜାତୀୟ ଜଳପଥର ପ୍ରଥମ ଭାଗକୁ 'ନଦୀୟ ଖଣ୍ଡ' କୁହାଯାଏ । ଏହା ତାଳଚେରଠାରୁ ପାରାଦୀପ/ଧାମରା ପର୍ଯ୍ୟନ୍ତ ୩୩୨ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏବଂ ସମ୍ପୂର୍ଣ୍ଣ ଭାବେ ଓଡ଼ିଶା ମଧ୍ୟରେ ରହିଛି । ଏହାର ଦ୍ୱିତୀୟ ଭାଗକୁ 'କେନାଲ୍ ଖଣ୍ଡ' କୁହାଯାଏ । ଏହା ଧାମରାଠାରୁ ପଶ୍ଚିମବଙ୍ଗର ଗେଓନଖାଲି ପର୍ଯ୍ୟନ୍ତ ପ୍ରାୟ ୨୫୬ କିଲୋମିଟର ଦୈର୍ଘ୍ୟ ପରିବ୍ୟାପ୍ତ । ଜାତୀୟ ଜଳପଥ-୫ର ବିକାଶ ଓଡ଼ିଶାର ଖଣିଜ ଓ ଶିଳ୍ପ ସମୃଦ୍ଧ ଅଞ୍ଚଳରେ ଆଭ୍ୟନ୍ତରୀଣ ଜଳପଥ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ବନ୍ଦରଭିତ୍ତିକ ଶିଳ୍ପ ବିକାଶକୁ ପ୍ରୋତ୍ସାହନ ଦେବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ବର୍ତ୍ତମାନ ଏହି ପ୍ରକଳ୍ପ ଅନୁମୋଦନ ପ୍ରକ୍ରିୟାରେ ରହିଛି । ଏହି ବୈଠକରେ ଜାତୀୟ ଜଳପଥ-୫ର ବିକାଶ ସମ୍ପର୍କରେ ବିସ୍ତୃତ ଆଲୋଚନା ସହ ଭାରତୀୟ ଅନ୍ତର୍ଦେଶୀୟ ଜଳପଥ ପ୍ରାଧିକରଣ ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ସମନ୍ୱୟ ଆବଶ୍ୟକ କରୁଥିବା ବିଭିନ୍ନ ବିଚାରାଧୀନ ପ୍ରସଙ୍ଗର ସମାଧାନ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏଥିସହିତ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ଓ ପରିଚାଳନାରେ ରାଜ୍ୟ ସରକାରଙ୍କ ଅଂଶଗ୍ରହଣ, ସମ୍ପତ୍ତିର ରକ୍ଷଣାବେକ୍ଷଣ, ଜମି ଅଧିଗ୍ରହଣ, ଟର୍ମିନାଲ୍ ଏବଂ ଜଳ ପ୍ରବାହ ନିୟନ୍ତ୍ରଣ ସମ୍ବନ୍ଧୀୟ ସଂରଚନା ପାଇଁ ଜମି ହସ୍ତାନ୍ତର ଆଦି ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା ।

ଏହା ବ୍ୟତୀତ ଜଳପଥରେ ସର୍ବନିମ୍ନ ଆବଶ୍ୟକ ନୌଚଳାଚଳ ଗଭୀରତା ବଜାୟ ରଖିବା ପାଇଁ ଜଳ ନିଷ୍କାସନ, ଖଲପାଲ ନାଭିଗେସନାଲ୍ ଲକ୍ ର ବିକାଶ, ଆବଶ୍ୟକ ଆଇନଗତ ଅନୁମତି, ସେତୁ ନିର୍ମାଣ ଓ ଅପସାରଣ, ସଡ଼କ ସଂଯୋଗୀକରଣ ସୁବିଧା ଏବଂ ଉଚ୍ଚ ଓ ନିମ୍ନ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ଲାଇନ୍ ସ୍ଥାନାନ୍ତରଣ ଭଳି ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା । ଏଥିସହିତ ବାହୁଦା ମୁହାଣ ବନ୍ଦର, କେନ୍ଦ୍ରାପଡ଼ା ଜିଲ୍ଲାରେ ଜାହାଜ ନିର୍ମାଣ କ୍ଲଷ୍ଟର ଏବଂ ପୁରୀଠାରେ କ୍ରୁଜ୍ ଟର୍ମିନାଲ୍ ଭଳି ଆଗାମୀ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର ବିକାଶ ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା । ଓଡ଼ିଶାର ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଜାତୀୟ ଜଳପଥ-୫ (ଏନ୍ଡବ୍ଲ୍ୟୁ-୫)ର ଓଡ଼ିଶା ଅଂଶ ସମେତ ଅନ୍ୟାନ୍ୟ ପ୍ରମୁଖ ପ୍ରକଳ୍ପଗୁଡ଼ିକର ସମୟୋଚିତ କାର୍ଯ୍ୟାନ୍ୱୟନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ଆବଶ୍ୟକୀୟ ସହଯୋଗ ଯୋଗାଇ ଦିଆଯିବ ବୋଲି ଆଶ୍ୱାସନା ଦେଇଥିଲେ । ଏହି ପ୍ରକଳ୍ପଗୁଡ଼ିକ ରାଜ୍ୟର ଶିଳ୍ପ ବିକାଶ ଏବଂ କ୍ରୁଜ୍ ପର୍ଯ୍ୟଟନର ପ୍ରସାର ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଉଲ୍ଲେଖ କରିଥିଲେ ।

ସୋଆରେ ଶୋକସଭା

ପଦ୍ମଶ୍ରୀ ପ୍ରଫେସର୍ ଅଶୋକ ମହାପାତ୍ରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୩।୧୧/ଏନ୍ଏନ୍ଏସ୍: ଭାରତର ବିଶିଷ୍ଟ ସ୍ନାୟୁଶଲ୍ୟ ବିଶେଷଜ୍ଞ ପଦ୍ମଶ୍ରୀ ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ରଙ୍କ ବିୟୋଗରେ ମଙ୍ଗଳବାର ଦିନ ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ପରିସରରେ ଆୟୋଜିତ ଦୁଇଟି ପୃଥକ୍ ଶୋକସଭାରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ସୋମବାର ନୂଆଦିଲ୍ଲୀସ୍ଥିତ ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା । ପ୍ରଫେସର (ଡାକ୍ତର) ମହାପାତ୍ର ୨୦୨୦ରୁ ୨୦୨୨ ପର୍ଯ୍ୟନ୍ତ ଦୁଇ ବର୍ଷ ଧରି ସୋଆର କୁଳପତି ଭାବେ କାର୍ଯ୍ୟ କରିଥିଲେ । ଏହାପରେ ସେ ବିଶ୍ୱବିଦ୍ୟାଳୟର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ଭାବେ ମାଗଦର୍ଶନ ଜାରି ରଖିଥିଲେ । ସେ କିଛି ଦିନ ହେବ ମସ୍ତିଷ୍କ କର୍କଟ ରୋଗରେ ପୀଡ଼ିତ ଥିଲେ ।ସ୍ନାୟୁଶଲ୍ୟ ଚିକିତ୍ସା କ୍ଷେତ୍ରରେ ଜଣେ ପ୍ରଖ୍ୟାତ ବିଶେଷଜ୍ଞ ଭାବେ ସେ ଦୀର୍ଘବର୍ଷ ଧରି ନୂଆଦିଲ୍ଲୀ ଏମ୍ସର ସ୍ନାୟୁଶଲ୍ୟ ବିଭାଗର ମୁଖ୍ୟ ଭାବେ କାର୍ଯ୍ୟ କରିଥିଲେ । ଏଥିସହ ସେ ଭୁବନେଶ୍ୱର ଏମ୍ସର ପ୍ରତିଷ୍ଠାତା ନିର୍ଦ୍ଦେଶକ ଏବଂ ଲକ୍ଷ୍ନୌସ୍ଥିତ ସଞ୍ଜୟ ଗାନ୍ଧୀ ସ୍ନାତକୋତର ଚିକିତ୍ସା ବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶକ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ ।

ସୋଆରେ ଆୟୋଜିତ ଶୋକସଭାରେ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ପ୍ରଫେସର ମହାପାତ୍ରଙ୍କ ସହ ବିଶ୍ୱବିଦ୍ୟାଳୟର ଦୀର୍ଘଦିନର ସଂପର୍କ ଏବଂ ଚିକିତ୍ସା ବିଜ୍ଞାନ ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ତାଙ୍କର ଅମୂଲ୍ୟ ଅବଦାନକୁ ସ୍ମରଣ କରିଥିଲେ । ସୋଆର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ତାଙ୍କର ଉଦ୍ୟମ ଓ ଉତ୍କର୍ଷ ପ୍ରତି ନିଷ୍ଠାକୁ ସେ ଉଲ୍ଲେଖ କରିଥିଲେ । ଏହି ଶୋକସଭାରେ ସୋଆର ଆନ୍ତର୍ଜାତିକ ପରାମର୍ଶଦାତା ବୋର୍ଡର ଅଧ୍ୟକ୍ଷ ପ୍ରଫେସର ଦାମୋଦର ଆଚାର୍ଯ୍ୟ, ଉପକୁଳପତି ତଥା ରେଜିଷ୍ଟ୍ରାର ପ୍ରଫେସର ବିଭୂତି ଭୂଷଣ ପ୍ରଧାନ, ଉପକୁଳପତି ପ୍ରଫେସର (ଡାକ୍ତର) ନୀତା ମହାନ୍ତି, ପ୍ରଫେସର (ଡାକ୍ତର) ପ୍ରସେନଜିତ ମହାନ୍ତି, ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର ଓ ପ୍ରଫେସର ଅନୁପ କୁମାର ସାମନ୍ତରାୟ ଓ ମଧ୍ୟ ପ୍ରଫେସର ମହାପାତ୍ରଙ୍କର ଏହି ହସ୍ପିଟାଲ ସହ ଗଭୀର ସଂପର୍କ ରହିଥିଲା । ଏହି ଶୋକସଭାରେ ଉପସ୍ଥିତ ଡାକ୍ତର ଓ ଅନ୍ୟ କର୍ମଚାରୀମାନେ ତାଙ୍କ ସହ ଥିବା ସ୍ମୃତିଚାରଣ କରିବା ସହ ହସ୍ପିଟାଲର ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ଼ କରିବା ଦିଗରେ ତାଙ୍କର ଅବଦାନକୁ ସ୍ମରଣ କରିଥିଲେ । ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର ଏବଂ ମେଡିକାଲ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ଶୋକସଭାରେ ଉପସ୍ଥିତ ସମସ୍ତଙ୍କ ସହ ଦିବଂଗତ ଆତ୍ମାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଶୋକସଭାରେ ଉପସ୍ଥିତ ବ୍ୟକ୍ତିବିଶେଷମାନେ ପ୍ରଫେସର ମହାପାତ୍ରଙ୍କ ସମୟାନୁବର୍ତିତା, ଆଧ୍ୟାତ୍ମିକ ଚିନ୍ତାଧାରା ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ରାଚୀନ ଭାରତୀୟ ଜ୍ଞାନ ପଦ୍ଧତିର ଉପଯୋଗିତା ପ୍ରତି ତାଙ୍କର ଗଭୀର ଆଗ୍ରହକୁ ସ୍ମରଣ କରିଥିଲେ । ଜଣେ ବିଶିଷ୍ଟ ଚିକିତ୍ସକ, ଶିକ୍ଷାବିତ୍ ଓ ମାର୍ଗଦର୍ଶକ ଭାବେ ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ ।

ପର୍ବପର୍ବାଣୀରେ ଯାତ୍ରୀ ଭିଡ଼ ହ୍ରାସ ପାଇଁ ସ୍ୱତନ୍ତ୍ର ଟ୍ରେନ୍‌ର ଅବଧି ବୃଦ୍ଧି

ଭୁବନେଶ୍ୱର,୩।୧୧/ଏନ୍ଏନ୍ଏସ୍: ପାର୍ବଣ ଋତୁ ସମୟରେ ବୃଦ୍ଧି ପାଉଥିବା ଯାତ୍ରୀ ଚାହିଦାକୁ ଦୃଷ୍ଟିରେ ରଖି ଯାତ୍ରୀମାନଙ୍କୁ ଅଧିକ ସୁବିଧା ଯୋଗାଇଦେବା ଉଦ୍ଦେଶ୍ୟରେ ସମ୍ବଲପୁର–ସାନ୍ତ୍ରାଗାଛି ମଧ୍ୟରେ ଚଳାଚଳ କରୁଥିବା ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ଚଳାଚଳ ଅବଧି ବୃଦ୍ଧି କରାଯାଇଛି । ଏଥିସହିତ ନଭେମ୍ବର ମାସର ନିର୍ଦ୍ଦିଷ୍ଟ ତାରିଖରେ ଭୁବନେଶ୍ୱର ଓ ନୂଆଦିଲ୍ଲୀ ମଧ୍ୟରେ ଚଳାଚଳ କରୁଥିବା ଚାରିଟି ତେଜସ୍ ରାଜଧାନୀ ଏକ୍ସପ୍ରେସ୍‌ରେ ଅତିରିକ୍ତ ଏସି ୩-ଟାୟାର କୋଚ୍ ସଂଯୋଗ କରାଯିବ । ସମ୍ବଲପୁର ଓ ସାନ୍ତ୍ରାଗାଛି ମଧ୍ୟରେ ଚଳାଚଳ କରୁଥିବା ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକ ଉଭୟ ଦିଗରୁ ଆଉ ଦୁଇଟି ଅତିରିକ୍ତ ଟ୍ରିପ୍ ସହ ଚଳାଚଳ କରିବ । ଏହାର ସମୟସୂଚୀ ଅନୁଯାୟୀ ୦୮୩୦୩ ସମ୍ବଲପୁର–ସାନ୍ତ୍ରାଗାଛି ସ୍ୱତନ୍ତ୍ର ଟ୍ରେନ୍ ୦୪ ନଭେମ୍ବରରୁ ୧୮ ନଭେମ୍ବର ୨୦୨୬ ପର୍ଯ୍ୟନ୍ତ ପ୍ରତ୍ୟେକ ବୁଧବାର ଦିନ ଚଳାଚଳ କରିବ ଏବଂ ୦୮୩୦୪ ସାନ୍ତ୍ରାଗାଛି–ସମ୍ବଲପୁର ସ୍ୱତନ୍ତ୍ର ଟ୍ରେନ୍ ୦୫ ନଭେମ୍ବରରୁ ୧୯ ନଭେମ୍ବର ୨୦୨୬ ପର୍ଯ୍ୟନ୍ତ ପ୍ରତ୍ୟେକ ଗୁରୁବାର ଦିନ ଚଳାଚଳ କରିବ । ସେହିପରି ଅଧିକ ସଂଖ୍ୟକ ଯାତ୍ରୀଙ୍କୁ ଯାତ୍ରା ସୁବିଧା ଯୋଗାଇଦେବା ଏବଂ ଅତିରିକ୍ତ ଯାତ୍ରୀ ଭିଡ଼ ହ୍ରାସ କରିବା ପାଇଁ ୨୦୮୧୭ ଭୁବନେଶ୍ୱର–ନୂଆଦିଲ୍ଲୀ ତେଜସ୍ ରାଜଧାନୀ ଏକ୍ସପ୍ରେସ୍‌ରେ ୦୭ ନଭେମ୍ବର ୨୦୨୬, ୨୦୮୧୮ ନୂଆଦିଲ୍ଲୀ–ଭୁବନେଶ୍ୱର ତେଜସ୍ ରାଜଧାନୀ ଏକ୍ସପ୍ରେସ୍‌ରେ ୦୮ ନଭେମ୍ବର ୨୦୨୬, ୨୨୮୨୩ ଭୁବନେଶ୍ୱର-ନୂଆଦିଲ୍ଲୀ ତେଜସ୍ ରାଜଧାନୀ ଏକ୍ସପ୍ରେସ୍‌ରେ ୧୦ ନଭେମ୍ବର ୨୦୨୬ ଏବଂ ୨୨୮୨୪ ନୂଆଦିଲ୍ଲୀ–ଭୁବନେଶ୍ୱର ତେଜସ୍ ରାଜଧାନୀ ଏକ୍ସପ୍ରେସ୍‌ରେ ୧୧ ନଭେମ୍ବର ୨୦୨୬ ଦିନ ଗୋଟିଏ ଲେଖାଏଁ ଅତିରିକ୍ତ ଏସି ୩-ଟାୟାର କୋଚ୍ ସାମୟିକ ଭାବେ ସଂଯୋଗ କରାଯିବ । ଏହି ବ୍ୟବସ୍ଥାଗୁଡ଼ିକ ପର୍ବପର୍ବାଣୀ ସମୟରେ ବିଶେଷକରି ଅଧିକ ଚାହିଦା ଥିବା ସମୟରେ ଯାତ୍ରୀମାନଙ୍କ ପାଇଁ ଅଧିକ ଯାତ୍ରା ସୁବିଧା ଓ ଅତିରିକ୍ତ ସଂରକ୍ଷିତ କୋଚ୍ ଉପଲବ୍ଧ କରାଇବ ।

ଜଳ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ

ରାୟଗଡ଼ା,୩।୧୧/ଏନ୍ଏନ୍ଏସ୍: ପୂର୍ବତଟ ରେଳପଥ ରାୟଗଡ଼ା ରେଳମଣ୍ଡଳ ପକ୍ଷରୁ ବ୍ରିକ୍ସ ସସ୍‌ଟେନେବଲ୍ ଲାଇଫ୍‌ଷ୍ଟାଇଲ୍ ଅଥବା ସ୍ଥାୟୀ ଜୀବନଶୈଳୀ ସପ୍ତାହ ପାଳନର ଅଂଶସ୍ୱରୂପ ଆଜି ରାୟଗଡ଼ା ରେଳ ମଣ୍ଡଳରେ ବିଭିନ୍ନ ଷ୍ଟେସନଠାରେ 'ଜଳ ସଂରକ୍ଷଣ' ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ରେଳ କର୍ମଚାରୀ ଓ ଯାତ୍ରୀମାନଙ୍କୁ ଜଳ ସଂରକ୍ଷଣର ଗୁରୁତ୍ୱ, ଜଳର ଅଯଥା ଅପଚୟ ରୋକିବା ଏବଂ ଦୈନନ୍ଦିନ ଜୀବନରେ ଜଳର ସଠିକ୍ ଓ ଦାୟିତ୍ୱପୂର୍ଣ୍ଣ ବ୍ୟବହାର ସମ୍ପର୍କରେ ସଚେତନ କରାଯାଇଥିଲା । ରାୟଗଡ଼ା ରେଳମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ (ଡିଆରଏମ) ଅମିତାଭ ସିଂହଲ ଜଳକୁ ଏକ ଅମୂଲ୍ୟ ପ୍ରାକୃତିକ ସମ୍ପଦ ଭାବେ ଅଭିହିତ କରି ଏହାର ସଂରକ୍ଷଣ ସମସ୍ତଙ୍କର ସାମୂହିକ ଦାୟିତ୍ୱ ବୋଲି କହିଥିଲେ । ସେ ରେଳ କର୍ମଚାରୀ ଓ ଯାତ୍ରୀମାନଙ୍କୁ ଜଳର ଅପଚୟ ରୋକିବା, ଏହାର ସୁବିନିଯୋଗ କରିବା ଏବଂ ଭବିଷ୍ୟତ ପିଢ଼ି ପାଇଁ ଏହି ଅମୂଲ୍ୟ ସମ୍ପଦର ସୁରକ୍ଷା ନିମନ୍ତେ ଆହ୍ୱାନ ଜଣାଇଥିଲେ । ଏହି ଅଭିଯାନର ଅଂଶସ୍ୱରୂପ ବିଭିନ୍ନ ସ୍ଥାନ ଓ ଟ୍ରେନ୍‌ଗୁଡ଼ିକରେ ପାନୀୟ ଜଳର ଗୁଣବତ୍ତା ମଧ୍ୟ ପରୀକ୍ଷା କରାଯାଇଥିଲା । ଯାତ୍ରୀମାନଙ୍କୁ ସୁରକ୍ଷିତ ଓ ପାନୀୟ ଉପଯୋଗୀ ଜଳ ଯୋଗାଣ ସୁନିଶ୍ଚିତ କରିବା ଏବଂ ଜଳର ଗୁଣବତ୍ତା ଓ ସ୍ୱଚ୍ଛତା ବଜାୟ ରଖିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପରିବେଶ ସଚେତନତା, ସ୍ଥାୟୀ ଜୀବନଶୈଳୀ ଏବଂ ଜଳ ସଂରକ୍ଷଣ କ୍ଷେତ୍ରରେ ସମସ୍ତଙ୍କର ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରାଯାଇଥିଲା । ରାୟଗଡ଼ା ଡିଭିଜନ ପରିବେଶ ସୁରକ୍ଷା ସହିତ ରେଳ ଯାତ୍ରୀମାନଙ୍କୁ ସୁରକ୍ଷିତ ଓ ସ୍ୱଚ୍ଛ ସୁବିଧା ଯୋଗାଇବା ପାଇଁ ପ୍ରତିବଦ୍ଧ ରହିଛି ।

ଗଞ୍ଜାମ ବନ୍ୟା ପ୍ରଭାବିତ ପରିବାରଙ୍କ ପାଇଁ ଆଦାନୀ ଫାଉଣ୍ଡେସନ୍‌ର ରିଲିଫ୍ ସହାୟତା

ଛତ୍ରପୁର,୩।୧୧/ଏନ୍ଏନ୍ଏସ୍: ଗଞ୍ଜାମ ଜିଲ୍ଲାରେ ସାମୁଦ୍ରିକ ଝଡ଼ ଅର୍ଣ୍ଣବ ପରବର୍ତ୍ତୀ ବନ୍ୟାରେ ପ୍ରଭାବିତ ପରିବାରକୁ ସହାୟତା ଯୋଗାଇବା ପାଇଁ ଆଗେଇ ଆସିଛି ଆଦାନୀ ଫାଉଣ୍ଡେସନ । ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଚାଲିଥିବା ବ୍ୟାପକ ରିଲିଫ୍ ସହାୟତା କାର୍ଯ୍ୟକ୍ରମରେ ସାମିଲ ହୋଇ ଆଦାନୀ ଗ୍ରୁପ୍‌ର ସାମାଜିକ କଲ୍ୟାଣ ଓ ବିକାଶମୂଳକ ଶାଖା, ଆଦାନୀ ଫାଉଣ୍ଡେସନପକ୍ଷରୁ ପ୍ରାୟ ୬,୫୦୦ ବନ୍ୟା ପ୍ରଭାବିତ ପରିବାରଙ୍କଉଦ୍ଦେଶ୍ୟରେ ଶୁଖିଲା ରାସନ୍ କିଟ୍ ତୁରନ୍ତ ଯୋଗାଇଦିଆଯାଇଛି । ପ୍ରଭାବିତ ଅଞ୍ଚଳରେ ଏହି ରିଲିଫ କିଟ୍ ଗଞ୍ଜାମ ଜିଲ୍ଲା ପ୍ରଶାସନ ଦ୍ୱାରା ବଣ୍ଟନ କାର୍ଯ୍ୟ ପରିଚାଳନା ହେଉଥିବା ବେଳେ ଆଦାନୀ ଫାଉଣ୍ଡେସନ ସାମଗ୍ରୀଗୁଡ଼ିକର ପୁରୁଖୁରୁ ଏବଂ ସମୟାନୁବର୍ତ୍ତୀ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ କାର୍ଯ୍ୟଗତ ସହାୟତା ପ୍ରଦାନ କରୁଛିଯାହାଦ୍ୱାରା ରିଲିଫ ସାମଗ୍ରୀଗୁଡ଼ିକ ଉପଯୁକ୍ତ ସମୟରେ ଏବଂ ସୁଗମ ଭାବେ ପ୍ରଭାବିତ ପରିବାରଙ୍କ ନିକଟରେ ପହଞ୍ଚିପାରିବ । ପ୍ରତ୍ୟେକ ରିଲିଫ୍ କିଟ୍‌ରେ ଚାଉଳ, ଡାଲି, ରିଫାଇନ୍ ତେଲ, ଚିନି, ଚୁଡ଼ା, ବିସ୍କୁଟ୍, ମହମବତୀ ଓ ଦିଆସିଲି ଭଳି ଅତ୍ୟାବଶ୍ୟକ ଶୁଖିଲା ଖାଦ୍ୟ ଓ ଘରୋଇ ସାମଗ୍ରୀ ରହିଛି । ଏହି ସାମଗ୍ରୀଗୁଡ଼ିକ ଏକ ପରିବାରର ପ୍ରାୟ ଦୁଇ ରୁ ତିନି ଦିନର ମୌଳିକ ଖାଦ୍ୟ ଆବଶ୍ୟକତା ପୂରଣ କରିବା ସହିତ ଏହି କଠିନ ସମୟରେ ପ୍ରଭାବିତ ପରିବାରଙ୍କୁ ତତ୍କାଳ ସହାୟତା ପ୍ରଦାନ କରିବ । ଆଦାନୀ ଫାଉଣ୍ଡେସନର ଏହି ପଦକ୍ଷେପ ଜରୁରୀକାଳୀନ ପରିସ୍ଥିତି ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସମାଜ ସହିତ ଦୃଢ଼ ଭାବେ ଠିଆ ହେବା ଭଳି ଅତୁଟ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଜିଲ୍ଲା ପ୍ରଶାସନ ଓ ସରକାରୀ ସଂସ୍ଥାଗୁଡ଼ିକ ସହ ସମନ୍ୱୟ ରକ୍ଷା କରି ଗୋପାଳପୁର ବନ୍ଦର ଓ ଆଦାନୀ ଫାଉଣ୍ଡେସନ ନିରନ୍ତର ଭାବେ ବିଭିନ୍ନ ସାମାଜିକ କଲ୍ୟାଣ କାର୍ଯ୍ୟ କରିଆସୁଛନ୍ତି ।

'ପିଏମ୍ ଇ-ଡ୍ରାଇଭ୍' ଯୋଜନା

ଓଡ଼ିଶାରେ ଆଉ ୨୯୦ ନୂଆ ବୈଦ୍ୟୁତିକ ଯାନ ଚାର୍ଜିଂ ଷ୍ଟେସନ୍ ପାଇଁ ପଦକ୍ଷେପ

ଭୁବନେଶ୍ୱର,୩।୧୧/ଏନ୍ଏନ୍ଏସ୍: ଓଡ଼ିଶାରେ ବୈଦ୍ୟୁତିକ ଯାନ (ଇଭି) ବ୍ୟବହାରକୁ ପ୍ରୋତ୍ସାହିତ କରିବା ଏବଂ ସାର୍ବଜନୀନ ଚାର୍

ଆଜିର ଇତିହାସ

- ୧୮୨୨-ଦିଲ୍ଲୀ ଜଳ ଆପୂର୍ତ୍ତି ଯୋଜନାର ଔପଚାରିକ ଆରମ୍ଭ ହୋଇଥିଲା ।
- ୧୮୮୯-ସ୍ୱାଧୀନତା ସଂଗ୍ରାମୀ ଯମନାଲାଲ୍ ବଜାଜ ଜନ୍ମଗ୍ରହଣ କରିଥିଲେ ।
- ୧୯୪୭-କାଶ୍ମୀରର ବଡ଼ଗାଓଁର ମେଜର ସୋମନାଥ ଶର୍ମାଙ୍କୁ ପ୍ରଥମ ପରମବୀର ଚକ୍ର ମିଳିଥିଲା ।
- ୧୯୫୪-ଦାର୍ଜିଲିଂରେ ହିମାଲୟନ୍ ପର୍ବତାରୋହଣ ସଂସ୍ଥାର ସ୍ଥାପନା କରାଯାଇଥିଲା ।
- ୧୯୭୦-ପ୍ରସିଦ୍ଧ କଥକ ନର୍ତ୍ତକ ପଣ୍ଡିତ ଶମ୍ଭୁ ମହାରାଜଙ୍କର ନିଧନ ହୋଇଥିଲା ।

ନମସ୍କାର

ବୁଧବାର, ୪ ନଭେମ୍ବର ୨୦୨୬

■ କଠୋପନିଷଦ୍ ■ ପ୍ରଥମ ଅଧ୍ୟାୟ ଦ୍ୱିତୀୟା ବଲ୍ଲୀ

ଶ୍ରେୟଶ୍ଚ ପ୍ରେୟଶ୍ଚ ମନୁଷ୍ୟମେତ
ସ୍ତୌ ସମ୍ପରୀତ୍ୟ ବିବିନକ୍ତି ଧୀରଃ ।
ଶ୍ରେୟୋ ହି ଧୀରୋଭି ପ୍ରେୟସୋ ବୃଣୀତେ
ପ୍ରେୟୋ ମନ୍ଦୋ ଯୋଗକ୍ଷେମାଦ୍ ବୃଣୀତେ । (୧/୨/୨)

ଶ୍ରେୟ ଓ ପ୍ରେୟ ଉଭୟ ମନୁଷ୍ୟ ପାଖକୁ ଆସନ୍ତି । ଉଭୟେ ମନୁଷ୍ୟକୁ ଆକର୍ଷଣ କରନ୍ତି । ଯେଉଁମାନେ ଜ୍ଞାନୀ ସେମାନେ ଶ୍ରେୟକୁ ଗ୍ରହଣ କରନ୍ତି । ଯେଉଁମାନେ ଅଜ୍ଞାନୀ ସେମାନେ ପ୍ରେୟକୁ ଗ୍ରହଣ କରନ୍ତି । ସେମାନେ ଶରୀର ସୁଖ ପାଇଁ ଭୋଗ୍ୟବସ୍ତୁ ସଂଗ୍ରହ କରନ୍ତି ଓ ସାଇତି ରଖନ୍ତି ।

ମଙ୍ଗଳର ପରିବେଶରେ ଅନ୍ତରୀକ୍ଷ ଯାତ୍ରୀ

ମଙ୍ଗଳ ଗ୍ରହକୁ ମଣିଷଙ୍କୁ ପଠେଇବାର ପ୍ରସ୍ତୁତି କେବଳ ରକେଟ୍ ଓ ଅନ୍ତରୀକ୍ଷ ଯାନ ପର୍ଯ୍ୟନ୍ତ ଆଉ ସୀମିତ ହୋଇ ରହିନାହିଁ । ଏଥିପାଇଁ ବୁଝାମଣା ବି ଜରୁରୀ ହୋଇଥାଏ ଯେ ଅନ୍ତରୀକ୍ଷ ଯାତ୍ରୀମାନେ ଦୀର୍ଘ ସମୟ ପର୍ଯ୍ୟନ୍ତ ଏକାକୀ ଓ ସୀମିତ ସ୍ଥାନରେ କିପରି ରହିବେ । ଏହି ଆହ୍ୱାନକୁ ପରଖିବା ପାଇଁ ନାସାର ଏକ ପ୍ରୟୋଗରେ ସାମିଲ ହୋଇଥିଲେ ଚାରି ଜଣ ସଦସ୍ୟର ଏକ ଦଳ ଯେଉଁମାନେ ୩୭୮ ଦିନ ଧରି ଏକାନ୍ତବାସ ପରେ ତିନି ଦିନ ତଳେ ବାହାରକୁ ଆସିଛନ୍ତି । ସିଏର୍ଏପିଇଏ ନାମକ ଏହି ମିଶନର ଆବାସକୁ ହ୍ୟୁଷ୍ଟନ ସ୍ଥିତ ଜୀନସନ ଅନ୍ତରୀକ୍ଷ କେନ୍ଦ୍ରରେ ନିର୍ମାଣ କରାଯାଇଥିଲା । ପାଖାପାଖି ୧୭୦୦ ବର୍ଗ ଫୁଟ୍‌ରେ ନିର୍ମିତ ଏହି ଆବାସରେ ଅନ୍ତରୀକ୍ଷ ଯାତ୍ରୀମାନେ ୧୯ ଅକ୍ଟୋବର, ୨୦୨୫ରେ ପ୍ରବେଶ କରିଥିଲେ । ଏହାର ନିର୍ମାଣ ଥ୍ରି-ଆୟାମୀ ପ୍ରିଣ୍ଟିଂ ଟେକ୍‌ନିକରେ କରାଯାଇଥିଲା । ଦଳ ସେଠାରୁ ମଙ୍ଗଳ ଗ୍ରହ ପରି ମାଟିରେ ଫସଲ ଉତ୍ପନ୍ନ କରେଇବା ଓ ନିଜର ଦୈନନ୍ଦିନ କାମ ଉପରେ ଅଭ୍ୟାସ କରିଥିଲା । କିନ୍ତୁ ଏସବୁ ସମ୍ପର୍କରେ ନାସା ଅଧିକାରୀମାନଙ୍କ ସହିତ ବିଳମ୍ବରେ କଥାବାର୍ତ୍ତା କରାଯାଇଥିଲା । ମିଶନର ଚିକିତ୍ସା ଅଧିକାରୀ ଏଲେନ ଏଲିସ୍ କହିଛନ୍ତି ଯେ ଏ ବର୍ଷଟି ବହୁତ କଠିନ ରହିଲା । ସେ କହିଛନ୍ତି ଯେ ସଦସ୍ୟମାନେ ନିଜ ଇଚ୍ଛା ଅନୁସାରେ ଏହି ସୀମିତ ବାତାବରଣରେ ରହୁଥିଲେ । ୨୦୩୦ ଦଶକରେ ମଙ୍ଗଳ ମିଶନର ପ୍ରସ୍ତୁତି ଦଳରେ ମିଶନ କମାଣ୍ଡର ରାସ ଏଲ୍ଲର, ବିଜ୍ଞାନ ଅଧିକାରୀ ମାଥ୍ୟୁ ମୋଷ୍ଟଗୋମରୀ ଓ ଫ୍ଲାଇଟ୍ ଇଞ୍ଜିନିୟର ଜେମ୍ସ ୱାଇଡର୍ ସାମିଲ ଥିଲେ । ଏହି ପ୍ରୟୋଗ ଦ୍ୱାରା ମିଳିଥିବା ଅନୁଭବ ଭବିଷ୍ୟତରେ ଅନ୍ତରୀକ୍ଷ ଯାତ୍ରୀମାନଙ୍କର ସ୍ୱାସ୍ଥ୍ୟ, ମାନସିକ ସ୍ଥିତି ଓ କାମ କରିବାର କ୍ଷମତାକୁ ବୁଝିବାରେ ସାହାଯ୍ୟ କରିବ । ନାସା ଏ ପର୍ଯ୍ୟନ୍ତ ରୋବୋଟିକ୍ ରୋଭର୍ ଓ ମଙ୍ଗଳର କକ୍ଷରେ ଘୂରୁଥିବା ଯାନଗୁଡ଼ିକ ଜରିଆରେ ଏହି ଗ୍ରହର ଅଧ୍ୟୟନ କରୁଥିଲା ।

ମହାରାଣୀଙ୍କ ଫ୍ୟାସନ୍ ସେନ୍ସ

୧୯୧୫ରେ ଉତ୍ତରାଖଣ୍ଡର କାଶୀପୁର ଠାରେ ରାଜା ଉଦୟ ସିଂହଙ୍କ ଘରେ ଜନ୍ମଗ୍ରହଣ କରିଥିଲେ ସୀତା ଦେବୀ ଯାହାଙ୍କୁ ରାଜକୁମାରୀ କରମ୍ ନାମରେ ସମସ୍ତେ ଜାଣୁଥିଲେ । ମାତ୍ର ୧୩ ବର୍ଷ ବୟସରେ ତାଙ୍କର ବିବାହ ହୋଇଥିଲା କପୁରଥଲାର ରାଜକୁମାର କର୍ମଜିତ୍ ସିଂହଙ୍କ ସହିତ । ପ୍ରାରମ୍ଭିକ ଜୀବନ ତାଙ୍କର ଅତିବାହିତ ହୋଇଥିଲା ରାଜକୀୟ ପରମ୍ପରା ଅନୁସାରେ । ତାଙ୍କର ଅନୋଖା ଜୀବନଶୈଳୀ କାରଣରୁ ସେ ପ୍ରସିଦ୍ଧି ହାସଲ କରିଥିଲେ । ତାଙ୍କ ଜୀବନର ଏକ ମୁଖ୍ୟ ମୋଡ଼ ସେବେ ଆସିଥିଲା ଯେତେବେଳେ ମାଡ୍ରାସ୍ ଘୋଡ଼ା ଦୌଡ଼ରେ ତାଙ୍କର ସାକ୍ଷାତ ହୋଇଥିଲା ବରୋଦାର ମହାରାଜା ପ୍ରତାପସିଂହରାଓ ଗାଇକୱାଡଙ୍କ ସହିତ । ସେ ସମୟରେ ମହାରାଜା ଦୁନିଆରେ ସବୁଠାରୁ ଧନୀ ଲୋକମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ । ଏହି ସାକ୍ଷାତ ତାଙ୍କ ଜୀବନରେ ନୂଆ ଅଧ୍ୟାୟ ଯୋଡ଼ି ଦେଇଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଭାରତୀୟ ସୈନିକମାନଙ୍କ ପାଇଁ ମହତ୍ତ୍ୱପୂର୍ଣ୍ଣ ଭୂମିକା ସେ ଗ୍ରହଣ କରିଥିଲେ । ଏଥିରୁ ଦେଶ ପ୍ରତି ତାଙ୍କର ସମର୍ପଣ ଭାବନା ବିଷୟରେ ଜଣାପଡ଼ିଥିଲା । ତେବେ ସେ ମହାରାଜଙ୍କ ସହିତ ମିଶି ଖୁବ୍ ସଫଁ କରିଥିଲେ ଯେଉଁଥିରେ ଆମେରିକା ଯାତ୍ରା ବି ସାମିଲ ଥିଲା । ସେଠାରେ ସେ ଖର୍ଚ୍ଚ କରିଥିଲେ ୮୩ କୋଟି ଟଙ୍କା । ତାଙ୍କ ଆଲମାରି ମଧ୍ୟ ସେତିକି ଶାନ୍‌ଦାର ଥିଲା ଯେଉଁଥିରେ ହଜାର ହଜାର ଶାଢ଼ି ସହିତ ମ୍ୟାର୍ କରି ଜୋତା ସବୁ ରହିଥିଲା । ତାଙ୍କର ଗହଣାର ସଂଗ୍ରହ ତାଙ୍କର ଶାନ୍‌ଦାର ପସନ୍ଦର ଆଉ ଏକ ପ୍ରମାଣ । ଏଥିରେ ବରୋଦାର ଅନେକଗୁଡ଼ିଏ ଶାନ୍‌ଦାର ଆଭୂଷଣ ମିଳିଥିଲା ଯେଉଁଥିରୁ କିଛି ମୋଗଲ କାଳର ଥିଲା । ମହାରାଣୀଙ୍କର ଫ୍ୟାସନ୍ ଅନେକ ଲୋକଙ୍କୁ ଆକର୍ଷିତ କରିଥିଲା ଯେଉଁଥିରେ ଇଟାଲିଆନ୍ ଫ୍ୟାସନ୍ ହାଉସ୍ ଶିଆପରେଲୀ ମଧ୍ୟ ସାମିଲ ଥିଲା । ସେ ତାଙ୍କର ଶାଢ଼ି ପିନ୍ଧିବା ଶୈଳୀ ପାଇଁ ଏତେ ପ୍ରସିଦ୍ଧ ଥିଲେ ଯେ ଏହାଦ୍ୱାରା ଲୋକମାନେ ତାଙ୍କର ଡିଜାଇନ୍‌ରୁ ପ୍ରଭାବିତ ହେଉଥିଲେ । ତାଙ୍କର ସୌନ୍ଦର୍ଯ୍ୟ ସହିତ ତାଙ୍କର ଶାନ୍ ଓ ବୁଦ୍ଧିମତ୍ତା ମଧ୍ୟ ଆକର୍ଷଣର ଅଂଶବିଶେଷ ଥିଲା ।

ଦିୱାରୀ ନୃତ୍ୟ

ଦୀପାବଳିର ପର୍ବ କେବଳ ଏକ ଦୀପର ଆଲୋକ ଓ ମିଠେଇ ବାଣ୍ଟିବାର ପର୍ବ ନୁହେଁ । ଏ ସମୟରେ କେତେକ ସ୍ଥାନରେ ଖାସ୍ ଲୋକନୃତ୍ୟର ଆୟୋଜନ ବି କରାଯାଏ । ଏହିପରି ଭାବରେ ବୁନ୍ଦେଲଖଣ୍ଡରେ ଦୀପାବଳି ଅବସରରେ ଦିୱାରୀ ନୃତ୍ୟ ହୁଏ ଯାହାର ଥାଏ ଅଲଗା ମହତ୍ତ୍ୱ । ଏହି ନୃତ୍ୟକୁ କୁହାଯାଏ ପାଇ ଡ଼ଣ୍ଡା ।

ଦୀପାବଳି ସମୟରେ କରାଯାଉଥିବା ଏହା ଏପରି ଏକ ନୃତ୍ୟ ଯେଉଁଥିରେ ମନୋରଞ୍ଜନ ସହିତ ବୁନ୍ଦେଲଖଣ୍ଡର ଶୌର୍ଯ୍ୟ ଓ ଉଲ୍ଲାସର ଝଲକ ମଧ୍ୟ ଦେଖିବାକୁ ମିଳେ । କିନ୍ତୁ ଦିୱାରୀ ନୃତ୍ୟର ଆରମ୍ଭ କିପରି ହୋଇଥିଲା ଓ ଏହାର ବିଶେଷତା କ'ଣ ସେ ବିଷୟରେ ଜାଣିବା । ଲୋକ ମାନ୍ୟତା ଅନୁସାରେ ଏହି ନୃତ୍ୟର ଆରମ୍ଭ ହୋଇଥିଲା ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣଙ୍କ ସମୟରେ । ଯେତେବେଳେ ଭଗବାନ କୃଷ୍ଣ ଗୋବର୍ଦ୍ଧନ ପର୍ବତକୁ ନିଜ ଆଙ୍ଗୁଳି ସାହାଯ୍ୟରେ ଉଠାଇ ବ୍ରଜବାସୀଙ୍କୁ ଇନ୍ଦ୍ରଦେବଙ୍କ ପ୍ରକୋପରୁ ରକ୍ଷା କରିଥିଲେ ସେତେବେଳେ ବ୍ରଜ ଓ ଆଖପାଖର ଗାଇଆଳମାନେ ତାଙ୍କ ଉପରେ ପ୍ରସନ୍ନ ହୋଇ ହାତରେ ଲାଠି ଉଠାଇ ଉତ୍ସବର ପାଳନ କରିଥିଲେ । ସେବେଠାରୁ ଏହି ପରମ୍ପରା ଅହୀର ଓ ଗାଇଆଳ ସମାଜରୁ ଆରମ୍ଭ ହୋଇଥିଲା ଯାହା ଆଜି ପର୍ଯ୍ୟନ୍ତ ଚାଲିଛି । କୁହାଯାଏ ଯେ ବୁନ୍ଦେଲଖଣ୍ଡ କ୍ଷେତ୍ରରେ ଚାଲୁଥିବା ରାଜାମାନଙ୍କର ଶାସନକାଳ ସମୟରେ ଏହି ଲୋକନୃତ୍ୟକୁ ଖାସ୍ ପ୍ରୋତ୍ସାହନ ମିଳିଥିଲା । ତେବେ ଏହି ନୃତ୍ୟ ଦୀପାବଳି ସମୟରୁ ଆରମ୍ଭ କରି ଭୈୟାଦୁଜ ପର୍ଯ୍ୟନ୍ତ ଚାଲେ । ବାହାଦୁରୀ ଓ ଆତ୍ମରକ୍ଷା ସହିତ ଏହି ନୃତ୍ୟ ଜଡ଼ିତ ଥାଏ । ଯୁବକମାନେ ଟୋଲି ସାହାଯ୍ୟରେ ଘର ଘର ବୁଲି ଏହି କଳା ଜରିଆରେ ସୁରକ୍ଷା ଓ ଭାଇଚାରାର ସନ୍ଦେଶ ଦିଅନ୍ତି । ଏହା ସହିତ ଅହୀର ଓ ଯାଦବ ସମାଜର ଲୋକମାନେ ନିଜକୁ ଭଗବାନ ଶ୍ରୀକୃଷ୍ଣଙ୍କ ବଂଶଜ ବା ସଖା ବୋଲି ମାନନ୍ତି ଓ ନୃତ୍ୟ ଜରିଆରେ ଏମାନେ ନିଜର ଆସ୍ଥା ପ୍ରକଟ କରନ୍ତି ।

ବିଶେଷତା-ଦିୱାରୀ ନୃତ୍ୟର ବିଶେଷତା ହେଉଛି ଏହା ଏକ ଯୁଦ୍ଧ ଶୈଳୀ । ନର୍ତ୍ତକମାନେ ନିଜ ହାତରେ ୫-୬ ଫୁଟ୍‌ର ଲମ୍ବା ମଜଭୁତ ଲାଠି ନେଇ ଢ଼ୋଲ ଓ ନଗାଡ଼ା ସହିତ ଲାଠିରେ ପରସ୍ପର ଉପରେ ପ୍ରହାର କରନ୍ତି ଓ ସେତିକି ଫୁର୍ତ୍ତିର ସହିତ ନିଜକୁ ରକ୍ଷା ମଧ୍ୟ କରନ୍ତି । ଲାଠିର ପ୍ରହାର ଓ କାଉଣ୍ଟର ମଧ୍ୟରେ ସୁନ୍ଦର ତାଳମେଳ ଦେଖିବାକୁ ମିଳେ । ଏହି ନୃତ୍ୟ ପାଇଁ ନର୍ତ୍ତକମାନେ ଦୀର୍ଘ ଦିନ ପର୍ଯ୍ୟନ୍ତ ଅଭ୍ୟାସ କରନ୍ତି ।

ଆଟ୍‌ଲାସ୍ ସାଇକେଲ୍‌ର କାହାଣୀ

ଆଟଲାସ୍ ସାଇକେଲ୍ । ଭାରତୀୟ ମଧ୍ୟବିତ୍ତ ପରିବାରର କେବେ ଏକ ପରିଚୟ ଥିଲା ଆଟଲାସ୍ ସାଇକେଲ୍ । ପିଲାଦିନର ଅଗଣିତ ସ୍ମୃତି ଓ ଗଳିଗୁଡ଼ିକରେ ବୁଲିବାର ସାଥି ଥିଲା ଏହି ସାଇକେଲ୍ । ଏହା ସହିତ ଦେଶର ଔଦ୍ୟୋଗିକ ଇତିହାସର ସ୍ୱର୍ଣ୍ଣିମ ଅଧ୍ୟାୟ ଏହା ସହିତ ଯୋଡ଼ିହୋଇ ରହିଛି । ୧୯୫୦ରେ ସୋନିପତର ଏକ ସାଧାରଣ ଟିନ୍ ଶେଡ୍‌ରୁ ଆଟ୍‌ଲାସ୍ ସାଇକେଲ୍‌ର ଆରମ୍ଭ ହୋଇଥିଲା । ପରେ ଏହା ଆଗକୁ ଯାଇ ଦେଶର ସବୁଠାରୁ ବଡ଼ ସାଇକେଲ ମାନ୍ୟୁଫ୍ୟାକ୍‌ଚରିଂ କମ୍ପାନୀ ଭାବରେ ପରିଚୟ ପାଇଲା । ତେବେ ବିତ୍ତୀୟ ସଂକଟ ଓ ୨୦୨୦ରେ କରୋନା ମହାମାରୀର ଝଟ୍‌କା କାରଣରୁ କମ୍ପାନୀକୁ ବିଶ୍ୱ ସାଇକେଲ୍ ଦିବସ (ଜୁନ ୩, ୨୦୨୦) ଦିନ ଶେଷରେ ଫ୍ୟାକ୍ଟ୍ରିରେ ତାଲା ଲଗାଇବାକୁ ପଡ଼ିଥିଲା । କିନ୍ତୁ କର୍ମଚାରୀମାନଙ୍କୁ କୁହାଯାଇଥିଲା ଯେ ଫ୍ୟାକ୍ଟ୍ରି ଅସ୍ଥାୟୀ ଭାବରେ ବନ୍ଦ ହୋଇଛି । ତେବେ ଏହା କେବଳ ଏକ ସାଇକେଲ୍ କମ୍ପନୀର ଉତ୍ଥାନ-ପତନର କାହାଣୀ ନୁହେଁ । ଏହା ହେଉଛି ଭାରତର ସାମାଜିକ କ୍ରାନ୍ତି, ମହିଳା ସଶକ୍ତିକରଣ ଓ ପ୍ରତି ଭାରତୀୟଙ୍କ ମନରେ ପୂର୍ବରୁ ବାହନ ଚଢ଼ିବାର ଏକ ସ୍ୱପ୍ନ ଥିଲା । ସଫଳତାର ଲମ୍ବା ଦୌଡ଼ ପରେ ୨୦୦୦ ଦଶକର ଆରମ୍ଭରେ କପୁର ପରିବାରରେ ବିଭାଜନ ହେଲା ଯେଉଁଥି ପାଇଁ କମ୍ପାନୀକୁ ଲାଗିଥିଲା ବଡ଼ ଝଟ୍‌କା । ସମୟ ସହିତ ମଧ୍ୟବର୍ତ୍ତୀ ଶ୍ରେଣୀର ପର୍‌ଚେଞ୍ଜିଙ୍ଗ ପାୱାର ବଢ଼ିଥିଲା । ଧୀରେ ଧୀରେ ଲୋକମାନଙ୍କର ଆଗ୍ରହ ମୋଟରସାଇକେଲ୍ ଓ କାର୍ ଆଡ଼କୁ ଗତି କରିବାକୁ ଲାଗିଲା । ପ୍ରଥମେ ମଧ୍ୟପ୍ରଦେଶର ମାଲନପୁର ପ୍ଲାଣ୍ଟ୍ ବନ୍ଦ ହେଲା । ୨୦୧୮ରେ ସୋନିପତ୍‌ର ଐତିହାସିକ ପ୍ଲାଣ୍ଟ୍ ବନ୍ଦ ହୋଇଗଲା । ଶେଷରେ ବନ୍ଦ ହେଲା ସାହିବାବାଦର ପ୍ଲାଣ୍ଟ୍ ଓ ଏହା ସହିତ ବେରୋଜଗାର ହୋଇଗଲେ ୭୦୦ କର୍ମଚାରୀ ।

'ରାମାୟଣ'ର ସମୀକ୍ଷା

ରନ୍‌ବୀର କପୁର ଅଭିନୀତ 'ରାମାୟଣ- ପାର୍ଟ ୧' ରିଲିଜ ହେବ ୫ ନଭେମ୍ବରରେ । ଏହି ମେଗା ବଜେଟ୍‌ର ଫିଲ୍ମଟି ସିନେମା ଘରଗୁଡ଼ିକରେ ରିଲିଜ ହେବା ନେଇ ଦର୍ଶକ ମହଲରେ ଦେଖିବାକୁ ମିଳିଛି ଜବରଦସ୍ତ ଉତ୍ସାହ । ଅଗ୍ରୀମ ଟିକେଟ ବୁକିଂରୁ ଆରମ୍ଭ କରି ଫିଲ୍ମଟି ପୂରା ବିଶ୍ୱରେ ୫୦ କୋଟି ଆୟ କରିବାର ଆକଳନ ଅତିକ୍ରମ କରିସାରିଛି । ଏହା ମଧ୍ୟରେ ଫିଲ୍ମ ନିର୍ମାତା କରଣ ଜୋହର ରାମାୟଣ- ପାର୍ଟ ୧ ଉପରେ ନିଜର ପ୍ରତିକ୍ରିୟା ସେୟାର୍ କରିଛନ୍ତି । କରଣ ଏକ ପୋଷ୍ଟ ନଲେଖି କମ୍ ଶବ୍ଦରେ ଫିଲ୍ମର ଭବ୍ୟତା ବିଷୟରେ ବର୍ଣ୍ଣନା କରିଛନ୍ତି । ନିତେଶ ତିୱାରୀଙ୍କ ନିର୍ଦ୍ଦେଶନାରେ ନିର୍ମିତ ଫିଲ୍ମ 'ରାମାୟଣ'ର ହିନ୍ଦୀ ଓ ଭାରତର ଥିଏଟ୍ରିକାଲ୍ ଡିଷ୍ଟ୍ରିବ୍ୟୁସନ୍ ରାଇଟ୍ସ କରଣଙ୍କ ପ୍ରଡକ୍ସନ୍ ହାଉସ୍ ଧର୍ମା ପ୍ରଡକ୍ସନ୍ସ କିଣି ନେଇଛି । ଏପରି ସ୍ଥଳେ ସେ ଫିଲ୍ମ ଉପରେ ସମୀକ୍ଷା ସେୟାର୍ କରି ସେ କହିଛନ୍ତି- 'ଫିଲ୍ମଟିକୁ ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଗଲି ଓ ଦର୍ଶକମାନଙ୍କ ପାଇଁ ଦୀପାବଳି ଅବସର ବହୁତ ଖାସ୍ ହେବାକୁ ଯାଉଛି ।' କରଣଙ୍କ ଏହି ପ୍ରତିକ୍ରିୟା ଦ୍ୱାରା ନିତେଶ ତିୱାରୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟିକୁ ନେଇ ଚର୍ଚ୍ଚା ଜୋର୍ ଧରିଛି । ଏହା ହେଉଛି ଭାରତୀୟ ଫିଲ୍ମଗୁଡ଼ିକ ମଧ୍ୟରୁ ଅନ୍ୟତମ ଯାହା କେବଳ ଭାରତରେ ନୁହେଁ ବିଦେଶୀ ଦର୍ଶକମାନେ ମଧ୍ୟ ଅପେକ୍ଷା କରି ରହିଛନ୍ତି । ନଭେମ୍ବର ୫ ତାରିଖରେ ସିନେମା ଘରଗୁଡ଼ିକରେ ହିନ୍ଦୀ, ତାମିଲ, ତେଲୁଗୁ, କନ୍ନଡ଼, ମାଲାୟାଲମ୍ ଓ ଇଂରାଜୀ ଭାଷାରେ ଫିଲ୍ମଟି ରିଲିଜ ହେବ । ଦୁଇଟି ଭାଗ ଥିବା ଏହି ମହାକାବ୍ୟର ଦ୍ୱିତୀୟ ପାର୍ଟ ଆସନ୍ତା ବର୍ଷ ଦୀପାବଳି ଅବସରରେ ରିଲିଜ ହେବ ବୋଲି ଆଶା କରାଯାଉଛି ।

କେଦାରତାଳ ଟ୍ରେକ୍

ଗଙ୍ଗୋତ୍ରୀ ଠାରୁ ଆଗକୁ ଗଲେ ଉଚ୍ଚ ହିମାଳୟରେ ଅବସ୍ଥିତ କେଦାରତାଳ ଯାହା ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସାହସିକ ପର୍ଯ୍ୟଟନର ଏକ ଅନୋଖା ସଙ୍ଗମ । ସମୁଦ୍ର ପଉନ ଠାରୁ ୪,୭୦୦ ମିଟର ଉଚ୍ଚରେ ସ୍ଥିତ ଏହି ହିମନଦ ହ୍ରଦ କେଦାରତାଳ ଉଚ୍ଚ ଉଚ୍ଚ ପର୍ବତ ଶିଖର ଓ ଦୁର୍ଗମ ଭୂଭାଗ ଦ୍ୱାରା ଘେରି ରହିଛି । ଥଲୟ ସାଗର, ଭୃଗୁପନ୍ଥ ଓ ଯୋଗିନ ଶିଖରର ଦୃଶ୍ୟ ଏହାକୁ ବିଶିଷ୍ଟ ପରିଚୟ ଦେଇଛନ୍ତି । ହ୍ରଦରୁ ବାହାରିଥିବା କେଦାର ଗଙ୍ଗା ଆଗକୁ ଯାଇ ଭାଗୀରଥୀ ନଦୀରେ ମିଶିଛି । ଗଙ୍ଗୋତ୍ରୀରୁ କେଦାରତାଳ ପର୍ଯ୍ୟନ୍ତ ୨୬ କି.ମି ଦୂର ଏକ ପାଦଚଲା ଟ୍ରାକ୍ ରହିଛି । ଏହାର ସାମାନ୍ୟ ମାର୍ଗ ଗଙ୍ଗୋତ୍ରୀରୁ ଭୋଜଖଡ଼କ ଓ ପୁଣି କେଦାରଖଡ଼କ ହୋଇ ଯାଇଥାଏ । ସଂକୀର୍ଣ୍ଣ ପଥୁରିଆ ଭାଗ, ଅସମତଳ ପଥର ଓ ଅଧିକ ଉଚ୍ଚତା ଯାତ୍ରୀମାନଙ୍କ ପାଇଁ ଆହ୍ୱାନ ସୃଷ୍ଟି କରେ । ଯାତ୍ରା ପାଇଁ ଶାରୀରିକ କ୍ଷମତା, ପାର୍ବତୀୟ ପରିସ୍ଥିତିଗୁଡ଼ିକର ଅନୁଭବ ଓ ପର୍ଯ୍ୟାପ୍ତ ପ୍ରସ୍ତୁତି ଜରୁରୀ ହୋଇଥାଏ । ହ୍ରଦ ଆଖପାଖରେ ବ୍ୟାପି ରହିଥିବା ହିମନଦ, ପଥୁରିଆ ଭୂଭାଗ ଓ ବରଫ ଦ୍ୱାରା ଘୋଡ଼େଇ ହୋଇଥିବା ଶିଖର ଭାଗ ଟ୍ରେକ୍ଙ୍କି ଓ ପର୍ଯ୍ୟାବରଣରେ ରୁଚି ରଖିଥିବା ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ । ତେବେ ଏହି ଟ୍ରାକ୍ କଠିନ ଶ୍ରେଣୀରେ ଆସେ । ସେଠାରେ ପାଣିପାଗ ଦ୍ରୁତଗତିରେ ବଦଳୁଥାଏ ଓ ବରଫପାତ, ହିମସ୍ଖଳନ, କମ୍ ତାପମାନ ତଥା ଦୁର୍ଗମ ରାସ୍ତାର ବିପଦ ବୃଦ୍ଧି ପାଇଥାଏ । ଖରାପ ପାଣିପାଗରେ ଆଗକୁ ବଢ଼ିବା ଓ ଫେରିବା, ଦୁଇଟି ସାରା ରାସ୍ତା କଠିନ ହୋଇପାରେ । ତେଣୁ ଯାତ୍ରା କରିବା ପୂର୍ବରୁ ପାଣିପାଗ ବିଷୟରେ ତଥ୍ୟ ନେବା, ଆବଶ୍ୟକ ଅନୁମତି ଓ ସ୍ଥାନୀୟ ପ୍ରଶାସନ ବା ବନ ବିଭାଗର ଦିଶା-ନିର୍ଦ୍ଦେଶର ପୁଷ୍ଟି କରିବା ଆବଶ୍ୟକ । କେଦାରତାଳର ଯାତ୍ରା ରୋମାଞ୍ଚକ ହେବା ସହିତ ସେଥିପାଇଁ ସାବଧାନୀ ଓ ପ୍ରସ୍ତୁତିର ଆବଶ୍ୟକ ହୁଏ । ଉତ୍ତରାଖଣ୍ଡର ସବୁଠାରୁ ପ୍ରସିଦ୍ଧ ଓ ପବିତ୍ର ଧାର୍ମିକ ଟ୍ରେକ୍ ମଧ୍ୟରୁ ଅନ୍ୟତମ କେଦାରନାଥ ଟ୍ରେକ୍ । ଏହି ଟ୍ରେକ୍‌ର ଆରମ୍ଭ ହୁଏ ଗଙ୍ଗୋତ୍ରୀରୁ ଯାହା ପବିତ୍ର ଗଙ୍ଗାର ସୋର୍ସ ଭାବରେ ପ୍ରସିଦ୍ଧ । ଗଙ୍ଗୋତ୍ରୀରୁ ଆରମ୍ଭ ହୋଇ ଏହି ରାସ୍ତାରେ ୮ କି.ମି ଦୂର ଭୋଜଖରକ ପର୍ଯ୍ୟନ୍ତ ଯାଇଥିବା ସଂକୀର୍ଣ୍ଣ କେଦାରଗଙ୍ଗା ଘାଟି ସହିତ ସିଧା ହୋଇ ରହିଥିବା ପଥରଗୁଡ଼ିକ ସାମିଲ ଅଛି । ସେଠାରୁ କେଦାରଖରକର ଆଗାମୀ କ୍ୟାମ୍ପିଂ ସାଇଟ୍ ୪ କି.ମି ଓ କେଦାରତାଳ ୫ କି.ମି ଦୂର । ଏହି ରାସ୍ତା ସୁନ୍ଦର ହିମାଳୟୀ ବର୍ଚ୍ଚ୍ ଜଙ୍ଗଲ ଦେଇ ଯାଇଛି କିନ୍ତୁ ଅଧିକ ଉଚ୍ଚତା ଓ ସିଧା ଚଢ଼ାଇଥିବା ଭାଗ କାରଣରୁ କିଛି ସ୍ଥାନ ବିପଦଜନକ ହୋଇଯାଏ । ହ୍ରଦ ବରଫ ଦ୍ୱାରା ଘୋଡ଼େଇ ହୋଇ ରହିଥିବା ଶିଖର ଦ୍ୱାରା ଘେରି ହୋଇ ରହିଛି ଓ ଏହାର ପାଣି ସମ୍ପୂର୍ଣ୍ଣ ପରିଷ୍କାର ଯେଉଁଠାରେ ଶାନଦାର ପାହାଡ଼ର ଝଲକ ଦେଖିବାକୁ ମିଳେ ।

ଆଜିର ରାଶିଫଳ

ଜ୍ୟୋତିର୍ବିତ୍ ବିଶ୍ୱନାଥ ପରିଡ଼ା
ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

ମେଷ ଦିନଟି ସୁଖ, ଶାନ୍ତି ନେଇ ଆସିବ । ପ୍ରେମ ସମ୍ବନ୍ଧରେ ମଧୁରତା ବଢ଼ିବ । ମନ ପ୍ରସନ୍ନ ରହିବ । ବୈବାହିକ ଜୀବନରେ ଖୁସି ଫେରିବ । ସମ୍ମାନ ଓ ପ୍ରମୋଶନର ସଂକେତ ରହିଛି ।

ବୃଷ ନୂଆ ଦାୟିତ୍ୱ ସହିତ ପ୍ରମୋଶନ ହେବ । କାର୍ଯ୍ୟକ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ଦିଆଯିବ । ପରିଶ୍ରମ, ସଚ୍ଚୋଟତା ଓ ସମର୍ପଣ ଭାବ ଦ୍ୱାରା ଲୋକଙ୍କୁ ଆକର୍ଷିତ କରିବେ । ଲୋନ୍ ମିଳିଯିବ ।

ମିଥୁନ ପୂରା ଉତ୍ସାହର ସହିତ କାମକାର୍ଯ୍ୟକୁ ଆଗକୁ ବଢ଼େଇବେ । ମଧୁରବାଣୀ ଓ ବିନମ୍ର ବ୍ୟବହାର ପାଇଁ ଭିନ୍ନ ପରିଚୟ ପାଇବେ । ସେବାର ଗ

ଆଜିଠାରୁ ଭାରତ-ନ୍ୟୁଜିଲାଣ୍ଡ ଦିନିକିଆ ସିରିଜ୍

ସକାରାତ୍ମକ ଆରମ୍ଭ ଲକ୍ଷ୍ୟରେ ଟିମ୍ ଇଣ୍ଡିଆ

ଅକ୍ଲାଣ୍ଡ,୩।୧୧/ଏଜେନ୍ସି: ଆସନ୍ତାକାଲି ଠାରୁ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ପାଞ୍ଚ ମ୍ୟାଚ୍‌ର ଦିନିକିଆ ସିରିଜ୍ ଆରମ୍ଭ ହେବ। ସିରିଜ୍‌ର ପ୍ରଥମ ମ୍ୟାଚ୍ ବୁଧବାର ଅକ୍ଲାଣ୍ଡର ଇଡେନ୍ ପାର୍କରେ ଭାରତୀୟ ସମୟାନୁସାରେ ସକାଳ ସାଢ଼େ ୭ଟାରୁ ଖେଳାଯିବ। ଏହି ସିରିଜ୍ ଆସନ୍ତାବର୍ଷ ଦିନିକିଆ ବିଶ୍ୱକପ୍ ପ୍ରସ୍ତୁତି ଦୃଷ୍ଟିରୁ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ। ତେଣୁ ଭାରତ ପ୍ରଥମ ମ୍ୟାଚ୍ ଜିତି ସକାରାତ୍ମକ ଆରମ୍ଭ ଲକ୍ଷ୍ୟରେ ରହିବ। ଏହି ସିରିଜ୍‌ରେ ଭାରତର ଦୁଇ ଷ୍ଟାର୍ ବ୍ୟାଟର୍ ବିରାଟ କୋହଲି ଓ ରୋହିତ ଶର୍ମା ୬ ବର୍ଷ ପରେ ନ୍ୟୁଜିଲାଣ୍ଡ ମାଟିରେ ଏକାଠି ଖେଳିବେ। ଏହା ମଧ୍ୟ ସେମାନଙ୍କର ଶେଷ ନ୍ୟୁଜିଲାଣ୍ଡ ଗସ୍ତ ହୋଇପାରେ। ଏହି ମ୍ୟାଚ୍ ପାଇଁ ଭାରତର ଶ୍ରେଷ୍ଠ ପାଞ୍ଚ ବ୍ୟାଟ୍ସମ୍ୟାନ୍ ପ୍ରାୟ ନିଶ୍ଚିତ। ରୋହିତ ଏବଂ ଅଧିନାୟକ ଶୁଭମନ ଗିଲ୍ ଇନିଂସ୍ ଓପନ କରିବେ। ତାଙ୍କ ପରେ କୋହଲି ଏବଂ ଉପ-ଅଧିନାୟକ ଶ୍ରେୟସ୍ ଆୟର। ଅନୁମାନ କରାଯାଉଥିଲା ଯେ ଲଗାତାର ମ୍ୟାଚ୍ ଯୋଗୁଁ ଶ୍ରେୟସ୍‌ଙ୍କୁ ପ୍ରଥମ ମ୍ୟାଚ୍ ପାଇଁ ବିଶ୍ରାମ ଦିଆଯାଇପାରେ ଏବଂ ଋତୁରାଜ ଗାୟକୱାଡଙ୍କୁ ଖେଳାଯାଇପାରେ। କିନ୍ତୁ ବର୍ତ୍ତମାନ ତାହା ସମ୍ଭବ ମନେ ହେଉନାହିଁ। ଅଭିଜ୍ଞ ୱିକେଟ୍‌କିପର-ବ୍ୟାଟ୍ସମ୍ୟାନ୍ କେଏଲ୍ ରାହୁଲ ପଞ୍ଚମ ନମ୍ବରରେ ବ୍ୟାଟିଂ କରିବେ ଏବଂ ଅଲ୍‌ରାଉଣ୍ଡର୍ ଅକ୍ଷର ପଟେଲ ଏବଂ ନୀତିଶ କୁମାର ରେଡ୍ଡୀ (ଯେଉଁମାନେ କେବଳ ପ୍ରଥମ ଦିନିକିଆ ପାଇଁ ଉପଲବ୍ଧ)ଙ୍କୁ ଷଷ୍ଠ ଏବଂ ସପ୍ତମ ନମ୍ବରରେ ପଠାଯାଇପାରେ। ହର୍ଷିତ ରାଣା ଆହତ ହେବା ପରେ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଅଂଶୁଲ କମ୍ବୋଜଙ୍କୁ ଅଷ୍ଟମ ନମ୍ବରରେ ଖେଳାଇପାରେ। ସେ ମଧ୍ୟ ଆକ୍ରମଣାତ୍ମକ ବ୍ୟାଟିଂ କରିବାରେ ମଧ୍ୟ ସକ୍ଷମ। ଏହା ସତ୍ତ୍ୱେ ଅଂଶୁଲ ଏବଂ ନୀତିଶଙ୍କ ମଧ୍ୟରୁ କେବଳ ଜଣଙ୍କୁ ଖେଳିବାର ସୁଯୋଗ ମିଳିବ। ଭାରତର ଅନଭିଜ୍ଞ ବୋଲିଂ ଆକ୍ରମଣ ଯୋଗୁଁ ନ୍ୟୁଜିଲ୍ୟାଣ୍ଡ ଦିନିକିଆ ସିରିଜ୍‌ରେ ଭଲ ସ୍ଥିତିରେ ଥିବା ଜଣାପଡ଼ିଛି। ଦିନିକିଆ ସିରିଜ୍ ପରେ ହେବାକୁ ଥିବା ଟେଷ୍ଟ୍ ସିରିଜ୍‌କୁ ଦୃଷ୍ଟିରେ ରଖି ଜସପ୍ରୀତ ବୁମରାଙ୍କୁ ବିଶ୍ରାମ ଦିଆଯାଇଥିବା ବେଳେ ପ୍ରସିଦ୍ଧ କୃଷ୍ଣ ଏବଂ ହର୍ଷିତ ରାଣା ଆଘାତ ଯୋଗୁଁ ଦଳରୁ ବାହାରେ ଅଛନ୍ତି। ଏପରି ସ୍ଥିତିରେ ଅଭିଜ୍ଞ ମହମ୍ମଦ ସିରାଜଙ୍କୁ ଅତିରିକ୍ତ ଦାୟିତ୍ୱ ନେବାକୁ ପଡିବ। ସିରାଜଙ୍କ ବ୍ୟତୀତ ଭାରତୀୟ ଟିମ୍‌ର ଅନ୍ୟ ଚାରିଜଣ ବିଶେଷଜ୍ଞ ବୋଲର ଅର୍ଶଦୀପ ସିଂହ (୧୮), ଗୁରନୁର ବ୍ରାର (୯), ଅଂଶୁଲ କମ୍ବୋଜ ଏବଂ ଆକିବ ନବି (ପ୍ରତ୍ୟେକ ୧)ଙ୍କ ପାଖରେ ମିଳିତ ଭାବରେ ୨୯ ଦିନିକିଆ ମ୍ୟାଚର ଅଭିଜ୍ଞତା ରହିଛି। ଇଡେନ୍ ପାର୍କର ବାଉଣ୍ଡାରୀ ବହୁତ ଛୋଟ ହୋଇଥିବାରୁ ଭାରତ ସିରାଜ, ଅର୍ଶଦୀପ ସିଂହ ଏବଂ ଗୁରନୁର ବ୍ରାରଙ୍କୁ ପ୍ଲେଇଂ ଏକାଦଶରେ ସାମିଲ କରିପାରେ। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅନୁପସ୍ଥିତି କୁଲଦୀପ ଯାଦବଙ୍କ ପାଇଁ ପ୍ଲେଇଙ୍ଗ୍ ଏକାଦଶରେ ସୁଯୋଗ ସୃଷ୍ଟି କରିଥିବା ବେଳେ ତାଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହୋଇପାରେ।

ସମ୍ଭାବ୍ୟ ଭାରତୀୟ ଏକାଦଶ: ରୋହିତ ଶର୍ମା, ଶୁଭମନ ଗିଲ୍ (ଅଧିନାୟକ), ବିରାଟ କୋହଲି, ଶ୍ରେୟସ ଆୟର, କେଏଲ ରାହୁଲ (ୱିକେଟ୍‌କିପର), ନମନ ଧୀର, ନୀତିଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ଗୁରନୁର ବ୍ରାର, ମହମ୍ମଦ ସିରାଜ, ଅର୍ଶଦୀପ ସିଂହ।

ସମ୍ଭାବ୍ୟ ନ୍ୟୁଜିଲାଣ୍ଡ ଏକାଦଶ: ୱିଲ୍ ୟଙ୍ଗ, ଟିମ୍ ସିଫର୍ଟ, ଡାରିଲ୍ ମିଚେଲ, ଗ୍ଲେନ୍ ଫିଲିପ୍ସ, ଟମ୍ ଲାଥମ୍ (ୱିକେଟକିପର), ମାଇକେଲ୍ ବ୍ରେସ୍‌ୱେଲ୍, ମିଚେଲ ସାଣ୍ଟନର (ଅଧିନାୟକ), ନାଥନ୍ ସ୍ମିଥ୍, କାଇଲ୍ ଜମିସନ୍, ମ୍ୟାଟ୍ ହେନରୀ, ଜ୍ୟାକବ୍ ଡଫି।

ମ୍ୟାଚ୍ ସମୟ: ସକାଳ ସାଢ଼େ ୭ଟା
ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ

ପ୍ରସିଦ୍ଧ କୃଷ୍ଣା ଫିଟ୍ ଘୋଷିତ

ତିନି ଫର୍ମାଟ୍‌ରେ ଖେଳିବାକୁ ପ୍ରସ୍ତୁତ

ବେଙ୍ଗାଲୁରୁ,୩।୧୧/ଏଜେନ୍ସି: ଭାରତୀୟ ଫାଷ୍ଟ୍ ବୋଲର୍ ପ୍ରସିଦ୍ଧ କୃଷ୍ଣାଙ୍କୁ ବିସିସିଆଇ ସେଣ୍ଟର୍ ଅଫ୍ ଏକ୍ସିଲେନ୍ସ (ସିଆଓ) ଫିଟ୍ ଘୋଷିତ କରିଛି। ବେଙ୍ଗାଲୁରୁରେ ନଭେମ୍ବର ୧ ଓ ୨ ତାରିଖରେ ହୋଇଥିବା ମ୍ୟାଚ୍ ସିମୁଲେସନ୍ ଟେଷ୍ଟ୍‌ରେ ସଫଳ ହେବା ପରେ ମେଡିକାଲ୍ ଟିମ୍ ତାଙ୍କୁ ପଡ଼ିଆକୁ ଫେରିବା ପାଇଁ ମଞ୍ଜୁରୀ ପ୍ରଦାନ କରିଛି। ଏବେ ସେ ଟେଷ୍ଟ୍, ଦିନିକିଆ ଓ ଟି-୨୦ ତିନୋଟି ଯାକ ଫର୍ମାଟ୍ ଖେଳିବା ପାଇଁ ଫିଟ୍ ଅଛନ୍ତି। ତେବେ ଫିଟ୍ ହେବା ସତ୍ତ୍ୱେ ପ୍ରସିଦ୍ଧ ନଭେମ୍ବର ୪ରୁ ଆରମ୍ଭ ହେବାକୁ ଥିବା ନ୍ୟୁଜିଲାଣ୍ଡ ବିପକ୍ଷ ପାଞ୍ଚ ମ୍ୟାଚ୍‌ର ଦିନିକିଆ ସିରିଜ୍‌ରେ ଖେଳିବେ ନାହିଁ। ସେ ଶୀଘ୍ର ନ୍ୟୁଜିଲାଣ୍ଡ ଯାତ୍ରା କରି ନଭେମ୍ବର ୭ରୁ ଇଣ୍ଡିଆ-ଏ ଓ ନ୍ୟୁଜିଲାଣ୍ଡ-ଏ ମଧ୍ୟରେ ହେବାକୁ ଥିବା ତୃତୀୟ ତଥା ଅନ୍ତିମ ଅନ୍‌ଅଫିସିଆଲ୍ ଟେଷ୍ଟ୍‌ରେ ଖେଳିବାକୁ ଉଦ୍ୟମ କରିବେ।

ପ୍ରସିଦ୍ଧଙ୍କୁ ନ୍ୟୁଜିଲାଣ୍ଡ ବିପକ୍ଷ ପାଞ୍ଚ ମ୍ୟାଚ୍‌ର ଦିନିକିଆ ସିରିଜ୍ ପାଇଁ ପ୍ରାରମ୍ଭିକ ଟିମ୍‌ରେ ସ୍ଥାନ ମିଳିଥିଲା। କିନ୍ତୁ ତାଙ୍କ ଖେଳିବା ଫିଟ୍‌ନେସ୍ କ୍ଲିୟରାନ୍ସ ଉପରେ ନିର୍ଭର ଥିଲା। ଆହତ ସମସ୍ୟାରୁ ଫିଟ୍ ହେବା ପରେ ବି ତାଙ୍କୁ ମ୍ୟାଚ୍ ଖେଳିବା ଲାଗି ବୋଲିଂର ପୂରା ଅଭ୍ୟାସ ହାସଲ ପାଇଁ ଆଉ ସମୟର ଆବଶ୍ୟକତା ଥିଲା। ଏହି କାରଣରୁ ତାଙ୍କ ଦିନିକିଆ ସିରିଜ୍‌ରୁ ବାହାରେ ରଖାଯାଇଛି।

ସେପ୍ଟେମ୍ବର ୩୦ରେ ଗୁଆହାଟୀରେ ଖେଳାଯାଇଥିବା ଓ୍ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦ୍ୱିତୀୟ ଦିନିକିଆରେ ପ୍ରସିଦ୍ଧ ଆହତ ହୋଇଥିଲେ। ସେ କେବଳ ୫ ଓଭର୍ ବୋଲିଂ କରିପାରିଥିଲେ ଏବଂ ତାଙ୍କୁ ପଡ଼ିଆ ଛାଡ଼ିବାକୁ ପଡ଼ିଥିଲା। ଯାଞ୍ଚରେ ତାଙ୍କ ହାମ୍ଷ୍ଟ୍ରିଙ୍ଗ୍‌ରେ ଆଘାତ ଲାଗିଥିବା ଜଣାପଡ଼ିଥିଲା।

ଯଶସ୍ୱୀ ଓ ୟଶ୍ ଠାକୁରଙ୍କ ଅପରାଜିତ ଶତକ

ଇଣ୍ଡିଆ-ଏ ଓ ନ୍ୟୁଜିଲାଣ୍ଡ-ଏ ମ୍ୟାଚ୍ ଡ୍ର'

କ୍ରାଏଷ୍ଟଚର୍ଚ୍ଚ,୩।୧୧/ଏଜେନ୍ସି: ଇଣ୍ଡିଆ-ଏ ଏବଂ ନ୍ୟୁଜିଲାଣ୍ଡ-ଏ ମଧ୍ୟରେ କ୍ରାଏଷ୍ଟଚର୍ଚ୍ଚର ହେଗ୍‌ଲେ ଓଭାଲ୍‌ରେ ଖେଳାଯାଇଥିବା ଦ୍ୱିତୀୟ ଅନ୍‌ଅଫିସିଆଲ୍ ମ୍ୟାଚ୍ ଡ୍ର'ରେ ଶେଷ ହୋଇଛି। ଇଣ୍ଡିଆ-ଏ ଚତୁର୍ଥ ଦିନ ଦ୍ୱିତୀୟ ଇନିଂସ୍‌ରେ ୨ ୱିକେଟ୍ ହରାଇ ୨୮୨ ରନ୍ କରିଥିଲା। ପ୍ରଥମ ଇନିଂସ୍‌ରେ ନ୍ୟୁଜିଲାଣ୍ଡ-ଏ'କୁ ୭୮ ରନ୍‌ର ଅଗ୍ରଣୀ ମିଳିଥିଲା। ପ୍ରଥମ ଇନିଂସ୍‌ରେ ଇଣ୍ଡିଆ-ଏ ୩୪୬ ରନ୍ କରିଥିବା ବେଳେ ନ୍ୟୁଜିଲାଣ୍ଡ-ଏ ୪୨୪ ରନ୍ କରିଥିଲା। ଦ୍ୱିତୀୟ ଇନିଂସ୍‌ରେ ଭାରତ ପକ୍ଷରୁ ଯଶସ୍ୱୀ ଜୟସ୍ୱାଲ୍ ଅପରାଜିତ ୧୫୫ ରନ୍ କରିଛନ୍ତି। ତାଙ୍କ ୧୬୨ ବଲ୍‌ର ଇନିଂସ୍‌ରେ ୧୫ ଚୌକା ଓ ୫ ଛକା ସାମିଲ ଥିଲା। ଯଶ୍ ରାଠୋର ମଧ୍ୟ ୧୨୨ ବଲ୍‌ରୁ ୯ ଚୌକା ସହାୟତାରେ ୧୦୦ ରନ୍ କରି ଅପରାଜିତ ରହିଥିଲେ। ସାଇ ସୁଦର୍ଶନ ୧୧ ରନ୍ କରି ଆଉଟ୍ ହୋଇଥିବା ବେଳେ ଦେବଦତ୍ତ ପାଡିକ୍କଲ୍ ଖାତା ଖୋଲିପାରି ନଥିଲେ। ଇଣ୍ଡିଆ-ଏ ୩୫ ରନ୍‌ରେ ୨ ୱିକେଟ୍ ହରାଇବା ପରେ ଯଶସ୍ୱୀ ଓ ରାଠୋର ତୃତୀୟ ୱିକେଟ୍ ପାଇଁ ୨୪୨ ବଲ୍‌ରେ ଅପରାଜିତ ୨୪୭ ରନ୍‌ର ପାର୍ଟନରଶିପ୍ କରିଛନ୍ତି।

ଏହା ପୂର୍ବରୁ ଇଣ୍ଡିଆ-ଏ ପ୍ରଥମ ଇନିଂସ୍‌ରେ ୩୪୬ ରନ୍ କରିଥିଲା। କ୍ୟାପ୍‌ଟେନ୍ ଧ୍ରୁବ ଜୁରେଲ୍ ୧୦୫ ରନ୍‌ର ଇନିଂସ୍ ଖେଳିଥିଲେ। ସେ ୧୭୧ ବଲ୍‌ର ସାମ୍ନା କରି ୧୧ ଚୌକା ଓ ୩ ଛକା ମାରିଥିଲେ। ଦେବଦତ୍ତ ପାଡିକ୍କଲ୍ ୮୦ ଏବଂ ଆକାଶ ଦୀପ ୬୮ ରନ୍ କରିଥିବା ବେଳେ ସାଇ ସୁଦର୍ଶନ ମଧ୍ୟ ୪୧ ରନ୍‌ର ଯୋଗଦାନ ଦେଇଥିଲେ। ନ୍ୟୁଜିଲାଣ୍ଡ-ଏ ପକ୍ଷରୁ ଫ୍ରେଜର ଶିଟ୍ ୪ ୱିକେଟ୍ ନେଇଥିବା ବେଳେ ବ୍ରେଟ୍ ର୍ୟାଣ୍ଡେଲ୍ ଓ ଜାରୋଡ୍ ମାକେ ୨-୨ ୱିକେଟ୍ ପାଇଥିଲେ।

ଜବାବରେ ନ୍ୟୁଜିଲାଣ୍ଡ-ଏ ପ୍ରଥମ ଇନିଂସ୍‌ରେ ୪୨୪ ରନ୍ କରିଥିଲା। ମାଥ୍ୟୁ ବଏଲ୍ ୧୧୦ ଏବଂ ଡିନ୍ ଫକ୍ସକ୍ରାଫ୍ଟ ୯୩ ରନ୍ କରିଥିବା ବେଳେ କ୍ରିଷ୍ଟିଆନ୍ କ୍ଲାର୍କ ୪୧, ଫ୍ରେଜର୍ ଶିଟ୍ ୪୦ ଏବଂ ଜାରୋଡ୍ ମାକେ ୩୩ ରନ୍ ଯୋଡ଼ିଥିଲେ। ଇଣ୍ଡିଆ-ଏ ପକ୍ଷରୁ ମୁକେଶ କୁମାର ୫ ଏବଂ ମହମ୍ମଦ ସିରାଜ ୪ ୱିକେଟ୍ ନେଇଥିଲେ। ୱାଶିଂଟନ୍ ସୁନ୍ଦରଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା।

ଦୁଇ ଟିମ୍ ମଧ୍ୟରେ ତୃତୀୟ ତଥା ଅନ୍ତିମ ଅନ୍‌ଅଫିସିଆଲ୍ ଟେଷ୍ଟ୍ ନଭେମ୍ବର ୭ ତାରିଖରୁ ଲିଙ୍କନ୍‌ର ବର୍ଟ ସୁଟ୍‌କ୍ଲିଫେ ଓଭାଲ୍‌ରେ ଖେଳାଯିବ।

ଟି-୨୦ରେ ପ୍ରେମା ରାଓ୍ୱତଙ୍କ ବିଶ୍ୱ ରେକର୍ଡ

ପୁଣେ,୩।୧୧/ଏଜେନ୍ସି: ଭାରତୀୟ ସ୍ପିନର ପ୍ରେମା ରାଓ୍ୱତ ମହିଳା ଟି-୨୦ କ୍ରିକେଟ୍‌ରେ ନୂଆ ବିଶ୍ୱ ରେକର୍ଡ କରିଛନ୍ତି। ଏବେ ଚାଲିଥିବା ଭାରତର ଘରୋଇ ପ୍ରତିଯୋଗିତା ସିନିୟର୍ ମହିଳା ଟି-୨୦ ଟ୍ରଫି ଏଲିଟ୍ ମ୍ୟାଚ୍‌ରେ ଉତ୍ତରାଖଣ୍ଡ ପାଇଁ ଖେଳୁଥିବା ୨୪ ବର୍ଷୀୟା ପ୍ରେମା ହାଇଦ୍ରାବାଦ ବିପକ୍ଷରେ ୧୪ ବଲ୍‌ରୁ ଅର୍ଦ୍ଧଶତକ ହାସଲ କରିଛନ୍ତି। ଏଥିସହ ସେ ପାକିସ୍ତାନ ଅଧିନାୟକ ଫତିମା ସାନା (୧୫ ବଲ୍)ଙ୍କ ନାଁରେ ଥିବା ଦ୍ରୁତତମ ଟି-୨୦ ଅର୍ଦ୍ଧଶତକ ରେକର୍ଡକୁ ଭାଙ୍ଗିଛନ୍ତି। ଟି-୨୦ ଅନ୍ତର୍ଜାତୀୟରେ ଏହି ରେକର୍ଡ ଫତିମା ନାଁରେ କିନ୍ତୁ ଅତୁଟ ରହିଛି। ଫତିମା ଚଳିତ ବର୍ଷ ମେ' ମାସରେ କରାଚିରେ ଜିମ୍ବାୱେ ବିପକ୍ଷରେ ଏହି ରେକର୍ଡ କରିଥିଲେ। ପୂର୍ବରୁ ଟି-୨୦ ଅନ୍ତର୍ଜାତୀୟରେ ୧୮ ବଲ୍‌ରେ ଅର୍ଦ୍ଧଶତକ ରେକର୍ଡ ଯୁଗ୍ମ ଭାବେ ନ୍ୟୁଜିଲାଣ୍ଡର ସୋଫି ଡିଭାଇନ୍, ଅଷ୍ଟ୍ରେଲିଆର ଫୋଏବେ ଲିଚ୍‌ଫିଲ୍ଡ ଓ ଭାରତର ରିଚା ଘୋଷଙ୍କ ନାଁରେ ଥିଲା। ପ୍ରେମାଙ୍କ ଏହି ୧୪ ବଲ୍‌ରୁ ଅପରାଜିତ ୫୦ ରନ୍‌ରେ ୬ ଚୌକା ଓ ୪ ଛକା ସାମିଲ। ୩୫୭.୧୪ ଷ୍ଟ୍ରାଇକ୍ ରେଟ୍‌ରେ ରନ୍ ସଂଗ୍ରହ କରିବା ସହ ୧୨ ରନ୍‌ରେ ୨ଟି ୱିକେଟ୍ ନେଇଥିବା ପ୍ରେମାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା।

ଦିଲ୍ଲୀରୁ ହଟିବ ଭାରତ-ଶ୍ରୀଲଙ୍କା ଦିନିକିଆ !

ଦିଲ୍ଲୀରେ ବାୟୁ ପ୍ରଦୂଷଣ ଏହା ପଛର ମୁଖ୍ୟ କାରଣ

ନୂଆଦିଲ୍ଲୀ,୩।୧୧/ଏଜେନ୍ସି: ଦିଲ୍ଲୀର ବିଷାକ୍ତ ବାୟୁର ପ୍ରଭାବ ଏବେ କ୍ରିକେଟ୍ ଉପରେ ପଡ଼ିବା ଦେଖିବାକୁ ମିଳୁଛି। ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଡିସେମ୍ବର ୧୩ରେ ହେବାକୁ ଥିବା ପ୍ରଥମ ଦିନିକିଆ ମ୍ୟାଚ୍ ଏବେ ରାଷ୍ଟ୍ରୀୟ ରାଜଧାନୀରେ ଖେଳାଯିବ ନାହିଁ। ଦିଲ୍ଲୀ ଓ ଜିଲ୍ଲା କ୍ରିକେଟ୍ ସଂଘ (ଡିଡିସିଏ) ଏହି ମ୍ୟାଚ୍ ଦିଲ୍ଲୀ ବାହାରକୁ ସ୍ଥାନାନ୍ତର କରିବା ପାଇଁ ବିସିସିଆଇ ନିକଟରେ ଦାବି କରିଛି। ସୂତ୍ର ଅନୁଯାୟୀ ବିସିସିଆଇକୁ ପତ୍ର ଲେଖି ନିର୍ଦ୍ଧାରିତ ତାରିଖରେ ମ୍ୟାଚ୍ ଆୟୋଜନ କରିବାରେ ଡିଡିସିଏ ନିଜର ଅସମର୍ଥତା ପ୍ରକାଶ କରିଛି। ଏହା ପଛରେ ବହୁ କାରଣ ଦର୍ଶାଯାଇଛି। କିନ୍ତୁ ସବୁଠୁ ବଡ଼ ଚିନ୍ତା ଦିଲ୍ଲୀର ପ୍ରଦୂଷଣ ସ୍ତରକୁ ନେଇ ରହିଛି। ଏହା ବ୍ୟତୀତ ଅରୁଣ ଜେଟଲୀ ଷ୍ଟାଡିୟମ୍‌ରେ ରେନୋଭେସନ୍ କାର୍ଯ୍ୟ ମଧ୍ୟ ଚାଲିଛି।

ଡିଡିସିଏର ଜଣେ ଅଧିକାରୀ କହିଛନ୍ତି ଯେ ରେନୋଭେସନ୍ କାମ ଅପେକ୍ଷା ଦିଲ୍ଲୀର ଏକ୍ୟୁଆଇ କାରଣରୁ ମ୍ୟାଚ୍ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରାଯାଉ ବୋଲି ଆମେ ଚାହୁଁଛୁ। ଡିଡିସିଏ ଅନୁସାରେ ଡିସେମ୍ବର ଅବସରରେ ରାଜଧାନୀର ପବନର ଗୁଣବତ୍ତା ଖେଳାଳିମାନଙ୍କ ପାଇଁ ଅସୁବିଧା ସୃଷ୍ଟି କରିପାରେ। ଗତବର୍ଷ ଡିସେମ୍ବରରେ ଦିଲ୍ଲୀର ହାରାହାରି ବାୟୁ ଗୁଣବତ୍ତା ଇଣ୍ଡେକ୍ସ (ଏକ୍ୟୁଆଇ) ୩୫୧ ରେକର୍ଡ କରାଯାଇଥିଲା। ସୋମବାର (ନଭେମ୍ବର ୨)ରେ ମଧ୍ୟ ରାଜଧାନୀରେ ପ୍ରଦୂଷଣର ସ୍ତର ଏହାର ଆଖପାଖରେ ରହିଥିଲା। ଏପରି ସ୍ଥିତିରେ ଡିଡିସିଏ କୌଣସି ପ୍ରକାର ରିସ୍କ ନେବାକୁ ଚାହୁଁନାହିଁ।

୨୦୧୭ ଡିସେମ୍ବରରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଦିଲ୍ଲୀରେ ଖେଳାଯାଇଥିବା ଟେଷ୍ଟ୍ ମ୍ୟାଚ୍ ମଧ୍ୟ ଡିଡିସିଏର ଚିନ୍ତା ପଛର କାରଣ ହୋଇଛି। ସେହି ମ୍ୟାଚ୍ ଅବସରରେ ପ୍ରଦୂଷଣ କାରଣରୁ ଶ୍ରୀଲଙ୍କା ଖେଳାଳି ପଡ଼ିଆରେ ବାନ୍ତି କରିଥିବା ଦେଖିବାକୁ ମିଳିଥିଲା। ଡିଡିସିଏ ଚାହେଁ ସେହି ଘଟଣାର ପୁନରାବୃତ୍ତି ନହେଉ। ଏହି ମ୍ୟାଚ୍ ଆସନ୍ତାବର୍ଷ କୌଣସି ଅନ୍ୟ ତାରିଖରେ କରାଯିବାକୁ ଡିଡିସିଏ ବିସିସିଆଇକୁ ଅନୁରୋଧ କରିଛି।

ଏବେ ଦିଲ୍ଲୀ ମ୍ୟାଚ୍‌ରୁ ହଟିବା ସ୍ଥିତିରେ ବିସିସିଆଇକୁ ପୂରା ସିରିଜ୍‌ର କାର୍ଯ୍ୟକ୍ରମରେ ପରିବର୍ତ୍ତନ କରିବାକୁ ପଡ଼ିପାରେ। ଭାରତ-ଶ୍ରୀଲଙ୍କା ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍ ଡିସେମ୍ବର ୧୩ ତାରିଖରେ ଦିଲ୍ଲୀରେ ହେବାର ଥିଲା। ଏହାପରେ ଦ୍ୱିତୀୟ ମ୍ୟାଚ୍ ଡିସେମ୍ବର ୧୬ରେ ବେଙ୍ଗାଲୁରୁ ଏବଂ ତୃତୀୟ ମ୍ୟାଚ୍ ଡିସେମ୍ବର ୧୯ରେ ଅହମଦାବାଦରେ ପ୍ରସ୍ତାବିତ ଅଛି। ଅନ୍ୟପକ୍ଷରେ ବିସିସିଆଇ ପ୍ରଥମରୁ ଏହି ମ୍ୟାଚ୍ ଦିଲ୍ଲୀରୁ ସ୍ଥାନାନ୍ତର କରାଯିବା ଖବରକୁ ଖାରଜ କରିସାରିଥିଲା।

ରଣଜୀ ଟ୍ରଫି ୪ର୍ଥ ରାଉଣ୍ଡ

ଦ୍ୱିତୀୟ ଦିନ ଝାଡ଼ଖଣ୍ଡ ୨୫୮/୫

ଭୁବନେଶ୍ୱର,୩।୧୧/ଏନ୍‌ଏନ୍‌ଏସ୍: ସ୍ଥାନୀୟ କିଟ୍ ଷ୍ଟାଡିୟମ୍‌ରେ ଖେଳାଯାଉଥିବା ଓଡ଼ିଶା ବିପକ୍ଷ ଚଳିତ ରଣଜୀ ଟ୍ରଫି ୪ର୍ଥ ରାଉଣ୍ଡ୍ ମ୍ୟାଚ୍‌ର ଦ୍ୱିତୀୟ ଦିନ ଝାଡ଼ଖଣ୍ଡ ପ୍ରଥମ ଇନିଂସ୍‌ରେ ୫ ୱିକେଟ୍ ହରାଇ ୨୫୮ ରନ୍ କରିଛି। ଷ୍ଟମ୍ପ୍ସ ବେଳକୁ ଆଦିତ୍ୟ ଚନ୍ଦ୍ରେଶ ସିଂହ ୯୪ ଏବଂ ୱିକେଟ୍‌କିପର୍ ରବିନ୍ ମିଞ୍ଜ୍ ୧୧ ରନ୍‌ରେ ବ୍ୟାଟିଂ କରୁଥିଲେ। ପ୍ରଥମ ଦିନର ଅସମାପ୍ତ ଇନିଂସ୍ ୩୭/୩ରୁ ଆଗକୁ ଖେଳିଥିବା ଟିମ୍ ଆଉ ୪୧ ରନ୍ ଯୋଡ଼ିବା ପରେ କ୍ୟାପ୍‌ଟେନ୍ ବିରାଟ ସିଂହ (୩୯ ରନ୍)ଙ୍କ ୱିକେଟ୍ ହରାଇଥିଲା। ନିନାଦ ରାଠୱା ତାଙ୍କୁ ଲଳିତ ଯାଦବଙ୍କ ହାତରେ କ୍ୟାଚ୍ କରାଇଥିଲେ। ବିରାଟ ଆଉଟ୍ ପୂର୍ବରୁ ଆଦିତ୍ୟ ଚନ୍ଦ୍ରେଶଙ୍କ ସହ ଚତୁର୍ଥ ୱିକେଟ୍ ପାଇଁ ୬୩ ରନ୍ ଯୋଡ଼ିଥିଲେ। ଏହାପରେ ଆଦିତ୍ୟ ଇନିଂସ୍ ସମ୍ଭାଳି ଅନୁକୂଳ ରାୟଙ୍କ ସହ ପଞ୍ଚମ ୱିକେଟ୍ ପାଇଁ ୧୫୫ ରନ୍‌ର ପାର୍ଟନରଶିପ୍ କରିଥିଲେ। ଅନୁକୂଳ (୮୯ ରନ୍)ଙ୍କୁ ଆଉଟ୍ କରି ବାଦଲ ବିଶ୍ନାଲ ଏହି ପାର୍ଟନରଶିପ୍‌ରେ ବ୍ରେକ୍ ଲଗାଇଥିଲେ। ଅନୁକୂଳଙ୍କ ୧୪୦ ବଲ୍‌ର ଇନିଂସ୍‌ରେ ୭ ଚୌକା ଓ ୨ ଛକା ସାମିଲ ଥିଲା। ଏହାପରେ ଓଡ଼ିଶା ବୋଲର୍ ଆଉଟ୍ କୌଣସି ୱିକେଟ୍ ପାଇନଥିଲେ। ଆଦିତ୍ୟ ୨୮୩ ବଲ୍‌ର ସଞ୍ଚୁଖୀନ ହୋଇ ୮ ଚୌକା ସହାୟତାରେ ୯୪ ରନ୍ କରି ଶତକ ଅଭିମୁଖେ ଅଗ୍ରସର ଅଛନ୍ତି।

ଫୁଟ୍‌ବଲ୍ ମ୍ୟାଚ୍‌ରେ ଅଘଟଣ

ଗୋଲ୍‌କିପର୍‌ଙ୍କ ସହ ଧକ୍କା ଲାଗି ଖେଳାଳିଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୩।୧୧/ଏଜେନ୍ସି: ସ୍ପେନ୍‌ର ଦ୍ୱିତୀୟ ଡିଭିଜନ୍ ଫୁଟ୍‌ବଲ୍ ଲିଗ୍‌ର ଏକ ମ୍ୟାଚ୍ ବେଳେ ସିଡି ଟେନେରିଫ୍ କ୍ଲବ୍‌ର ୩୦ ବର୍ଷୀୟ ଷ୍ଟ୍ରାଇକର୍ ଜିସସ୍ ଡି ମୁଗୁଏଲ୍‌ଙ୍କର ନିଧନ ହୋଇଛନ୍ତି। ସୋମବାର ଏଫ୍‌ସି ଅଣ୍ଡୋରା ବିପକ୍ଷ ମ୍ୟାଚ୍‌ର ଅନ୍ତିମ ମିନିଟ୍‌ରେ ପ୍ରତିପକ୍ଷ ଟିମ୍‌ର ଗୋଲ୍‌କିପର୍ ସିସସ୍ ଓଭୋନୋଙ୍କ ସହ